READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ନିଆଳୀ : ପହଙ୍ଗା ସ୍ଥିତ ବଡମଠରେ ନୂଆବର୍ଷ ପାଞ୍ଜି ପଠନ

ବର୍ଷ-୫ ସଂଖ୍ୟା-୧୨ ୦୫ - ୧୧ ଏପ୍ରିଲ, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-12 05th - 11th APRIL, 2021 BHUBANESWAR ₹ 5/- (8 Pages)

## ‘ଆଧୁନିକ ଓଡ଼ିଆ ଭାଷାର ଜନକ ସାରଳା ଦାସ’




**କଟକ :** ‘ଆଦିକବି ସାରଳା ଦାସ ହେଉଛନ୍ତି ଆଧୁନିକ ଓଡ଼ିଆ ଭାଷାର ଜନକ। ପଞ୍ଚଦଶ ଶତାବ୍ଦୀର ଆଦିକାଳରେ ପ୍ରଚଳିତ ଭାଷାକୁ ବ୍ୟବହାର କରି ସାହିତ୍ୟକୁ ଲୋକାଭିମୁଖୀ କରିବାରେ ସାରଳା ଦାସ ଥିଲେ ଅଗ୍ରଦୂତ। ବିଶେଷକରି ମହାଭାରତରେ ସେ ଯେଉଁ ଶବ୍ଦାବଳୀ ପ୍ରୟୋଗ କରିଛନ୍ତି ତାହା ବୁଝିବା ପାଇଁ କୌଣସି ପାଠକକୁ ଶବ୍ଦକୋଷ ଆବଶ୍ୟକ ହେବନାହିଁ। ସମସ୍ତେ ବୁଝିପାରିବା ଭଳି ସରଳ ଭାଷାରେ ଜଟିଳ ଭାବକୁ ବ୍ୟକ୍ତ କରିବା ଏତେ ସହଜ ନୁହେଁ। ଏହା ହେଉଛି ମହାନ କବିମାନଙ୍କ ଏକ ସ୍ୱାତନ୍ତ୍ର୍ୟ, ଯାହାକି ଜନମାନସର ହୃଦୟ ଜିତିପାରିଛି। ସାରଳା ଦାସ ହେଉଛନ୍ତି ମହାନ କବିମାନଙ୍କ ଏକ ସ୍ୱାତନ୍ତ୍ର୍ୟ, ଯାହାକି ଜନମାନସର ହୃଦୟ ଜିତିପାରିଛି। ସାରଳା ଦାସ ସେହିପରି ଜଣେ ମହାନ ବ୍ୟକ୍ତିତ୍ୱ।’ କଟକସ୍ଥିତ ସାରଳା ଭବନରେ ଆୟୋଜିତ ଆଦିକବି ସାରଳା ଦାସଙ୍କ ୬୦୦ତମ ଜନ୍ମ ଉତ୍ସବ ତଥା ସାରଳା ସାହିତ୍ୟ ସଂସଦର ୪୦ତମ ବାର୍ଷିକ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପରାଷ୍ଟ୍ରପତି ଭେଙ୍କିଆ ନାଇଡୁ ନିଜର ଅଭିଭାଷଣରେ ଏହା କହିଛନ୍ତି। ଆଦିକବି ସାରଳା ଦାସଙ୍କ ୬୦୦ତମ ଜନ୍ମବାର୍ଷିକୀ ଅବସରରେ ଉପରାଷ୍ଟ୍ରପତି ଶୁକ୍ରବାର ସଂଧ୍ୟାରେ କହିଛନ୍ତି, ସାରଳାଙ୍କ ସମସାମୟିକ ସାଧୁ ତଥା କବି କବୀର ଦାସ ମଧ୍ୟ ଜୀବନର ନିରାଟ ସତ୍ୟକୁ ସାବଲୀଳ ଭାବେ ପ୍ରଚଳିତ ହିନ୍ଦୀରେ ରଚନା କରିଥିଲେ। ତାଙ୍କର ଜନାଦୃତ ରଚନା ପାଇଁ ସମାଜର ସବୁ ବର୍ଗର ଲୋକ ଆଜି ତାଙ୍କର କଥାର ଉଦାହରଣ ଦିଅନ୍ତି। ପରବର୍ତ୍ତୀ ସମୟରେ ଆସିଥିବା ତେଲୁଗୁ ଭାଷାରେ ମହାନ କବି ଓ ଦାର୍ଶନିକ ଯୋଗୀ ବେମ୍ମନା ମଧ୍ୟ ସେହିପରି ଭଙ୍ଗୀରେ ରଚନା କରିଥିଲେ ➤ ପୃ-୬

# ଆଗକୁ କରୋନା ସ୍ଥିତି ଜଟିଳ

## ୧୧ ରାଜ୍ୟର ସ୍ଥିତି ଚିନ୍ତାଜନକ

**ନୂଆଦିଲ୍ଲୀ :** ଟୀକାକରଣ ହେଉଛି ୫ଟି ଉପକରଣ ମଧ୍ୟରୁ ଗୋଟିଏ-ଅଧିକ ପରୀକ୍ଷଣ, କଠୋର କଣ୍ଟେନେମେଣ୍ଟ, କୋଭିଡର ଉପଯୁକ୍ତ ଆଚରଣର ତ୍ୱରିତ କଣ୍ଟାକ ଟ୍ରେସିଂ ଏବଂ ଏନ୍‌ଫୋର୍ସମେଣ୍ଟ-ତୀବ୍ରତାର ଗୁରୁତ୍ୱକୁ ଅର୍ନ୍ତଭୁକ୍ତ କରିବା। କ୍ୟାବିନେଟ ସଚିବ ରାଜୀବ ଗୌବା ସମସ୍ତ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବ, ଡିଜି ପୋଲିସ ଏବଂ ସ୍ୱାସ୍ଥ୍ୟ ସଚିବଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧକ୍ଷତା କରିଥିବାବେଳେ ଗତ ୨ ସପ୍ତାହରେ ୧୧ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ଦୈନିକ ବୃଦ୍ଧି ପାଉଥିବା କୋଭିଡ୍-୧୯ ସଂକ୍ରମଣ ଓ ମୃତ୍ୟୁ ନେଇ ହୋଇଥିବା ରିପୋର୍ଟ ଉପରେ ଫୋକସ୍ କରିଛନ୍ତି। ବୈଠକରେ କୋଭିଡ୍ ପରିଚାଳନା ଏବଂ ପ୍ରତିକ୍ରିୟା ରଣନୀତି ସମୀକ୍ଷା ଏବଂ ଆଲୋଚନା ପାଇଁ ମୁଖ୍ୟ ସଚିବ, ଡିଜିପି ଏବଂ ସମସ୍ତ ରାଜ୍ୟ/



କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ସ୍ୱାସ୍ଥ୍ୟ ବୃତ୍ତିଧାରୀ ନୀତି ଆୟୋଗର ସଦସ୍ୟ, କେନ୍ଦ୍ର ଗୃହ ସଚିବ, କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ, କେନ୍ଦ୍ର ସଚିବ, ଡିଜି ଆଇସିଏମ୍‌ଆର, ଏବଂ ଏନ୍‌ସିଡିସିର ନିର୍ଦ୍ଦେଶକ ପ୍ରମୁଖ ଯୋଗ ଦେଇଥିଲେ। ୧୫ର ଦିନ ମଧ୍ୟରେ କୋଭିଡ ସ୍ଥିତିର କ୍ରମାଗତ ଅବନତି ହେତୁ ବର୍ତ୍ତମାନର ପରିସ୍ଥିତିକୁ ➤ ପୃ-୬

## ପୁଣିଥରେ ଖୋଲିବ ‘ଫିଭର କ୍ଲିନିକ୍’

**ଭୁବନେଶ୍ୱର :** ଦୀର୍ଘ ୪ ମାସ ପରେ ପୁଣି ଓଡ଼ିଶାରେ ପ୍ରଥମଥର ପାଇଁ ସଂକମ୍ରିତଙ୍କ ସଂଖ୍ୟା ୪ଶହ ପାର କରିଛି। ଏହାକୁ ଦେଖି ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱତନ୍ତ୍ର ଫିଭର (ଜ୍ୱର) କ୍ଲିନିକ୍ ଖୋଲିବା ସହ ସମସ୍ତ ଜିଲ୍ଲା କଣ୍ଟ୍ରୋଲ ରୁମ୍‌କୁ ପୁଣିଥରେ ଆୟୁଷ ଡାକ୍ତରମାନଙ୍କ ଦ୍ୱାରା ସକ୍ରିୟ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଅଜିତ କୁମାର ମହାନ୍ତି ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମେତ କ୍ୟାପିଟାଲ ହସ୍ପିଟାଲ ଓ ରାଉରକେଲା ସରକାରୀ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ଚିଠି ଲେଖି କୋଭିଡ୍ ସଂକମ୍ରିତ ମାମଲା ବୃଦ୍ଧି ପାଉଥିବାରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ମହାନ୍ତି ତାଙ୍କ ଚିଠିକୁ ‘ଅତ୍ୟନ୍ତ ଜରୁରୀ’ ବୋଲି ଦର୍ଶାଇ ଲେଖିଛନ୍ତି ଯେ, କୋଭିଡ୍ ମହାମାରୀର ଦ୍ୱିତୀୟ ଲହର ଏବେ ଆସିଯାଇଛି। ବିଭିନ୍ନ ଜିଲ୍ଲାରେ ବୃଦ୍ଧି ପାଉଥିବା କୋଭିଡ୍ ସଂକ୍ରମଣ ମାମଲାର ମୁକାବିଲା ପାଇଁ ତୁରନ୍ତ କେତେକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

**ପ୍ରତ୍ୟେକ ସଂକ୍ରମିତଙ୍କ ୩୦ କଣ୍ଟାକ୍ଟ ଟ୍ରେସିଂ ନିର୍ଦ୍ଦେଶ**

**ଶଯ୍ୟା ସହ ଅକ୍ସିଜେନ, ଆଇସିୟୁ ପ୍ରସ୍ତୁତ ରଖ**

ସର୍ଭିଲାନ୍ସ ଓ ଆରଟିପିସିଆର ଟେଷ୍ଟ ବୃଦ୍ଧି କରିବାକୁ ପରାମର୍ଶ ଦେଇ ସେ କହିଛନ୍ତି ଯେ, ଫ୍ଲୁ ଜନିତ ଅସୁସ୍ଥତା (ଆଇଏଲ୍‌ଆଇ) ଓ ଗୁରୁତର ନିଶ୍ୱାସପ୍ରଶ୍ୱାସ ସମସ୍ୟା ବା ସଂକ୍ରମଣ (ଏସ୍‌ଏଆରଆଇ) ମାମଲା, ରେଡ୍ ଫ୍ଲାଗ୍ ଚିହ୍ନଟ ହୋଇଥିବା ଅଞ୍ଚଳ ଓ ରାଜ୍ୟରୁ ଆସୁଥିବା ଲୋକ ବା ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକ, ପ୍ରତ୍ୟେକ ସଂକ୍ରମଣ ➤ ପୃ-୬

### ଅଳ୍ପ ଆଳାପରେ ...



ପିପିଲିର ଲୋକପ୍ରିୟ ନେତା ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ

## ଚାଷୀଙ୍କ ତ୍ୟାଗ ରାଜ୍ୟର ସ୍ୱାଭିମାନ ବୃଦ୍ଧି କରିଛି : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ନୂଆ ଆର୍ଥିକ ବର୍ଷ ଆରମ୍ଭ ହେବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ‘କାଳିଆ’ ଯୋଜନାରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିବା ନେଇ ଘୋଷଣା କରିଛନ୍ତି। ପବିତ୍ର ଓଡ଼ିଶା ଦିବସ ଅବସରରେ ୩୪ଲକ୍ଷ ଚାଷୀଙ୍କ ବ୍ୟାଙ୍କ ଖାତାକୁ ‘କାଳିଆ’ ଯୋଜନାରେ ୬୯୩ କୋଟି ୯୪ଲକ୍ଷ ଟଙ୍କା ଜମା ହୋଇଛି। ରବି ଋତୁ ପାଇଁ ଚାଷୀମାନଙ୍କ ଆକାଉଣ୍ଟକୁ ଏହି ଟଙ୍କା ଯାଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି। ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପବିତ୍ର ଓଡ଼ିଶା ଦିବସ ଆମ ସମସ୍ତଙ୍କ ପାଇଁ ଏକ ଆନନ୍ଦର ଦିନ। ଏହି ଅବସରରେ ଆମର ଚାଷୀ ଭାଇ ଓ ଭଉଣୀମାନଙ୍କୁ



ମୋର ଅଭିନନ୍ଦନ ଜଣାଉଛି। ଏହି ଦିନଠାରୁ ମଧ୍ୟ ଆମର ନୂଆ ଆର୍ଥିକ ବର୍ଷ ୨୦୨୧-୨୨ ଆରମ୍ଭ ହେଉଛି। ମହାତ୍ମା ଗାନ୍ଧି ଓ ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ଚାଷୀଙ୍କ କଲ୍ୟାଣ କାର୍ଯ୍ୟକ୍ରମରୁ ହିଁ ମୁଁ ନୂଆ ଆର୍ଥିକ ବର୍ଷ ଆରମ୍ଭ କରୁଛି। କାଳିଆ ଯୋଜନା ଆମର ଏକ ଗୁରୁତ୍ୱପୂର୍ଣ୍ଣ ଚାଷୀ କଲ୍ୟାଣ କାର୍ଯ୍ୟକ୍ରମ। ଆମର ୩୪ଲକ୍ଷ ଚାଷୀଙ୍କ ବ୍ୟାଙ୍କ ଖାତାକୁ କାଳିଆ ଯୋଜନାରେ ୭୦୦ କୋଟି ଟଙ୍କା ଜମା କରାଗଲା। କାଳିଆ ଯୋଜନାରେ ୩୪ଲକ୍ଷ ଚାଷୀ ଉପକୃତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ କହିଛନ୍ତି। ଚାଷୀର ତ୍ୟାଗ ଓ ସ୍ୱାଭିମାନ ହିଁ ଆଜି ଓଡ଼ିଶାର ସ୍ୱାଭିମାନ ବୃଦ୍ଧି କରିଛି। ଓଡ଼ିଶାର ଚାଷୀ ଆଜି ଅନ୍ୟ ରାଜ୍ୟକୁ ଖାଦ୍ୟ ଯୋଗାଉଛି। କୃଷି କର୍ମଣ ପୁରସ୍କାର ପାଇ ଓଡ଼ିଶାକୁ ଗର୍ବିତ କରୁଛି। ଚାଷୀକୁ ବିନା ସୁଧରେ ଋଣ, ନୂଆ କୃଷି ନୀତି ଆଦି ➤ ପୃ-୬

## ଆହୁରି ତିନି ମାସ ସିଝିବ

**ଭୁବନେଶ୍ୱର :** ଆହୁରି ତିନି ମାସ ସିଝିବ ସାରା ଓଡ଼ିଶା। ଏପରି ପୂର୍ବାନୁମାନ କରିଛି ଭାରତର ପାଣିପାଗ ବିଭାଗ (ଆଇଏମ୍‌ଡି)। ଏପ୍ରିଲ-ମେ’ଓ ଜୁନ୍ ମାସ ପ୍ରବଳ ଗ୍ରୀଷ୍ମପ୍ରବାହ ଲାଗିରହିବ। ଏହି ତିନି ମାସ ପାଇଁ କରାଯାଇଥିବା ଆକଳନ ସୂଚାଉଛି ଯେ ଏବର୍ଷ ସାଧାରଣ ତାପମାତ୍ରା ଠାରୁ ଓଡ଼ିଶାରେ ୦.୩୫ ଡିଗ୍ରି ସେଲସିୟସ୍ ଅଧିକ ରହିବ। ଗ୍ରୀଷ୍ମର ପ୍ରଚଣ୍ଡ ତାତିରେ ଏବର୍ଷ ଓଡ଼ିଶା ସିଝିବ। ଗତମାସରେ ଆଇଏମ୍‌ଡି କରିଥିବା ପୂର୍ବାନୁମାନ ଅନୁସାରେ ମାର୍ଚ୍ଚ ଶେଷ ସପ୍ତାହରୁ ଗ୍ରୀଷ୍ମର ପ୍ରଖରତା ଅନୁଭୂତ ହେଉଛି। ଗତ କିଛିଦିନ ତଳେ ବାରିପଦାରେ ତାପମାତ୍ରା ଦେଶରେ ସବୁଠାରୁ ଅଧିକ ଥିଲା ଏବଂ ପରେ ରାଜଧାନୀ ଭୁବନେଶ୍ୱର ତାପମାତ୍ରା ୧୯୪୮ ମସିହା ପରେ ସବୁଠାରୁ ଅଧିକ ବୋଲି ପାଣିପାଗ ବିଜ୍ଞାନୀ




କହିଛନ୍ତି। ତାପମାତ୍ରାରେ ଓଡ଼ିଶା ରେକର୍ଡ କରିଛି। ଏଭଳି ସମୟରେ ପାଣିପାଗ ବିଭାଗର ମାସିକ ପୂର୍ବାନୁମାନ କେଉଁଠି ନା କେଉଁଠି ସଙ୍କେତ ଦେଉଛି ଯେ ଆଗକୁ ପରିସ୍ଥିତି ଅଧିକ ଭୀଷଣ ହେବ ଓ ଏବର୍ଷ ଗ୍ରୀଷ୍ମରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଯିବା ସମ୍ଭାବନାକୁ ଏଡ଼ାଇ ଦେଇ ହେବନାହିଁ। ଭାରତର ପାଣିପାଗ ➤ ପୃ-୬

### ବକ୍ରବାଣୀ



ଲୋକଙ୍କ ଭିତରେ ଲଗେଇ ନିଆଁ
ଏତେ ସ୍ୱପ୍ନ ନେତା ଦେଖନ୍ତି କିଆଁ
ଜିଇଁଥିଲା ବେଳେ ଢିଲା ମାରନ୍ତି
ମରିବା ବେଳକୁ ଲେଖିଯାଆନ୍ତି
ସ୍ୱପ୍ନ ସବୁ ପୁରା କରିବା ପାଇଁ
ତାଙ୍କ ପିଲା ଛୁଆ ଆସନ୍ତି ଧାଇଁ
ମିଛରେ ଆଖିରୁ ଗଡେଇ ଲୁହ
କୁହନ୍ତି ଆମକୁ ଭୋଅଟ ଦିଅ
ଜିତିଗଲେ ଆମେ ସରଗ ଦବୁ
ଅଧୁରା ସପନ ପୁରା କରିବୁ।

——— ଟୁଟୁ

## ୨୦୩୬ ସୁଦ୍ଧା ସମୃଦ୍ଧ ରାଜ୍ୟରେ ପରିଣତ ହେବ ଓଡ଼ିଶା : ଧର୍ମେନ୍ଦ୍ର

**ଭୁବନେଶ୍ୱର :** ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଭାଷାଭିତ୍ତିକ ଓଡ଼ିଶା ରାଜ୍ୟ ଗଠନ ହୋଇଥିଲା। ଏକ ମହାନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରଖି ମହାପୁରୁଷମାନେ ସୀମା ହୀନ, ଜାତିହୀନ ଓ ଭାଷାହୀନ ଖଣ୍ଡ ବିଖଣ୍ଡିତ ଓଡ଼ିଶାକୁ ଏକାଠି କରିଥିଲେ। ବିଚ୍ଛିନ୍ନ ଓଡ଼ିଶାକୁ ଏକତ୍ର କରିବା ପାଇଁ ମହାପୁରୁଷମାନେ ଯେଉଁ ଉଦ୍ୟମ କରିଥିଲେ, ତାହା ଓଡ଼ିଶାବାସୀ କେବେ ଭୁଲି ପାରିବେ ନାହିଁ ବୋଲି ୮୬ତମ ‘ଉତ୍କଳ ଦିବସ’ ଅବସରରେ କୋଲକାତାର ହୁଗୁଲି ନଦୀ ପଠାରୁ ଭର୍ଚୁଆଲ ପ୍ଲାଟଫର୍ମ ଜରିଆରେ ସାମିଲ ହୋଇ ଓଡ଼ିଆ ଲୋକଙ୍କୁ ସମ୍ବୋଧନ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ୨୦୩୬ ସୁଦ୍ଧା ଓଡିଶାକୁ ବିଶ୍ୱର ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ସଂକଳ୍ପ ନେବାକୁ ପଡିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅଗ୍ରଣୀ ବରପୁତ୍ର ଓ ମହାପୁରୁଷ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ପଶ୍ଚିମବଙ୍ଗର ପ୍ରବାସୀ ଓଡିଆଙ୍କ ସହ ରାଜ୍ୟ ସଙ୍ଗୀତ ‘ବନ୍ଦେ ଉତ୍କଳ ଜନନୀ’ ଗାନ



କରିଥିଲେ। ସେ କହିଛନ୍ତି ଯେ ୨୦୩୬କୁ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଗଠନ ହେବାର ୧୦୦ ବର୍ଷ ପୂରଣ କରିବ। ସେହିପରି ୨୦୪୭କୁ ମଧ୍ୟ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ହେବ। ଏହି ସମୟ ମଧ୍ୟରେ ଆମେ ଓଡ଼ିଶାକୁ ଶକ୍ତିଶାଳୀ ସମାଜ କରିବାକୁ ହେବ। କେବଳ ଭାରତବର୍ଷରେ ନୁହେଁ ବରଂ ବିଶ୍ୱରେ ଏକ ସମୃଦ୍ଧ ଅଂଚଳ ଭାବରେ ଗର୍ବ ତୋଳିବାର ଦାୟିତ୍ୱ ଆମେ ନେବା ଦରକାର। ଉତ୍କଳ ଗୌରବ ମଧୁସୂଦନ ଦାସ, ➤ ପୃ-୬




CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

Approved By-
Odisha Real Estate Regulatory Authority
State Bank of India THE BANKER TO EVERY INDIAN
Bhubaneswar Municipal Corporation
Progress Through Partnership for Better Bhubaneswar

EVOS PARADISE,
Near AIIMS Hospital,BBSR




For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in

**କନ୍ଧମାଳରେ ମେଡିକାଲ କଲେଜ ନିର୍ମାଣ ସ୍ଥିତି ସମୀକ୍ଷା କଲେ ମୁଖ୍ୟ ସଚିବ, ୫-ଟି ସଚିବ**

## ଅଢ଼େଇ ବର୍ଷରେ ସରିବ ନିର୍ମାଣ କାର୍ଯ୍ୟ

**ଭୁବନେଶ୍ୱର :** ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ୫-ଟି’ ସଚିବ ଭି.କେ. ପାଣ୍ଡିଆନଙ୍କ ସମେତ ପୂର୍ତ୍ତ ସଚିବ କ୍ରିଷ୍ଣ କୁମାର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଦିନିକିଆ କନ୍ଧମାଳ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସଚିବମାନେ ଆଜି ପୂର୍ବାହ୍ନ ୧୧ଟା ସମୟରେ ହେଲିକପ୍ଟର ଯୋଗେ ଆସି ଜିଲ୍ଲା ସଦର ମହକୁମା ଫୁଲବାଣୀ ନିକଟସ୍ଥ ଗୁଦାରି ଏରୋଡ୍ରମ ପଡିଆରେ ଓହ୍ଲାଇଥିଲେ। ସେଠାରେ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଡ. ବୃନ୍ଦା ଡି ସମସ୍ତ ସଚିବମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହାପରେ ମୁଖ୍ୟ ଶାସନ ସଚିବ ଏବଂ ୫-ଟି’ ସଚିବ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିବା ସହ ୫-ଟି ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମ ଗୁଡିକ କିଭଳି ଚାଲିଛି ସେସବୁର ସମୀକ୍ଷା କରିଥିଲେ। ବିଶେଷକରି କନ୍ଧମାଳରେ ପ୍ରସ୍ତାବିତ ମେଡିକାଲ କଲେଜ ନିର୍ମାଣ ➤ ପୃ-୬



## କେମିତି କଟିବ ଏ ସପ୍ତାହ

**ମେଷ** — ଆତ୍ମବିଶ୍ୱାସ ବୃଦ୍ଧି ହେବ। ପାରିବାରିକ ଶାନ୍ତି ବଢ଼ିବ। ମା' ଲକ୍ଷ୍ମୀଙ୍କ କୃପାରୁ ଅର୍ଥ ପ୍ରାପ୍ତି ହେବ। କାର୍ଯ୍ୟକ୍ଷେତ୍ରରେ ପ୍ରତିଶ୍ରୁତି ଦିଅନ୍ତୁ ନାହିଁ। ଛାତ୍ରମାନେ ପାଠ ଅପେକ୍ଷା ଅନ୍ୟ କାର୍ଯ୍ୟରେ ମନଦେବେ। ଜୀବନସାଥୀଙ୍କ ଠାରୁ ପ୍ରେରଣା ମିଳିବ।

**ବୃଷ** — ଏ ସପ୍ତାହରେ ଚା' ଓ କଫି ପିଇବାରୁ ଦୂରେଇ ରହନ୍ତୁ। ଅଜଣା ସୂତ୍ରରୁ ପଇସା ଉପାର୍ଜନ ହେବ। କିନ୍ତୁ ଘରୋଇ କାର୍ଯ୍ୟରେ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ମଧ୍ୟରେ କଳହ ହୋଇପାରେ। ଅନେକ ନୂତନ ସୁଯୋଗ ମିଳିବ।

**ମିଥୁନ** — ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବ। ଅନାବଶ୍ୟକ ଖର୍ଚ୍ଚରୁ ଦୂରେଇ ରହନ୍ତୁ। ବନ୍ଧୁଙ୍କ ସହ ଭଲ ସମୟ କଟିବ। ଶତ୍ରୁମାନେ ପରାସ୍ତ ହେବେ। କାର୍ଯ୍ୟ କ୍ଷେତ୍ରରେ ନିଜର ପ୍ରଭାବ ବୃଦ୍ଧି ପାଇବ। ଛାତ୍ରମାନଙ୍କ ପାଠରେ ମନ ଲାଗିବନାହିଁ।

**କର୍କଟ** — ଉତ୍ତମ ସ୍ୱାସ୍ଥ୍ୟ ଅନୁଭବ କରିବେ। ବ୍ୟବସାୟୀମାନେ ଅନ୍ୟ ରାଜ୍ୟକୁ ଯାଇ ପାରନ୍ତି। ସବୁଜ ପନିପରିବା ଖାଦ୍ୟ ଗ୍ରହଣ କରନ୍ତୁ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। ବନ୍ଧୁ ଓ ପରିବାରର ଲୋକେ ଆପଣଙ୍କ ସପକ୍ଷରେ ଠିଆ ହେବେ।

**ସିଂହ** — ସ୍ୱାସ୍ଥ୍ୟରେ ଅବନତି ହେବ। ପରିବାରରେ ଶାନ୍ତି ରହିବ। କିନ୍ତୁ କୌଣସି ଜିନିଷ ଭାଙ୍ଗି ଯାଇପାରେ ବା ହଜି ଯାଇପାରେ। ଛାତ୍ରମାନଙ୍କୁ ପରିବାରର ବଡମାନଙ୍କ ଠାରୁ ଅନୁଶାସନ ଓ ତାଗିଦ ମିଳିପାରେ।

**କନ୍ୟା** — ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ମଦ୍ୟପାନରୁ ଦୂରେଇ ରହନ୍ତୁ। ସ୍ୱାସ୍ଥ୍ୟହାନୀ ହୋଇପାରେ। ଆର୍ଥିକ ସ୍ଥିତି ସୁଧୁରିବ। ପରିବାରର ଗୁରୁଜନ ଓ ଲଘୁଜନ ସହ ମତାନ୍ତର ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ଝଗଡା ହୋଇପାରେ।

**ତୁଳା** — ଶାରୀରିକ ସମସ୍ୟା ଦୂରେଇ ଯିବ। ଅର୍ଥ ବିନିଯୋଗ ପୂର୍ବରୁ ପରାମର୍ଶ ନିଅନ୍ତୁ। ବିବାଦର ସମାଧାନ ହେବ। ସପରିବାର ଭ୍ରମଣରେ ଯାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ମିଳିପାରେ।

**ବିଛା** — ସ୍ୱାସ୍ଥ୍ୟ ଭଲ ରହିବ ଓ ଆତ୍ମବିଶ୍ୱାସ ବଢ଼ିବ। ସପ୍ତାହର ଶେଷ ଭାଗରେ ଅର୍ଥପ୍ରାପ୍ତି ଯୋଗ ଅଛି। କୌଣସି ଘର ବା ବାହାନ କ୍ରୟ କରିପାରନ୍ତି। ପରିବାର ଅନ୍ୟ ସଦସ୍ୟ ଚାକିରି ପାଇ ପାରନ୍ତି। ଶତ୍ରୁ ପରାସ୍ତ ହେବେ।

**ଧନୁ** — ମାତା-ପିତାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ପୁରସ୍କୃତ ହୋଇପାରନ୍ତି। ପରିବାରରେ ସହଯୋଗ ବଢ଼ିବ। କାମ ନ ସରିବା ପର୍ଯ୍ୟନ୍ତ ଲକ୍ଷ୍ୟରୁ ହଟନ୍ତୁ ନାହିଁ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ।

**ମକର** — ସ୍ୱାସ୍ଥ୍ୟ ଭଲ ରହିବ। କାର୍ଯ୍ୟକ୍ଷେତ୍ରରେ ବୋଝ ବଢ଼ିବ। ଆର୍ଥିକ ସ୍ଥିତି ଅଧିକ ମଜଭୁତ ହେବ। ମାତାପିତାଙ୍କୁ ଖରାପ ବ୍ୟବହାର କରିପାରନ୍ତି। ଛାତ୍ରମାନେ ପାଠରେ ଉତ୍ତମ ପ୍ରଦର୍ଶନ କରିବେ। ପ୍ରେମିକମାନେ ବସ୍ତ୍ର ପରିଧାନ ପାଇଁ କଳହ କରିପାରନ୍ତି।

**କୁମ୍ଭ** — ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ମସଲା ଖାଦ୍ୟରୁ ଦୂରେଇ ରହନ୍ତୁ। ଖର୍ଚ୍ଚ କଲା ସମୟରେ ନିୟନ୍ତ୍ରଣ ରଖନ୍ତୁ। ପିଲାଙ୍କ ସଫଳତାରେ ଗର୍ବିତ ହେବେ। ଛାତ୍ରମାନେ ପାଠ ଅପେକ୍ଷା ମଉଜ ମଜଲିସରେ ମନଦେବେ। ବୈବାହିକ ଜୀବନରେ ସୁଖବର ମିଳିପାରେ।

**ମୀନ** — ସ୍ୱାସ୍ଥ୍ୟ ସାମାନ୍ୟରୁ ଉତ୍ତମ ରହିବ। ସଞ୍ଚୟ ପ୍ରତି ଧ୍ୟାନ ଦିଅନ୍ତୁ। ପରିବାରରେ ସମ୍ବନ୍ଧ ବଢ଼ିବ। ଭଲ ଭଲ ଖାଦ୍ୟ ଖାଇବାକୁ ମିଳିବ। ବ୍ୟବସାୟରେ ଶୁଭ ଖବର ମିଳିବ ଓ ଉନ୍ନତି ହେବ। ମାନସିକ ଶାନ୍ତି ମିଳିବ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

---

ଭାରତୀୟ ପ୍ରତିରକ୍ଷା ବାହିନୀରେ ହେବ ବଡ଼ ଧରଣର ନବକଳେବର

# ଗଠନ ହେବ ମେରିଟାଇମ ଓ ଏୟାର ଡିଫେନ୍ସ କମାଣ୍ଡ

**ନୂଆଦିଲ୍ଲୀ :** ବିଶ୍ୱର ପରିବର୍ତ୍ତିତ ସୁରକ୍ଷା ସ୍ଥିତିକୁ ଦୃଷ୍ଟିରେ ରଖି ଭାରତର ପ୍ରତିରକ୍ଷା ବାହିନୀରେ ଏକ ବଡ଼ ଧରଣର ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି କେନ୍ଦ୍ର ସରକାର। ଏକ ସ୍ୱତନ୍ତ୍ର ମେରିଟାଇମ କମାଣ୍ଡ୍ ଓ ଏୟାର ଡିଫେନ୍ସ କମାଣ୍ଡ୍ ସ୍ଥାପନ କରାଯିବ। ଏହା ସହିତ ଚୀନ ଓ ପାକିସ୍ତାନ ପାଇଁ କିମ୍ବା ୪ଟି ଥିଏଟର କମାଣ୍ଡ ସ୍ଥାପନ କରାଯିବ। ଆସନ୍ତା ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ସମ୍ପର୍କରେ ଲାଲକିଲ୍ଲା ପ୍ରାଚୀରରୁ



ଘୋଷଣା କରିବାର ସମ୍ଭାବନା ରହିଛି ବୋଲି ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି। ଏୟାର ଡିଫେନ୍ସ କମାଣ୍ଡର ମୁଖ୍ୟାଳୟ ଆହ୍ଲାବାଦଠାରେ ଅବସ୍ଥିତ ରହିବ ଓ ଏହା ଶତ୍ରୁର ବିମାନ କିମ୍ବା ଅନ୍ୟ ଆକାଶ ଆକ୍ରମଣରୁ ତିନି ସେନାର ବିଭିନ୍ନ ଅଫିସ ଓ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବ। ଭାରତୀୟ ବାୟୁସେନାର ଜଣେ ତିନି ତାରକାଧାରୀ ଅଫିସର ଏହାର ମୁଖ୍ୟ ରହିବେ। ସେହିପରି ମେରିଟାଇମ କମାଣ୍ଡର ମୁଖ୍ୟାଳୟ କରୱାରଠାରେ ରହିବ ଓ ଏହା ଭାରତ ମହାସାଗରୀୟ ଅଞ୍ଚଳରେ ଭାରତର ସୁରକ୍ଷା କରିବ। ଭାରତୀୟ ନୌସେନାର ଜଣେ ତିନି ତାରକାଧାରୀ ଅଫିସର ଏହାର ମୁଖ୍ୟ ରହିବେ। ଅନ୍ୟପକ୍ଷରେ ଚୀନ ଓ ପାକିସ୍ତାନ ପକ୍ଷରୁ ବଢ଼ିଚାଲିଥିବା ବିପଦର ସମ୍ମୁଖୀନ ହେବାକୁ ଭାରତ ୩ଟି କିମ୍ବା ୪ଟି ଇଣ୍ଟିଗ୍ରେଟେଡ ଥିଏଟର କମାଣ୍ଡ ଗଠନ କରିବ। ଚୀନ ସୀମାରେ ଦୁଇଟି ଥିଏଟର କମାଣ୍ଡ ଓ ପାକିସ୍ତାନ ସୀମାରେ ଗୋଟିଏ ଥିଏଟର କମାଣ୍ଡ ରହିବ। ଗୋଟିଏ ଥିଏଟର କମାଣ୍ଡ ଅଧିନରେ ସବୁପ୍ରକାରର ମିଲିଟାରୀ ଆସେଟ ରହିବ। ଯୁଦ୍ଧ ସ୍ଥିତିରେ ଏହି ଥିଏଟର କମାଣ୍ଡ ଏକ ସମନ୍ୱିତ ୟୁନିଟ ଭାବେ କାର୍ଯ୍ୟକରିବ।

## ରଜନୀକାନ୍ତଙ୍କୁ ଦାଦାସାହେବ ଫାଲ୍କେ



**ଚେନ୍ନାଇ :** ସୁପରଷ୍ଟାର ରଜନୀକାନ୍ତଙ୍କୁ ଏବର୍ଷର ସମ୍ମାନଜନକ 'ଦାଦାସାହେବ ଫାଲ୍କେ ପୁରସ୍କାର' ପ୍ରଦାନ କରାଯିବ ବୋଲି କେନ୍ଦ୍ର ମନ୍ତ୍ରୀ ପ୍ରକାଶ ଜାଭଡ଼େକର ଘୋଷଣା କରିଛନ୍ତି। ଟୁଇଟ୍ କରି ପ୍ରକାଶ ଜାଭଡ଼େକର୍ ଲେଖିଛନ୍ତି, ଭାରତୀୟ ଚଳଚ୍ଚିତ୍ର ଇତିହାସରେ ଅନ୍ୟତମ ମହାନ୍ ଅଭିନେତା ରଜନୀକାନ୍ତଜୀଙ୍କୁ ୨୦୧୯ ବର୍ଷ ପାଇଁ ଦାଦାସାହେବ ଫାଲ୍କେ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରି ଆନନ୍ଦିତ। ଜଣେ ଅଭିନେତା, ପ୍ରଯୋଜକ ଏବଂ ଚିତ୍ରନାଟ୍ୟକାର ଭାବେ ତାଙ୍କର ଅବଦାନ ବ୍ୟାପକ ସ୍ୱୀକୃତି ଲାଭ କରିଛି। ଭାରତୀୟ ଚଳଚ୍ଚିତ୍ରର ଜନକ ଧୁନ୍ଦିରାଜ୍ ଗୋବିନ୍ଦ ଫାଲ୍କେଙ୍କ ନାମରେ ନାମିତ ଏହି ସମ୍ମାନଜନକ ପୁରସ୍କାର ୧୯୬୯ରେ ଆରମ୍ଭ ହୋଇଥିଲା। ଭାରତୀୟ ଚଳଚ୍ଚିତ୍ରର ଅଭିବୃଦ୍ଧି ଏବଂ ବିକାଶରେ ଅବଦାନ ଦେଇଥିବା ବ୍ୟକ୍ତିବିଶେଷଙ୍କୁ ଏହି ସମ୍ମାନରେ ଭୂଷିତ କରାଯାଏ। ସୂଚନା ଓ ପ୍ରସାରଣ ମନ୍ତ୍ରାଳୟଦ୍ୱାରା ଗଠିତ 'ଡାଇରେକ୍ଟୋରେଟ୍ ଅଫ୍ ଫେଷ୍ଟିଭାଲ୍ସ'ଦ୍ୱାରା 'ଦାଦାସାହେବ ଫାଲ୍କେ' ପୁରସ୍କାର ପରିଚାଳନା କରିଥାଆନ୍ତି। ଚଳଚ୍ଚିତ୍ର ଜଗତ ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ନିମନ୍ତେ ଏହା ସବୁଠୁ ସମ୍ମାନଜନକ ପୁରସ୍କାର ଭାବେ ବିବେଚନା କରାଯାଏ। ପୁରସ୍କାର ଭାବେ ୧୦ ଲକ୍ଷ ଟଙ୍କାର ନଗଦ ଅର୍ଥ ସହ ଏକ 'ସ୍ୱର୍ଣ୍ଣ କମଳ' (ସୁବର୍ଣ୍ଣ ପଦ୍ମ) ପ୍ରଦାନ କରାଯାଏ।

## କୋଭିସିଲ୍ଡ ଟିକାକୁ ୯ ମାସ ଗଚ୍ଛିତ କରି ରଖାଯାଇ ପାରିବ: ରିପୋର୍ଟ

**ନୂଆଦିଲ୍ଲୀ:** ଏବେ ୬ମାସ ପରିବର୍ତ୍ତେ ୯ମାସ ପର୍ଯ୍ୟନ୍ତ ଆଷ୍ଟ୍ରାଜେନେକାର କୋଭିସିଲ୍ଡ ଟିକାକୁ ଗଚ୍ଛିତ କରି ରଖାଯାଇ ପାରିବ। ପ୍ରସ୍ତୁତ ହେବାର ୯ମାସ ପର୍ଯ୍ୟନ୍ତ ଲୋକେ ଏହି ଟିକା ନେଇପାରିବେ। ପୂର୍ବରୁ ଏହାର ଏକ୍ସପାରୀ ଡେଟ ୬ମାସ ମଧ୍ୟରେ ରହୁଥିବା ବେଳେ ଏବେ ଏହାକୁ ୯ମାସ ପର୍ଯ୍ୟନ୍ତ ବଢ଼ାଇଛନ୍ତି ଭାରତର ଡ୍ରଗ୍ ନିୟାମକ। ଏହି ଅନୁମତି ପରେ ଏବେ ଟିକା କମ ନଷ୍ଟ ହେବା ସହ ଅଧିକ ଦିନ ପର୍ଯ୍ୟନ୍ତ ଏହାକୁ ଗଚ୍ଛିତ ରଖାଯାଇ ହିତାଧିକାରୀଙ୍କୁ ଦିଆଯାଇପାରିବ। ଭାରତରେ କୋଭିସିଲ୍ଡ ତିଆରି



କରୁଥିବା ସେରମ ଇନଷ୍ଟିଚ୍ୟୁଟ ଡ୍ରଗ୍ ନିୟନ୍ତ୍ରକ-ଜେନେରାଲ ଭିଜି ସୋମାନିଙ୍କୁ ଚିଠି ଲେଖି କୋଭିସିଲ୍ଡ ଟିକାକୁ ଅଧିକ ଦିନ ରଖାଯାଇପାରିବ କି ନାହିଁ ପ୍ରଶ୍ନ କରିଥିଲା। ଏହାର ଉତ୍ତରରେ କୋଭିସିଲ୍ଡକୁ ତିଆରି ହେବାର ୯ମାସ ପର୍ଯ୍ୟନ୍ତ ରଖାଯାଇ ବ୍ୟବହାର କରାଯାଇ ପାରିବ ବୋଲି କହିଛନ୍ତି ଭିଜି ସୋମାନି। ଭାରତରେ ଏବେ କୋଭିସିଲ୍ଡ ଏବଂ ଭାରତ ବାୟୋଟେକ ଦ୍ୱାରା ପ୍ରସ୍ତୁତ କୋଭାକ୍ସିନ ଟିକା ହିତାଧିକାରୀଙ୍କୁ ଦିଆଯାଉଛି। ପୂର୍ବରୁ ୬୦ବର୍ଷରୁ ଉର୍ଦ୍ଧ୍ୱ ଏବଂ ଅନ୍ୟ ଗମ୍ଭୀର ଶାରୀରିକ ସମସ୍ୟା ଥିବା ୪୫ବର୍ଷୀୟ ବ୍ୟକ୍ତି ଏହି ଟିକା ନେଇପାରିବେ ବୋଲି ସରକାର ଘୋଷଣା କରିଥିବା ବେଳେ ଏପ୍ରିଲ ୧ରୁ ୪୫ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ କରୋନା ଟିକା ଦିଆଯିବ ବୋଲି ଘୋଷଣା କରାଯାଇଛି।

## 'ଘର ଘର ବୁଲି ଟିକା ଦେବା ସମ୍ଭବ ନୁହେଁ'

**ନୂଆଦିଲ୍ଲୀ:** ଦେଶରେ ଜାରି ରହିଛି କରୋନାର ଦ୍ୱିତୀୟ ଲହର। ପ୍ରତିଦିନ ୫୦ ହଜାରରୁ ଅଧିକ ନୂଆ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଏହାରି ଭିତରେ କରୋନାକୁ ମାତ୍ ଦେବା ପାଇଁ ଟିକାକରଣ ମଧ୍ୟ ଜାରି ରହିଛି। ତେବେ ଘର ଘର ବୁଲି ଟିକା ଦେବା ସମ୍ଭବ ନୁହେଁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରାଳୟ କହିଛି। କରୋନାର ଦ୍ୱିତୀୟ ଲହରରେ ଅଧିକ ପ୍ରଭାବିତ ହୋଇଛି ମହାରାଷ୍ଟ୍ର। ଏଠାରେ ସଂକ୍ରମିତଙ୍କ ସଂଖ୍ୟା କ୍ଷିପ୍ର ଗତିରେ ବଢ଼ିବାରେ ଲାଗିଛି, ଯାହା ମହାରାଷ୍ଟ୍ର ସରକାରଙ୍କ ଚିନ୍ତା ବଢ଼ାଇ ଦେଇଛି। ଏଭଳି ସ୍ଥିତିକୁ ଦେଖି ମହାରାଷ୍ଟ୍ର ସରକାର ଘର ଘର ବୁଲି ଟିକାକରଣ



କରିବାକୁ ଅନୁମତି ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ନିବେଦନ କରିଥିଲେ। ତେବେ ଏହା ସମ୍ଭବ ନୁହେଁ ଓ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ଏନେଇ କୌଣସି ଔପଚାରିକ ରୂପେ ନିବେଦନ କରାଯାଇ ନାହିଁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରାଳୟ କହିଛି। ଟିକା କେବଳ ବୟସ୍କ ବ୍ୟକ୍ତିଙ୍କ ପାଇଁ। ଏହା ନେବା ପରେ ପାର୍ଶ୍ୱପ୍ରତିକ୍ରିୟା ଦେଖାଦେଇପାରେ। ଏଥିଲାଗି ଟିକା ନେବା ପରେ ପ୍ରତିଟି ବ୍ୟକ୍ତିଙ୍କୁ ୩୦ ମିନିଟ୍ ଡାକ୍ତରଙ୍କ ତଦାରଖରେ ରଖାଯାଉଛି ବୋଲି ସ୍ୱାସ୍ଥ୍ୟ ସଚିବ କହିଛନ୍ତି। ଯେକୌଣସି ରାଜ୍ୟରେ ଘର ଘର ବୁଲି ଟିକା ଦେବା ପାଇଁ କେନ୍ଦ୍ରର ଅନୁମତି ଆବଶ୍ୟକ ରହିଛି। ଏଥିଲାଗି ନିକଟରେ ବ୍ରିହାନମୁମ୍ବାଇ କର୍ପୋରେସନ ମୁଖ୍ୟ ଇକବାଲ ଚହଲ ମହାରାଷ୍ଟ୍ର ସରକାରଙ୍କୁ ଏନେଇ ଅନୁରୋଧ କରିଥିଲେ। ଘର ଘର ବୁଲି ଟିକାକରଣ କରିବା ଦ୍ୱାରା ସଂକ୍ରମଣ କିଛି ମାତ୍ରାରେ କମିପାରିବା ସହ ସମସ୍ତ ଲୋକ ଟିକା ପାଇପାରିବେ ବୋଲି ସେ କହିଥିଲେ।

## 'କରୋନା ଭୂତାଣୁ ପ୍ରାଣୀ ଶରୀରରୁ ବ୍ୟାପିଛି'



**ବେଜିଙ୍ଗ୍ :** ପରୀକ୍ଷାଗାରରୁ ଲିକ୍ ହୋଇ ବ୍ୟାପିବା ନୁହେଁ, ବାଦୁଡ଼ି କିଂବା ଅନ୍ୟ ପ୍ରାଣୀଙ୍କ ମାଧ୍ୟମରେ କରୋନାଭାଇରସ୍ ମାନବ ଶରୀରରେ ପ୍ରବେଶ କରିଥିବାର ମନେହୁଏ ବୋଲି 'କୋଭିଡ୍-୧୯'ର ଉତ୍ପତ୍ତି ସଂକ୍ରାନ୍ତରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ଚୀନ୍ କରିଥିବା ମିଳିତ ଅଧ୍ୟୟନରୁ ଜଣାପଡ଼ିଛି। ଏହି ଅଧ୍ୟୟନ ଆଧିକାରୀକ ଭାବେ ପ୍ରକାଶ ପାଇନାହିଁ। ତେବେ ଆନ୍ତର୍ଜାତିକ ଗଣମାଧ୍ୟମରେ ଏ ନେଇ ରିପୋର୍ଟ ପ୍ରକାଶ ପାଇଛି। ପ୍ରକାଶିତ ଖବର ଅନୁସାରେ, କୋଭିଡ୍ ଭୂତାଣୁ ପରୀକ୍ଷାଗାର ପ୍ରସ୍ତୁତ ନୁହେଁ ଓ ଏହା କେଣସି ପରୀକ୍ଷାଗାରରୁ ମାନବ ଶରୀରକୁ ଯାଇନାହିଁ। ଭୂତାଣୁ ବାଦୁଡ଼ି କିମ୍ବା ଅନ୍ୟ ପ୍ରାଣୀର ଶରୀରରୁ ମଣିଷ ଶରୀରକୁ ବ୍ୟାପିଛି। ଅନେକ ବିଶେଷଜ୍ଞଙ୍କ ଅନୁସାରେ, ଏହି ଅଧ୍ୟୟନ ସେତେ ସନ୍ତୋଷଜନକ ହୋଇ ପାରିନାହିଁ। ଏହାର ନିଷ୍କର୍ଷ ଅନେକ ସନ୍ଦେହକୁ ମଧ୍ୟ ଦୂର କରିପାରିନାହିଁ। ଏହି ରିପୋର୍ଟ ପ୍ରକାଶ ପାଇବାରେ ବାରମ୍ବାର ବିଳମ୍ବ ଘଟୁଥିବାରୁ ସନ୍ଦେହ ହେଉଛି ଯେ, ନିଜ ଉପରୁ ଦୋଷଛଡ଼ାଇବା ଲାଗି ଚୀନ୍ ଏହି ରିପୋର୍ଟର ଉପସଂହାରକୁ ଏକତରଫା କରୁନାହିଁ ତ! ଗତ ସପ୍ତାହରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଜଣେ ଅଧିକାରୀ କହିଥିଲେ ଯେ, ଅଳ୍ପ କେତେ ଦିନ ମଧ୍ୟରେ ପ୍ରକାଶନ ପାଇଁ ରିପୋର୍ଟ ପ୍ରସ୍ତୁତ ହୋଇଯିବ। କିନ୍ତୁ, ସମ୍ବାଦ ସରବରାହ ସଂସ୍ଥାନ 'ଏପି' ଜଣେ କୂଟନୀତିଜ୍ଞଙ୍କ ଠାରୁ ସଂଗ୍ରହ କରିଥିବା ଏହି ରିପୋର୍ଟର 'ଡ୍ରାଫ୍ଟ କପି' ଚୂଡ଼ାନ୍ତ ପର୍ଯ୍ୟାୟର ବୋଲି ଜଣାପଡୁଛି।

## ଇଞ୍ଚେ ବି ଜମି ହରାଇନାହିଁ ଭାରତ : ସେନାମୁଖ୍ୟ



**ନୂଆଦିଲ୍ଲୀ :** ଗତ ବର୍ଷ ଭାରତ ଓ ଚୀନ ସେନା ମଧ୍ୟରେ ହୋଇଥିବା ସଂଘର୍ଷରେ ଭାରତ ଇଞ୍ଚେ ବି ଜମି ହରାଇନାହିଁ ବୋଲି ସେନାମୁଖ୍ୟ ଜେନେରାଲ ଏମଏମ ନାରାୱାଣେ କହିଛନ୍ତି। ଚୀନ ସହ ହୋଇଥିବା ୯ ସ୍ତରୀୟ କୋର କମାଣ୍ଡର ବୈଠକ ପରେ ଚୀନ ସେନା ପୂର୍ବ ଲଦାଖରୁ ପଛକୁ ହଟିଥିଲା ଓ ତା'ପରଠାରୁ ଉକ୍ତ ଅଞ୍ଚଳରେ ଶାନ୍ତି ରହିଛି ବୋଲି ସେ କହିଛନ୍ତି। ଏକ ସମ୍ବାଦ ସରବରାହ ସଂସ୍ଥାକୁ ସାକ୍ଷାତକାର ଦେଇ ସେ କହିଛନ୍ତି ଯେ ଗତ ଫେବୃଆରି ୧୦ରେ ସୈନ୍ୟ ପ୍ରତ୍ୟାହାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସେବେଠାରୁ ଯୋଜନା ଅନୁସାରେ ସୈନ୍ୟପ୍ରତ୍ୟାହାର ଚାଲିଛି। ପେଙ୍ଗୟାଂ ସୋର ଉତ୍ତର ଓ ଦକ୍ଷିଣ ପଟୁ ଓ କୈଳାଶ ରେଂଜରେ ମୁତୟନ ଥିବା ସୈନ୍ୟମାନେ ନିଜ ନିଜର ନିକଟତମ ସ୍ଥାନୀୟ ଶିବିରକୁ ଚାଲିଗଲେଣି। ଏଣୁ ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ଯେଉଁ ବିପଦର ଆଶଙ୍କା ଥିଲା ତାହା ଏବେ ଦୂରୀଭୂତ ହୋଇଛି। କିନ୍ତୁ ଚୀନକୁ ଭାରତ ଇଞ୍ଚେ ବି ଜମି ଛାଡ଼ିନାହିଁ। ଆମେ ପୂର୍ବରୁ ଯେଉଁଠି ଥିଲୁ ଏବେ ବି ସେଇଠି ରହିଛୁ ବୋଲି ସେ କହିଛନ୍ତି।

# ଭାରତର ଜିଡ଼ିପି ଅଭିବୃଦ୍ଧି ୧୨.୫% ମଧ୍ୟରେ ରହିପାରେ : ବିଶ୍ୱବ୍ୟାଙ୍କ

**ୱାଶିଂଟନ :** କୋଭିଡ-୧୯ ମହାମାରୀ ପ୍ରଭାବ ଏବଂ ଗତ ଏକବର୍ଷ ଧରି ଦେଶବ୍ୟାପୀ ଲକ୍‌ଡାଉନ ଜନିତ ପରିସ୍ଥିତିରୁ ଭାରତୀୟ ଅର୍ଥନୀତିର ସୁଧାର ଚମତ୍କାର ଢଙ୍ଗରେ ହୋଇଛି, କିନ୍ତୁ ଏହା ଉପରୁ ବିପଦ ଏବେ ମଧ୍ୟ ଟଳିନାହିଁ ବୋଲି ବିଶ୍ୱ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ବିଶ୍ୱ ବ୍ୟାଙ୍କର ସଦ୍ୟତମ ରିପୋର୍ଟରେ ଅନୁମାନ କରାଯାଇଛି ଯେ, ୨୦୨୧-୨୨ ଆର୍ଥିକ ବର୍ଷରେ ଭାରତର ପ୍ରକୃତ ଜିଡିପି ଅଭିବୃଦ୍ଧି ୭.୫%ରୁ ୧୨.୫% ମଧ୍ୟରେ ରହିପାରେ। ୱାଶିଂଟନସ୍ଥିତ ବିଶ୍ୱ ବ୍ୟାଙ୍କ ତାହାର ସଦ୍ୟତମ ଦକ୍ଷିଣ ଏସିଆ ଅର୍ଥନୈତିକ ଫୋକସ୍ ରିପୋର୍ଟରେ କହିଛି, କୋଭିଡ-୧୯ ମହାମାରୀ ବ୍ୟାପିବା ଆରମ୍ଭ ହେବା ସମୟରେ ଦେଶର ଅର୍ଥନୀତି ମନ୍ଥର ଅବସ୍ଥାରେ ରହିଥିଲା। ୨୦୧୭ ଆର୍ଥିକ




ବର୍ଷରେ ଏହା ୮.୩%ରେ ପହଂଚିବା ପରେ ୨୦୨୦ ଆର୍ଥିକ ବର୍ଷରେ ଅଭିବୃଦ୍ଧି ୪%କୁ ହ୍ରାସପାଇଥିଲା। ବେସରକାରୀ ଉପଭୋକ୍ତା ଅଭିବୃଦ୍ଧି କ୍ଷେତ୍ରରେ ହ୍ରାସ ଏବଂ ଆର୍ଥିକ କ୍ଷେତ୍ରରେ ବୃହତ ଅଣ ବ୍ୟାଙ୍କିଙ୍ଗ ଅର୍ଥଲଗାଣକାରୀ ସଂସ୍ଥା ଦେବାଳିଆ ହେବା ଜନିତ ଧକ୍କା କାରଣରୁ ଅର୍ଥନୀତିରେ ମନ୍ଥର ଅବସ୍ଥା ପରିଲକ୍ଷିତ ହୋଇଥିଲା। ପୂର୍ବରୁ ପୁଞ୍ଜିନିବେଶ କ୍ଷେତ୍ରରେ ରହିଥିବା ଦୁର୍ବଳ ସ୍ଥିତି ଏହାକୁ ଅଧିକ ଗୁରୁତର କରିଦେଇଥିଲା। ତେବେ ସଂପ୍ରତି ମହାମାରୀ ଓ ନୀତିଗତ କ୍ଷେତ୍ରରେ ଅନିଶ୍ଚିତ ଅବସ୍ଥା ପରିପ୍ରେକ୍ଷୀରେ ୨୦୨୧-୨୨ ଆର୍ଥିକ ବର୍ଷରେ ଦେଶର ପ୍ରକୃତ ଜିଡ଼ିପି ଅଭିବୃଦ୍ଧି ୭.୫%ରୁ ୧୨.୫% ମଧ୍ୟରେ ହୋଇପାରେ। ଅବଶ୍ୟ ଟିକାକରଣ ଅଭିଯାନ କିଭଳି ଅଗ୍ରସର ହେଉଛି, ପୁନଃ ଲକ୍‌ଡାଉନ ଜାରି ହେଉଛି କି ନହିଁ ଏବଂ ବିଶ୍ୱ ଅର୍ଥନୀତିରେ କେତେ ଶୀଘ୍ର ସୁଧାର ଆସୁଛି, ଏସବୁ ଉପରେ ଦେଶର ଜିଡ଼ିପି ଅଭିବୃଦ୍ଧି ନିର୍ଭର କରୁଛି। ବର୍ଷକ ପୂର୍ବର ସ୍ଥିତିରୁ ଭାରତ କେତେଦୂର ଆଗକୁ ଆସିଛି ତାହା ବାସ୍ତବରେ ଉଲ୍ଲେଖଯୋଗ୍ୟ। ବର୍ଷକ ପୂର୍ବରୁ ମାନ୍ଦା ଅବସ୍ଥା ସଂପୂର୍ଣ୍ଣ ଅପ୍ରତ୍ୟାଶିତ ଥିଲା ଏବଂ ପ୍ରାୟ ସମସ୍ତ କ୍ଷେତ୍ରରେ କାର୍ଯ୍ୟକଳାପ ୩୦ରୁ ୪୦% ହ୍ରାସ ପାଇଥିଲା। ଟିକା କେବେ ପ୍ରସ୍ତୁତ ହେବ, ସେଥିନେଇ ନିଶ୍ଚିତତା ନଥିଲା। ତାହାସହିତ ମହାମାରୀକୁ ନେଇ ମଧ୍ୟ ବ୍ୟାପକ ଅନିଶ୍ଚିତ ଅବସ୍ଥା ଲାଗି ରହିଥିଲା। ଯଦି ତାହାକୁ ବର୍ତ୍ତମାନ ସ୍ଥିତି ସହିତ ତୁଳନା କରାଯାଏ, ତେବେ ଭାରତ ପୂର୍ବ ଅବସ୍ଥାକୁ ଫେରୁଛି। ଏହା ଅନେକ କାର୍ଯ୍ୟକଳାପକୁ ଉନ୍ମୁକ୍ତ କରିଛି, ଟିକାକରଣ ଆରମ୍ଭ ହୋଇଛି ଏବଂ ଟିକା ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ସ୍ଥାନରେ ରହିଛି ବୋଲି ବିଶ୍ୱ ବ୍ୟାଙ୍କର ଦକ୍ଷିଣ ଏସିଆ ଅଂଚଳ ପାଇଁ ଥିବା ମୁଖ୍ୟ ଅର୍ଥନୀତିଜ୍ଞ ହାନ୍ସ ଟିମର କହିଛନ୍ତି। ଏସବୁ ସତ୍ତ୍ୱେ ପରିସ୍ଥିତି ଏବେମଧ୍ୟ ଆହ୍ୱାନମୂଳକ ହୋଇ ରହିଛି। କରୋନର ଦ୍ୱିତୀୟ ଲହର ଦେଶରେ ପରିଲକ୍ଷିତ ହେଉଛି। ଭାରତର ବିଶାଳ ଜନସଂଖ୍ୟାକୁ ଟିକାକରଣ କରିବା ମଧ୍ୟ ଏକ ବିରାଟ ଆହ୍ୱାନ ହୋଇଛି।

# ପୃଥିବୀର କେନ୍ଦ୍ରସ୍ଥଳରେ ପହଞ୍ଚିବା ପାଇଁ ଉଦ୍ୟମ; ଭୂପୃଷ୍ଠରେ ଖୋଳାଗଲା ଗଭୀରତମ ଗର୍ତ୍ତ

**ମସ୍କୋ :** ପ୍ରକୃତିର ସବୁକିଛି ସଂପର୍କରେ ଟିକିନିଖି ଜାଣିବା ଉଦ୍ୟମ କରୁଛି ଆଧୁନିକ ମଣିଷ। ପ୍ରକୃତି ଦ୍ୱାରା ସବୁକିଛି କେମିତି ସୃଷ୍ଟି ହୋଇଛି, ତାହାର ଉପାଦାନ ସବୁ କ'ଣ, ଆଉ ସବୁ କ'ଣ ଏମିତି ରହିଯାଇଛି, ଯାହା ଏପର୍ଯ୍ୟନ୍ତ ଜଣାପଡିନି, ସେସବୁ ବିଷୟରେ ଜାଣିବାର ଅହରହ ପ୍ରୟାସ କରୁଛି ମଣିଷ। ମହାକାଶକୁ ଯାଇ ଗ୍ରହ, ଉପଗ୍ରହ, ନକ୍ଷତ୍ର, ତାରକାମଣ୍ଡଳ ସମ୍ପର୍କରେ ଜାଣିବାର ଦୁର୍ବାର ଇଚ୍ଛାରେ ମଣିଷ ପ୍ରତିବର୍ଷ ମହାକାଶ ଅଭିଯାନ ଜାରି ରଖିଛି। ଏପରିକି ମହାକାଶରେ ଘଟୁଥିବା ଘଟଣାବଳୀ ସଂପର୍କରେ ଜାଣିବା ଏବଂ ଅଧିକ ତଥ୍ୟ ସଂଗ୍ରହ ପାଇଁ ସେଠାରେ ଏକ ଗବେଷଣା କେନ୍ଦ୍ର ମଧ୍ୟ ସ୍ଥାପନ କରିସାରିଛି। ଏବେ ପୃଥିବୀ ବିଷୟରେ ଜାଣିବାର ଇଚ୍ଛା ତା' ମନରେ ଦୃଢ ଭାବରେ ଜାଗିଛି। ପୃଥିବୀର ଅଭ୍ୟନ୍ତରରେ କ'ଣ ରହିଛି, ତାହାର କେନ୍ଦ୍ରସ୍ଥଳକୁ କିଭଳି ପହଂଚିହେବ, ସେହି ଉଦ୍ୟମ ମଣିଷ ଆରମ୍ଭ କରିଛି। ବିଶେଷକରି ଆମେରିକା ଓ ରୁଷିଆର ବୈଜ୍ଞାନିକ ଏ ଦିଗରେ ଆଗୁଆ ରହିଛନ୍ତି। ଆମେରିକା ପ୍ରଥମେ ଏହି ପ୍ରୟାସ କରିଥିଲା। ୧୯୫୮ରେ 'ପ୍ରୋଜେକ୍ଟ ମୋହୋଲ୍' ନାମରେ ଏହି ଉଦ୍ୟମ ମେକ୍ସିକୋର ଗ୍ୱାଡାଲୁପ୍ପାରେ କରାଯାଇଥିଲା। ଆମେରିକା ଇଂଜିନିୟରମାନଙ୍କର ଏକ ଦଳ ପ୍ରଶାନ୍ତ ମହାସାଗର ନିମ୍ନଭାଗକୁ ଖନନ କରିବା ଆରମ୍ଭ କରିଥିଲେ। କିନ୍ତୁ ତାହାର ଆଠବର୍ଷ ପରେ ଏହି ପ୍ରକଳ୍ପ ପାଇଁ ଦିଆଯାଉଥିବା ଅର୍ଥ ପରିମାଣ ହ୍ରାସ କରାଗଲା ଏବଂ ଶେଷରେ ଏହି ପ୍ରକଳ୍ପକୁ ବନ୍ଦ କରିଦିଆଗଲା। ପରେ ୧୯୭୦ରେ ରୁଷିଆର ଗବେଷକମାନେ ଏଭଳି ଏକ ବିରଳ ପ୍ରୟାସ କରିଥିଲେ। ଦେଶର ଉତ୍ତର ପଶ୍ଚିମ ଭାଗରେ



ଗବେଷକମାନେ ପୃଥିବୀର କେନ୍ଦ୍ର ପର୍ଯ୍ୟନ୍ତ ପହଂଚିବା ଲକ୍ଷ୍ୟରେ ଏକ ଗର୍ତ୍ତ ଖୋଳିବା ଆରମ୍ଭ କରିଥିଲେୟ ପେସେଙ୍ଗସି ଜିଲାରେ ଏହା ଖୋଳାଗଲା। ଏହାଦେଖି ଆମେରିକା ମଧ୍ୟ ପୁନର୍ବାର ଉଦ୍ୟମ କରିଥିଲା। ୧୯୭୪ରେ ଆମେରିକାର ଲୋନ୍‌ଷ୍ଟାର ପ୍ରଡ୍ୟୁସିଂ କମ୍ପାନୀ ୱାଶିତା କାଉଂଟିରେ ତୈଳ ଖନନ ପାଇଁ ଗର୍ତ୍ତ ଖୋଳିବା ଆରମ୍ଭକଲା। ସମୟକ୍ରମେ ଏହା ୩୪ହଜାର ଫୁଟ ଗଭୀରତା ପର୍ଯ୍ୟନ୍ତ ଖୋଳାଯାଇଥିଲା। ଏହାକୁ ଖୋଳିଚାଲିବା ପରେ ଏକ ସମୟରେ ସେମାନେ ଏଭଳି ଏକ ଘଟଣା ଦେଖିଲେ, ଯେଉଁଥିପାଇଁ ସେମାନଙ୍କୁ ଏହା ବନ୍ଦ ରଖିବାକୁ ପଡିଲା। ଲୋନ୍‌ଷ୍ଟାର ଏହା ଯେଉଁଥିପାଇଁ ଖୋଳୁଥିଲା ତାହା ନପାଇବା ପରେ ଖୋଳିବା ସେହିଠାରେ ବନ୍ଦ ରଖିଲା। ପରବର୍ତ୍ତୀ ପାଂଚ ବର୍ଷ ପର୍ଯ୍ୟନ୍ତ ତାହା ଗଭୀତରମ ଗର୍ତ୍ତ ହୋଇ ରହିଥିଲା। ପରେ ୧୯୭୯ରେ ରୁଷିଆ ଗବେଷକମାନେ ସେମାନଙ୍କ ଗର୍ତ୍ତକୁ ଖୋଳିବା ଆରମ୍ଭ କଲେ ଏବଂ ୧୯୮୩ ସୁଦ୍ଧା ତାହା ୩୯ହଜାର ଫୁଟ ଗଭୀର ହୋଇଥିଲା। ପରେ ତାହାକୁ ବନ୍ଦ କରିଦିଆଗଲା। ୧୯୮୯ରେ ପୁନଶ୍ଚ ତାହାକୁ ଖୋଳି ୪୦,୨୩୦ ଫୁଟ ଗଭୀର ପର୍ଯ୍ୟନ୍ତ ନିଆଗଲା। କିନ୍ତୁ ଗର୍ତ୍ତ ଯେତିକି ଗଭୀର ଏବଂ ପୃଥିବୀର କେନ୍ଦ୍ରସ୍ଥଳ ନିକଟବର୍ତ୍ତୀ ହେଉଥିଲା, ସେତିକି ସେତିକି ଆଶ୍ଚର୍ଯ୍ୟଜନକ ଘଟଣା ଘଟୁଥିଲା। ପ୍ରଥମ ୩ହଜାର ମିଟର ପର୍ଯ୍ୟନ୍ତ ଗବେଷକ ଆଶା କରୁଥିବା ସ୍ତରରେ ତାପମାତ୍ରା ରହିଥିଲା। କିନ୍ତୁ ତାହାପରେ ସେଥିରେ ଅସ୍ୱାଭାବିକ ଭାବେ ବୃଦ୍ଧି ଘଟିଲା। ସେମାନେ ଗଭୀରତମ ସ୍ଥାନରେ ପହଂଚିବାବେଳେ ତାପମାତ୍ରା ୧୮୦ ଡିଗ୍ରୀ ସେଲ୍ସିୟସ ପର୍ଯ୍ୟନ୍ତ ପହଂଚିଥିଲା। କେବଳ ସେତିକି ନୁହେଁ, ଅଭ୍ୟନ୍ତରରେ ଥିବା ପଥରର ଘନତ୍ୱ ମଧ୍ୟ କମ୍ ରହିଥିବା ଦେଖାଗଲା। ସେଠାରେ ଗବେଷକମାନେ ଦେଖିଲେ ଯେ ସେଠାରେ ଉପକରଣ ତିଷ୍ଠି ରହିବା ସମ୍ଭବ ନୁହେଁ। ସେତେବେଳେକୁ ସେମାନେ ୨୨ବର୍ଷ କାଳ ଗର୍ତ୍ତକୁ ଖୋଳି ଚାଲିଥିଲେ। ବାଧହୋଇ ସେମାନଙ୍କୁ ପ୍ରକଳ୍ପ ସେହିଠାରେ ବନ୍ଦ ରଖିବାକୁ ପଡିଲା। ସେତେବେଳକୁ ଗର୍ତ୍ତର ଗଭୀରତା ପ୍ରାୟ ୧୨,୦୦୦ ମିଟରରେ ପହଂଚିସାରିଥିଲା।

### ରାଜ୍ୟକୁ କେନ୍ଦ୍ରର ଚିଠି

# ଆମ ଯୋଜନାରେ ତୁମ ଲୋଗୋ ଲଗାଅନି

**ଭୁବନେଶ୍ୱର :** ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ପକ୍କା ଘରେ ଲାଗି ପାରିବନି ବିଜୁ ପକ୍କାଘର ଯୋଜନାର ଲୋଗୋ। ରାଜ୍ୟ ସରକାରଙ୍କୁ ଏନେଇ ଚିଠି ଲେଖି ଜଣାଇଛି କେନ୍ଦ୍ର। ଗତକାଲି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି କେନ୍ଦ୍ର ଗ୍ରାମୀଣ ବିକାଶ ବିଭାଗର ପ୍ରମୁଖ ସଚିବ ନଗେନ୍ଦ୍ର ନାଥ ସିହ୍ନା ଜଣାଇଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଯୋଜନାକୁ ରାଜ୍ୟରେ ଅବିକଳ ଭାବେ ଏବଂ ସେହି ନାଁରେ ଲାଗୁ କରାଯାଉ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଗୃହକୁ କେବଳ ଏହି ନାଁର ଲୋଗୋ ଲଗାଇବାକୁ ରାଜ୍ୟ ସରକାରଙ୍କୁ ଚିଠିରେ କୁହାଯାଇଛି। ରଧାନନମନ୍ତ୍ରୀ ଆବାସ ଯୋଜନାରେ ଲୋକଙ୍କୁ ମିଳିଥିବା ଘରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କା ଘର ଯୋଜନାର ଦୁଇଟି ଯାକ ଲୋଗୋ ଥାଇ ଷ୍ଟିକର ଲଗାଯିବା ଘଟଣାକୁ ପୂର୍ବରୁ ବିରୋଧ କରିଆସୁଥିଲା ବିଜେପି। ଏପରିକି ରାଜ୍ୟପାଳଙ୍କୁ ମଧ ଏନେଇ ବିଜେପି ଆପତ୍ତି କରିବା ସହ ବିଜୁ ପକ୍କାଘର ଯୋଜନାର ଷ୍ଟିକର ହଟାଇବାକୁ ଦାବି କରି ସ୍ମାରକପତ୍ର ଦେଇଥିଲା। ସେହିପରି ଗତ ଫେବ୍ରୁଆରୀ ୧୨ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବିଜେପି ସାଂସଦମାନଙ୍କ ଏକ ଟିମ୍ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ଭେଟି ଏହି ପ୍ରସଙ୍ଗରେ ବ୍ୟକ୍ତିଗତ ହସ୍ତକ୍ଷେପ ଲାଗି ଅନୁରୋଧ କରିଥିଲେ। ଏହା ପରେ ରାଜ୍ୟ ସରକାରଙ୍କୁ ଏନେଇ ଚିଠି ଲେଖି କେନ୍ଦ୍ରୀୟ ଯୋଜନାରେ ରାଜ୍ୟ ଯୋଜନାର ଲୋଗୋ ଲାଗିବା ଅନୁମୋଦିତ ନୁହେଁ ବୋଲି ଜଣାଇଛି କେନ୍ଦ୍ର ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଘରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅଫିସିଆଲ୍ ଲୋଗୋ ଲଗାଇବାକୁ ରାଜ୍ୟକୁ କୁହାଯାଇଛି।

# ରାଜ୍ୟବ୍ୟାପୀ ଧାନମଣ୍ଡି ବନ୍ଦ

**ଭୁବନେଶ୍ୱର :** ରାଜ୍ୟରେ ଧାନମଣ୍ଡି ବନ୍ଦ ହୋଇଗଲା। ଆଉ ଧାନ ବିକି ପାରିବେନି ଚାଷୀ। ଯୋଗାଣ ମନ୍ତ୍ରୀଙ୍କ ଜିଲ୍ଲାରେ ୧୨ ହଜାର ଚାଷୀ ଧାନ ବିକି ପାରିନାହାନ୍ତି। କେବଳ ସେତିକି ନୁହେଁ, ୫ ହଜାର ଟୋକନର ମଧ ଅବଧି ଶେଷ ହୋଇଯାଇଛି। ତେବେ ବିଧାନସଭାରେ ମନ୍ତ୍ରୀ କହିଥିଲେ, ସବୁ ଚାଷୀଙ୍କଠାରୁ ଧାନ କିଣାଯିବ। ଏଥିପାଇଁ ମାର୍ଚ୍ଚ ୩୧ ଯାଏଁ ଅବଧି ବୃଦ୍ଧି କରାଯାଇଥିଲା। ଗତକାଲି ଏହି ଅବଧି ଶେଷ ହୋଇଥିଲେ ମଧ ଟୋକନ ପାଇଥିବା ଚାଷୀଙ୍କଠାରୁ ଧାନ କିଣାଯାଇନଥିବା ବିଜେପିର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି। ଏପରିକି କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରରେ ଚାଷୀଙ୍କଠାରୁ ଧାନ କିଣାଯାଇନଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ଏହାର ତଦନ୍ତ ଦାବି କରିଛନ୍ତି ପ୍ରଦୀପ ପୁରୋହିତ। ଅନ୍ୟପକ୍ଷରେ ବିଜେଡି ପକ୍ଷରୁ କୁହାଯାଇଛି, ଏଥର ୧୮ ପ୍ରତିଶତ ଅଧିକ ଧାନ କିଣାଯାଇଛି। ମଣ୍ଡି ସମସ୍ୟାକୁ ନେଇ ବିଧାନସଭାରେ ଆଲୋଚନା କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି।

### ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଚାର୍ଜସିଟ୍, ରିପୋର୍ଟରେ ରହିବ ସମାନ ଧରଣର ଅକ୍ଷର

**କଟକ :** ଏଫ୍ଆଇଆର୍, ଚାର୍ଜସିଟ୍ ଓ ଅନ୍ୟାନ୍ୟ ରିପୋର୍ଟ ପ୍ରସ୍ତୁତ ବେଳେ ରାଜ୍ୟର ସମସ୍ତ ପୋଲିସ ଅଧିକାରୀ ସମାନ ଧରଣର ଓ ଆକାରର ଅକ୍ଷର ବ୍ୟବହାର କରିବେ। ଏ ନେଇ ପୋଲିସ ଡିଜିଙ୍କ ପକ୍ଷରୁ ସମସ୍ତ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶନାମା ଜାରି କରାଯିବ। ଏପରି ନିର୍ଦ୍ଦେଶନାମା ସଂକ୍ରାନ୍ତରେ ପୋଲିସ ଡିଜି ହାଇକୋର୍ଟରେ ତିନି ସପ୍ତାହ ଭିତରେ ସତ୍ୟପାଠ ଦାଖଲ କରିବେ। ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଜାମିନ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟରେ ଏକ ନିୟମିତ ଜାମିନ ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଚାର୍ଜସିଟର କପି ଦାଖଲ କରିଥିଲେ। କିନ୍ତୁ ଖାଲି ଆଖିରେ ଏହା ପଢିବା ସମ୍ଭବ ନଥିଲା। କାରଣ ତଦନ୍ତକାରୀ ଅଧିକାରୀ ପ୍ରସ୍ତୁତ କରିଥିବା ଲେଖା ଅତି ଛୋଟ ଅକ୍ଷରରେ ଥିଲା। ଏଭଳି ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଥିଲେ। ପ୍ରସିକ୍ୟୁସନ୍, ଡିଫେନ୍ସ ଓ କୋର୍ଟ ଏଭଳି ଘଟଣାରେ ନିୟମିତ ସମସ୍ୟାର ସମ୍ମୁଖୀନ ହେଉଥିବା ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା। ଏଭଳି କ୍ଷୁଦ୍ର ଅକ୍ଷର ଯୋଗୁଁ ଲିଖିତ ତଥ୍ୟ ପଢିବା ପାଇଁ ଅଦାଲତଙ୍କର ବି ସମସ୍ୟା ହେଉଛି। ଏଭଳି ତଥ୍ୟ ଲେଖିବାବେଳେ ଭଲ ଭାବେ ପଢିବା ଯୋଗ୍ୟ ଅକ୍ଷର ବ୍ୟବହାର କରାଯିବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି। ଏଭଳି ସମସ୍ୟାର ପ୍ରତିକାର ପାଇଁ ଉପଯୁକ୍ତ ଆକାରର ଅକ୍ଷର (ଫଣ୍ଟ୍ ସାଇଜ) ଓ ଦୁଇ ଧାଡି ମଧରେ ବ୍ୟବଧାନ (ଲାଇନ ସ୍ପେସିଂ) ଗୁରୁତ୍ୱପୂର୍ଣ୍ଣ। ଅତି ଛୋଟ ଆକାରର ଅକ୍ଷର ଓ ଦୁଇ ଧାଡି ମଧରେ ଠିକ୍ ବ୍ୟବଧାନ ନ ରହିବା ଅଥବା ସାମାନ୍ୟ ଝାପ୍ସା/ ଅସ୍ପଷ୍ଟ ଅକ୍ଷର ବା ଖରାପ ହସ୍ତାକ୍ଷର ଯୋଗୁଁ ଲିଖିତ ତଥ୍ୟ ପଢିବାରେ ଅସୁବିଧା ହୋଇଥାଏ। ଏହି ପ୍ରସଙ୍ଗକୁ ପୋଲିସ ଡିଜିଙ୍କ ଦୃଷ୍ଟିକୁ ଆଣିବାକୁ ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଫଆଇଆର, ଚାର୍ଜସିଟ୍ ଓ ଅନ୍ୟ ରିପୋର୍ଟ ପ୍ରସ୍ତୁତ ବେଳେ ସ୍ପଷ୍ଟ ଭାବେ ପଢି ହେଉଥିବା ଆକାରର ଅକ୍ଷର, ସ୍ପଷ୍ଟ ହସ୍ତାକ୍ଷର ବ୍ୟବହାର ସହିତ ଏହି ପ୍ରସଙ୍ଗରେ ବିଭିନ୍ନ ପକ୍ଷ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଡିଜିଙ୍କୁ ଅବଗତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଚାର୍ଜସିଟ୍, ଏଫଆଇଆର ଓ ଅନ୍ୟ ରିପୋର୍ଟ ପ୍ରସ୍ତୁତ କରିବା ବେଳେ ସମସ୍ତ ପୋଲିସ ଷ୍ଟେସନର ପୋଲିସ ଅଧିକାରୀଙ୍କୁ ସମାନ ଆକାରର ଟାଇମ୍ସ ନ୍ୟୁ ରୋମାନ୍ ୧୨ ଫଣ୍ଟ୍ ସାଇଜ ଅକ୍ଷର ସହିତ ୧.୫ ଲାଇନ ସ୍ପେସିଂ ବ୍ୟବହାର ପାଇଁ ପୋଲିସ ଡିଜି ଆଦେଶ ଦେବେ। ରାଜ୍ୟର ସମସ୍ତ ପୋଲିସ ଅଧିକାରୀଙ୍କୁ ଏହି ପ୍ରସଙ୍ଗରେ ଆଦେଶ ଦିଆଯିବା ନେଇ ପୋଲିସ ଡିଜି ସତ୍ୟପାଠ ମାଧମରେ ପରବର୍ତ୍ତୀ ଶୁଣାଣି ସମୟରେ ଅବଗତ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାତଲେଖା ଥିବା ନଥିପତ୍ର ମଧ ପ୍ରସ୍ତୁତ ବେଳେ ଭଲ ଓ ସ୍ପଷ୍ଟ ଭାବେ ପଢି ହେଉଥିବା ହସ୍ତାକ୍ଷର ଯଥା ସମ୍ଭବ ବ୍ୟବହାର କରାଯିବା ଆବଶ୍ୟକ ବୋଲି ହାଇକୋର୍ଟ କହିଛନ୍ତି। ଏହି ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି ପାଇଁ ଏପ୍ରିଲ ୧୨ ତାରିଖକୁ ଧାର୍ଯ୍ୟ କରାଯାଇଛି।



# ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ୧୫% ସଂରକ୍ଷଣ ନେଇ ବିଜ୍ଞପ୍ତି ପ୍ରକାଶ

**ଭୁବନେଶ୍ୱର :** ଏଣିକି ସରକାରୀ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ମେଡିକାଲ ଓ ଇଂଜିନିୟରିଂ କଲେଜରେ ୧୫ ପ୍ରତିଶତ ସଂରକ୍ଷଣ ରହିବ। ଏନେଇ ରାଜ୍ୟ ସରକାରଙ୍କ ଦକ୍ଷତା କୌଶଳ ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଆଜି ବିଜ୍ଞପ୍ତି ପ୍ରକାଶ କରିଛି। ଏ ସମ୍ପର୍କରେ ବିଭାଗ ପକ୍ଷରୁ ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ରାଜ୍ୟ ସରକାରଙ୍କୁ ପୂର୍ବରୁ ସୁପାରିସ୍ କରିଥିଲା। ହାଇକୋର୍ଟର ପୂର୍ବତନ ବିଚାରପତି ଡକ୍ଟର ଏ.କେ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜାନୁଆରୀ ୮ ତାରିଖରେ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଗଠନ ହୋଇଥିଲା। ହାଇପାୱାର କମିଟିର ସୁପାରିସ୍ ଗୁଡ଼ିକ ହେଲା, ସରକାରୀ ସ୍କୁଲ ଓ ଜୁନିଅର କଲେଜରେ ପାସ ହେଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ମେଡିକାଲ ଓ ଇଂଜିନିୟରିଂ କଲେଜରେ ୧୫ ପ୍ରତିଶତ ସଂରକ୍ଷଣ ପ୍ରଦାନ। ଏହି ସଂରକ୍ଷଣ ବ୍ୟବସ୍ଥା ଉଭୟ ସାଧାରଣ ବର୍ଗ ଓ ସରଂକ୍ଷିତ ବର୍ଗଙ୍କ କ୍ଷେତ୍ରରେ ସମାନଭାବରେ ଲାଗୁ ହେବ। ଓଡ଼ିଶା ପ୍ରଫେସନାଲ ଏଜୁକେସନ୍ ଆଇନ ୨୦୦୭ର ସେକ୍ସନ-୯ ଅନୁସାରେ ରାଜ୍ୟ ସରକାର ଏ ନେଇ ବିଜ୍ଞପ୍ତି କରିପାରିବେ ବୋଲି କମିଟି ସୁପାରିସ କରିଥିଲା। ସେହି ଅନୁସାରେ କୌଶଳ ବିକାଶ ବିଭାଗ ବିଜ୍ଞପ୍ତି ପ୍ରକାଶ କରିଛି। ବିଜ୍ଞପ୍ତି ଅନୁସାରେ ୧୫ ପ୍ରତିଶତ ସଂରକ୍ଷଣ ସୁବିଧା ପାଇବାକୁ ଥିବା ଶିକ୍ଷାନୁଷ୍ଠାନଗୁଡିକ ହେଲେ ସରକାରୀ ହାଇସ୍କୁଲ, ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲ, ଉଚ୍ଚ ମାଧମିକ ସ୍କୁଲ, ଜୁନିଅର କଲେଜ ପ୍ରମୁଖ। ସେହିପରି ସଂରକ୍ଷଣ ସୁବିଧା ଥିବା ଡାକ୍ତରୀ ପାଠ୍ୟକ୍ରମରେ ଏମବିବିଏସ, ବିଡିଏସ, ବିଏଚଏମଏସ, ବିଏଏମଏସ, ବିଏସଏମଏସ, ବିୟୁଏମଏସ ସାମିଲ ରହିଛି। ଇଂଜିନିୟରିଂ କୋର୍ସରେ ବି.ଟେକ, ବି.ଇ, ଏବଂ ବି.ଆର୍କକୁ ସାମିଲ କରାଯାଇଛି। ସେହିପରି ବିଜ୍ଞପ୍ତିରେ କୁହାଯାଇଛି ଯେ, ଏହି ଛାତ୍ରଛାତ୍ରୀ ଅଣସଂରକ୍ଷିତ ସିଟ ପାଇଁ ମଧ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଯଦି ୧୫ ପ୍ରତିଶତ ସିଟ ପୂରଣ ନହୁଏ ତେବେ ସେହି କ୍ଷେତ୍ରରେ ତାହା ଅନ୍ୟବର୍ଗର ଛାତ୍ରଛାତ୍ରୀଙ୍କୁ ଆବଣ୍ଟନ କରାଯାଇପାରିବ।

### ଓଡ଼ିଶା ସରକାରଙ୍କ ଏପ୍ରିଲ୍ କରୋନା ଗାଇଡ୍‌ଲାଇନ

# କଣ୍ଟେନମେଣ୍ଟ ଜୋନ୍ ନିଷ୍ପତ୍ତି ନେବ ସ୍ଥାନୀୟ ପ୍ରଶାସନ

**ଭୁବନେଶ୍ୱର :** କରୋନା ସଂକ୍ରମଣ ଜାରି ରହିଥିବା ବେଳେ ରାଜ୍ୟ ସରକାର ଏପ୍ରିଲ୍ ମାସ ପାଇଁ ମାର୍ଗଦର୍ଶିକା ଜାରି କରିଛନ୍ତି। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ନୂଆ ମାର୍ଗଦର୍ଶିକା ଅନୁସାରେ ଏଣିକି କରୋନା ସଂକ୍ରମିତ ବହୁଳ ଅଞ୍ଚଳକୁ ଚିହ୍ନିତ କରି କଣ୍ଟେନମେଣ୍ଟ ଜୋନ୍ ବା ଅବରୋଧ ଅଞ୍ଚଳ କିମ୍ବା ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ସ୍ଥାନୀୟ ପ୍ରଶାସନ ଜାରି କରିପାରିବେ। ନୂତନ ଗାଇଡଲାଇନରେ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କ୍ଷମତା ଜିଲ୍ଲାପାଳ ଓ ପୌର ପ୍ରଶାସନକୁ ଦିଆଯାଇଛି। ଯେଉଁ ଅଞ୍ଚଳରେ ଅଧିକ ସଂଗ୍ରମଣ ଚିହ୍ନଟ ହେବ ତାହାକୁ ଅବରୋଧ ଅଞ୍ଚଳ ଭାବେ ଘୋଷଣା ନିଷ୍ପତ୍ତି ନେଇପାରିବେ ସ୍ଥାନୀୟ ପ୍ରଶାସନ। ସେହିଭଳି ଧର୍ମାନୁଷ୍ଠାନ ଭିତରକୁ କେତେ ଜଣ ଶ୍ରଦ୍ଧାଳୁ ଯିବେ ଓ ଧାର୍ମିକ କାମରେ କେତେ ଜଣ ସାମିଲ ହୋଇପାରିବେ ତାହା ସ୍ଥାନୀୟ ପ୍ରଶାସନର ନିଷ୍ପତ୍ତି ଉପରେ ନିର୍ଭର କରିବ। ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଆଶଙ୍କାରେ ସରକାର ଆଗୁଆ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ମାସକ ପୂର୍ବରୁ ବିବାହ ଭୋଜିରେ ୫୦୦ ଲୋକଙ୍କୁ ସାମିଲ ଅନୁମତି ଦିଆଯାଇଥିଲା। ଏହି ସଂଖ୍ୟାକୁ ମାର୍ଚ୍ଚ ମାସରେ ପୁରି ୨୦୦କୁ ଖସାଇ



ଦିଆଯାଇଥିଲା ଓ ଚଳିତ ମାସରେ ତାହା ବଳବତ୍ତର ରହିଛି। ଏହା ସହ ଏପ୍ରିଲରେ ଅନ୍ତ୍ୟେଷ୍ଟି କ୍ରିୟାରେ ସର୍ବାଧିକ ୫୦ ଲୋକଙ୍କୁ ଅନୁମତି ମିଳିବ। କୋଭିଡ୍ କଟକଣାକୁ କଡାକଡି କରିବାକୁ ଯାଇ ଏମିତି ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ମାର୍ଚ୍ଚ ୩୧ ତାରିଖରେ ଏହି ମାର୍ଗଦର୍ଶିକା ଜାରି ହୋଇଛି ଓ ଏହା ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବ। ଏସ୍ଆରସିଙ୍କ ନିର୍ଦ୍ଦେଶନାମାରେ କେବଳ ବିବାହ ଓ ଅନ୍ତ୍ୟେଷ୍ଟିକ୍ରିୟାରେ ଲୋକସଂଖ୍ୟା ଉପରେ କଟକଣା ଜାରି କରାଯାଇଛି। ଅନ୍ୟ କୌଣସି ଧାର୍ମିକ, ରାଜନୈତିକ, ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ କିଛି ସୂଚନା ଦିଆଯାଇନାହିଁ। ଏଥିରେ ସ୍ପଷ୍ଟ କରାଯାଇଛି ଯେ, କୌଣସି ହଲ୍‌ରେ ବିବାହ ଭୋଜି ହେଲେ ହଲ୍ କ୍ଷମତାର ୫୦ ପ୍ରତିଶତରୁ ଅଧିକ ଲୋକଙ୍କୁ ଅନୁମତି ମିଳିବ ନାହିଁ। ଖୋଲା ଜାଗାରେ ବିବାହ ଭୋଜି କରାଗଲେ, ଜାଗାର ଆକାରକୁ ଦେଖି ଅନୁମତି ଦିଆଯିବ। ତେବେ ତାହା ୨୦୦ରୁ ଅଧିକ ହେବ ନାହିଁ। ମାସ୍କ ପିନ୍ଧିବା, ଶାରୀରିକ ଦୂରତା ରକ୍ଷା କରିବା, ଥର୍ମାଲ୍ ସ୍କାନିଂ ଓ ହାତ ଧୂଆକୁ ବାଧ୍ୟତାମୂଳକ କରାଯିବ। ଏଥିପାଇଁ ଆୟୋଜକ ସମସ୍ତ ବନ୍ଦୋବସ୍ତ ନିଶ୍ଚିତ କରାଇବେ। ସବୁ ଜିଲ୍ଲାପାଳ, ଏସ୍‌ପି, ମହାନଗର ନିଗମ କମିଶନର ଓ ପୋଲିସ କମିଶନର କୋଭିଡ୍ ଗାଇଡଲାଇନ ଠିକ୍ ଭାବେ ପାଳନ ହେଉଛି କି ନାହିଁ, ତାହାର କଡାକଡି ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

# ଖାଇବା ତେଲ ଦର ବୃଦ୍ଧି ପାଇଁ କେନ୍ଦ୍ର ଦାୟୀ: ମନ୍ତ୍ରୀ

**ଭୁବନେଶ୍ୱର:** ଖାଇବା ତେଲ ଦର ଅହେତୁକ ଭାବେ ବୃଦ୍ଧି ପାଇଛି। ଗତ ବର୍ଷ ଏହି ସମୟରେ ପାମୋଲିନ୍ ତେଲ ଦର ଲିଟର ପ୍ରତି ୮୦ ଟଙ୍କା ଥିଲା ବେଳ ଚଳିତ ବର୍ଷ ଲିଟର ପ୍ରତି ୧୨୬ ଟଙ୍କା ରହିଛି। ସେହିପରି ସୋରିଷ ତେଲ ୧୦୦ ଟଙ୍କାରୁ ବି ୧୫୦ ଟଙ୍କା ହୋଇଛି। ଏହି ଦର ବୃଦ୍ଧିକୁ ରାଜ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଧାନସଭାରେ ସ୍ୱୀକାର କରିଛନ୍ତି। କିନ୍ତୁ ଏଥି ପାଇଁ କେନ୍ଦ୍ର ସରକାରଙ୍କ ଉପରେ ସିଧାସଳଖ ଦୋଷାରୋପ କରିଛନ୍ତି। ମନ୍ତ୍ରୀଙ୍କ ଯୁକ୍ତି ରହିଛି ଯେ ଖାଇବା ତେଲ ଉପରେ କେନ୍ଦ୍ର ସରକାର ୨୧% ଆମଦାନୀ ଶୁଳ୍କ ଓ ୫% ଜିଏସ୍‌ଟି ନେଉଛନ୍ତି। ଚଳିତ ବଜେଟ୍‌ରେ ପାମୋଲିନ୍ ତେଲ ଉପରେ ୧୭.୫% କୃଷି ଭିତ୍ତିଭୂମି ଶୁଳ୍କ ଲାଗୁ କରିଥିଲା ବେଳେ ସୂର୍ଯ୍ୟମୁଖୀ ଓ ସୋୟାବିନ୍ ତେଲ ଉପରେ ୨୦% କୃଷି ଭିତ୍ତିଭୂମି ଶୁଳ୍କ ଲାଗୁ କରିଛନ୍ତି। ଏହାବାଦ୍ କେନ୍ଦ୍ର ସରକାର ଖାଇବା ତେଲକୁ ଅତ୍ୟାବଶ୍ୟକ ସାମଗ୍ରୀ ତାଲିକାରୁ ନିୟନ୍ତ୍ରଣମୁକ୍ତ କରିଛନ୍ତି। ତେଲ ଦର ବୃଦ୍ଧିର ଏସବୁ ଗୋଟିଏ ଗୋଟିଏ ପ୍ରମୁଖ କାରଣ। ବିଗତ ବର୍ଷଗୁଡ଼ିକରେ କେନ୍ଦ୍ର ସରକାର ଶିକ୍ଷା ଓ କୃଷି ସେସ୍ ଲଗାଇ ଆସୁଛନ୍ତି। ଆଜି ପର୍ଯ୍ୟନ୍ତ ହିସାବ ନାହିଁ ଯେ ଆଦାୟ ହେଉଥିବା ହଜାର ହଜାର କୋଟି ଟଙ୍କାରୁ କେତେ ପାଣ୍ଠି ଶିକ୍ଷା ଓ କୃଷି ପାଇଁ ଅଲଗା ଭାବେ ବିନିଯୋଗ ହୋଇଛି। ସେହିପରି ସରକାର ଏବେ ଲଗାଇଥିବା କୃଷି ଭିତ୍ତିଭୂମି ଶୁଳ୍କ କିପରି ଉପଯୋଗ ହେବ, ତାହା କେବଳ ଭଗବାନ ହିଁ କହିବେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଓ ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଦ୍ୱାରା 'ଖାଇବା ତେଲର ଅତ୍ୟଧିକ ଦର ବୃଦ୍ଧି, ଅପମିଶ୍ରଣ ଓ ବ୍ୟାପକ କଳାବଜାର ଯୋଗୁ ସାଧାରଣ ଜନତା ହନ୍ତସନ୍ତ' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଗତ ହୋଇଥିଲା। ଆଲୋଚନା ଆରମ୍ଭ କରି ଶ୍ରୀ ବାହିନୀପତି କହିଲେ ଯେ ତେଲବୀଜ ଉତ୍ପାଦନ ପାଇଁ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ କିଛି କରି ନାହାନ୍ତି। ବାହାର ରାଜ୍ୟରୁ ଆମଦାନୀ କରିବାକୁ ପଡୁଛି। ଆମ ଦେଶରେ ବର୍ଷକୁ ଏକ କୋଟି ୯୦ ଲକ୍ଷ ମେଟ୍ରିକ୍ ଟନ୍ ତେଲ ଆବଶ୍ୟକ ପଡୁଛି। ସେଥିରୁ ୬୦ ଲକ୍ଷ ମେଟ୍ରିକ୍ ଟନ୍ ଦେଶ ଭିତରେ ଉତ୍ପାଦନ ହେଉଛି। ବାକିତକ ବାହାର ଦେଶରୁ ଆମଦାନୀ କରିବାକୁ ପଡୁଛି। ଖାଇବା ତେଲ ଉପରେ କେନ୍ଦ୍ର ସରକାର ସମସ୍ତ ଟିକସ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ ଶ୍ରୀ ବାହିନୀପତି ଦାବି କରିଥିଲେ।

# ୩୩ ବିଭାଗର ଖର୍ଚ୍ଚଦାବି ଗୃହୀତ

**ଭୁବନେଶ୍ୱର :** ବିଧାନସଭାରେ ୩୩ଟି ବିଭାଗର ଖର୍ଚ୍ଚଦାବି ଗିଲୋଟିନ୍ ଜରିଆରେ ଗୃହୀତ ହୋଇଛି। ବିଧାନସଭାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୨୦୨୯୩ କୋଟି ୯୩ଲକ୍ଷ ୪୩ ହଜାର ଟଙ୍କାର ଖର୍ଚ୍ଚଦାବି ଗୃହୀତ ହୋଇଛି। ଏହି ଖର୍ଚ୍ଚଦାବି ଆଲୋଚନାରେ ଭାଗ ନେଇ ବିରୋଧୀ ଦଳ ସଦସ୍ୟମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଦର୍ଶାଇ ସରକାରଙ୍କୁ ଘେରିଥିଲେ। ତେବେ ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ ଯେ, ୨୦୨୦-୨୧ରେ ୪୬୨୮ କୋଟି ୭୫ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ୩ଲକ୍ଷ ୯୪ ହଜାର ୪୬୮ଟି ଘର ନିର୍ମାଣ କରାଯାଇଛି। ୨୦୨୧-୨୨ରେ ଗୃହ ନିର୍ମାଣ ନିମନ୍ତେ ୩ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯିବ। ସେହିପରି ୨୦୨୦-୨୧ରେ ମନରେଗା ଯୋଜନାରେ ୨ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୪ଟି ଦାଦନପ୍ରବଣ



ଅଞ୍ଚଳକୁ ରାଜ୍ୟ ସରକାର ଫୋକସରେ ରଖିଛନ୍ତି। ଜାତୀୟ ଗ୍ରାମୀଣ ଜୀବିକା ମିଶନରେ ୨୦ ହଜାର ୯୩୮ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରୋତ୍ସାହିତ କରାଯାଇଛି। ୨୦୮୯ଟି ଗୋଷ୍ଠୀ ସଭ୍ୟ ମାସ୍କ ପ୍ରସ୍ତୁତିରେ ସମ୍ପୃକ୍ତ ହୋଇ ୫୬.୫୯ଲକ୍ଷ ମାସ୍କ ଓ ୨୯୮୦ଟି ପିପିଇ କିଟ୍ ପ୍ରସ୍ତୁତ କରିଛନ୍ତି। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷରେ ୭୦ଲକ୍ଷ ଗ୍ରାମୀଣ ପରିବାରକୁ ପାଇପ୍ ଦ୍ୱାରା ଜଳଯୋଗାଣ କରାଯିବ। ତେବେ ବିଭାଗର ଖର୍ଚ୍ଚ ଦାବି ଆଲୋଚନାରେ ଅସନ୍ତୋଷ ବ୍ୟକ୍ତ କରି ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ।

# ରାଜଧାନୀରେ ଭଙ୍ଗା ହେବ ୧୯୪ ବେଆଇନ ଆପାର୍ଟମେଣ୍ଟ

**ଭୁବନେଶ୍ୱର :** ସାରା ରାଜ୍ୟରେ ଅନେକ ବେଆଇନ୍ ଆପାର୍ଟମେଣ୍ଟ ରହିଛି। ମାତ୍ର କେବଳ ରାଜଧାନୀ ଭୁବନେଶ୍ୱରରେ ୪୬୩ଟି ବେଆଇନ ଆପାର୍ଟମେଣ୍ଟ ରହିଛି। ଏଥିମଧ୍ୟରୁ କିଛି ଆପାର୍ଟମେଣ୍ଟ ଗୁଡିକୁ ଡିମୋଲେସନ ପାଇଁ ପାସ୍ ହୋଇଥିବା ବେଳେ ଏବେ ବି କିଛି ମାମଲା ବିଚାରଧୀନ ରହିଛି। ଆଜି ବିଧାନସଭାରେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଗୃହ ନିର୍ମାର ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା। ବର୍ତ୍ତମାନ ରାଜ୍ୟ ସରକାର ୧୬୪୩ଟି ଆପାର୍ଟମେଣ୍ଟକୁ ନିର୍ମାଣ ନକ୍ସା ଅନୁମୋଦନ କରିଛନ୍ତି। ତେବେ ବେଆଇନ ଘୋଷଣା କରିଥିବା ଆପାର୍ଟମେଣ୍ଟ ଗୁଡିକୁ ସରକାର କାହିଁକି ବିଜୁଳି ଓ ପାଣି ଯୋଗାଇ ଦେଉଛନ୍ତି। ଏହାର ଜବାବରେ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ସରକାର ତଥ୍ୟ



ସଂଗ୍ରହ କରୁଛନ୍ତି। ଏନେଇ କଂଗ୍ରେସ ବିଧଶୟକ ତାରା ବାହିନୀପତି କହିଛନ୍ତି, ରାଜ୍ୟ ସରକାର ୧୫୦୦ ବଡ ବଡ ବେଆଇନ ଆପାର୍ଟମେଣ୍ଟକୁ ଚିହ୍ନଟ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟ ଯେ, ସାରା ରାଜ୍ୟରେ ଦିନକୁ ଦିନ ବେଆଇନ ଆପାର୍ଟମେଣ୍ଟ ବଢ଼ିଚାଲିଛି। ରାଜ୍ୟ ସରକାର ସେ ସବୁକୁ ଭାଙ୍ଗିବାର ଆବଶ୍ୟକତା ରହିଛି କିନ୍ତୁ ସରକାର ଏଥିରୁ ମାତ୍ର ୧୯୪ଟି ଆପାର୍ଟମେଣ୍ଟକୁ ଭାଙ୍ଗିବାକୁ ବ୍ୟବସ୍ଥା କରୁଛନ୍ତି।

# ୨୦୪୧ ପୂର୍ବରୁ ଗଢିବନି କଟକ-ଭୁବନେଶ୍ୱର ମେଟ୍ରୋ ରେଳ : ମନ୍ତ୍ରୀ

**ଭୁବନେଶ୍ୱର :** କଟକ-ଭୁବନେଶ୍ୱର ମଧ୍ୟରେ ଏବେ ମେଟ୍ରୋ ରେଳ ସେବା ବ୍ୟବସ୍ଥା ନେଇ କୌଣସି ପ୍ରସ୍ତାବ ରାଜ୍ୟ ସରକାରଙ୍କ ବିଚାରାଧୀନ ନ ଥିବା ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ବିଧାନସଭାରେ ପ୍ରକାଶ କରିଛନ୍ତି। କଂଗ୍ରେସ ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟଙ୍କ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ଏହି ପ୍ରସ୍ତାବ କାର୍ଯ୍ୟକାରୀ କରାଯାଇ ନଥିବାରୁ କୌଣସି ଅର୍ଥ କୌଣସି କମ୍ପାନୀକୁ ଦିଆଯାଇ ନାହିଁ। ତେବେ ବିଧାୟକ ଶ୍ରୀ ରାଉତରାୟ ମନ୍ତ୍ରୀ ଶ୍ରୀ ଜେନାଙ୍କୁ ଜଣେ ଟାଣୁଆ ମନ୍ତ୍ରୀ ଓ ସେ ସତ କହିବେ ବୋଲି ବିଶ୍ୱାସ କରନ୍ତି କିନ୍ତୁ ମନ୍ତ୍ରୀ ବିଧାନସଭାରେ କଞ୍ଚା ମିଛ କହୁଛନ୍ତି। ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା କହନ୍ତି ତାହା କରନ୍ତି କିନ୍ତୁ ଟିକେ ବିଳମ୍ବରେ କରନ୍ତି। ସେ କହିଥିଲେ ୫ ବର୍ଷ ତଳେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ମେଟ୍ରୋ ରେଳ ପାଇଁ ସର୍ଭେ ନିମନ୍ତେ ହାଇଦ୍ରାବାଦର ଏକ କମ୍ପାନୀକୁ ୨ କୋଟି ୬୫ ଲକ୍ଷ ଦିଆଯାଇଛି। ଏ ପର୍ଯ୍ୟନ୍ତ କାହିଁକି ପ୍ରୋଜେକ୍ଟ ରିପୋର୍ଟ ଆସିନାହିଁ, ଆଗାମୀ ବଜେଟରେ ଏଥିପାଇଁ ଅର୍ଥ ବରାଦ ହେବକି ଓ ଏ ନେଇ କାହିଁକି କେନ୍ଦ୍ର ସରକାରଙ୍କୁ ଲେଖାଯାଇ ନାହିଁ ବୋଲି ବିଧାୟକ ଶ୍ରୀ ରାଉତରାୟ ପଚାରିଥିଲେ। ଶ୍ରୀ ରାଉତରାୟ କହିଥିଲେ ଯେ ମନ୍ତ୍ରୀ ଶ୍ରୀ ଜେନା ନଟର ପଟର ଲୋକ ନୁହନ୍ତି ତେଣୁ ସେ ସତ କହିବେ। ଏଥିରେ ମନ୍ତ୍ରୀ ଶ୍ରୀ ଜେନା ଉତ୍ତର ରଖି କହିଥିଲେ ଯେ ୨୦୧୩



ମସିହାରେ କଟକ-ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଆଲୋଚନା ହୋଇଥିଲା ଓ ଭାରତ ସରକାର ଏବଂ ଓଡିଶା ସରକାର ମିଳିତ ସର୍ଭେ କରାଇବା ପାଇଁ ଚାହିଁଥିଲେ। ସେଥିପାଇଁ ଭାରତ ସରକାର ଓଡିଶାକୁ ୧୨ ଲକ୍ଷ ୬୧ ହଜାର ଟଙ୍କା ଦେଇଥିଲେ ଓ ପରେ ହାଇଦ୍ରାବାଦର ବାଲାଜୀ ରେଲ ରୋଡ଼ ସିଷ୍ଟମ ଲିମିଟେଡ଼କୁ ସର୍ଭେ ପାଇଁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ପ୍ରଥମ ପର୍ଯ୍ୟାୟରେ କଟକ-ଭୁବନେଶ୍ୱର ମଧ୍ୟରେ ମେଟ୍ରୋ ରେଳ ପାଇଁ ଫିଜିବିଲିଟି ଆସିଲା ନାହିଁ ଓ ପରେ ଏହାକୁ ଜଟଣୀ ପର୍ଯ୍ୟନ୍ତ ବୃଦ୍ଧି କରି ରିପୋର୍ଟ ଦେବା ପାଇଁ କୁହାଯାଇଥିଲା। ମନ୍ତ୍ରୀ କହିଛନ୍ତି ଯେ ଏଥିପାଇଁ ସର୍ଭେ କମ୍ପାନୀକୁ ୫୨ ଲକ୍ଷ ଟଙ୍କା ଦିଆଯାଇଛି। କମ୍ପାନୀ ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ ୨୦୪୧ ଯାଏଁ କଟକ-ଭୁବନେଶ୍ୱର କିମ୍ବା କଟକ-ଖୋର୍ଦ୍ଧା ମଧ୍ୟରେ ମେଟ୍ରୋ ରେଳ ଚଳାଇବା ପାଇଁ ଫିଜିବିଲିଟି ନାହିଁ।

ଭୁବନେଶ୍ୱର, ୦୫ - ୧୧ ଏପ୍ରିଲ, ୨୦୨୧



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ସଙ୍କଟ ଟଳିଲେ ଯାହା



ସମ୍ପାଦକୀୟ
ତାରକ ମହାନ୍ତି

କରୋନା ମହାମାରୀ ପୁନଃସଂକ୍ରମଣ ଦ୍ୱାରା ମାନବ ଜାତି ପ୍ରତି ଏକ ନୂତନ ଆହ୍ୱାନ ସୃଷ୍ଟି କରିଥିଲା ବେଳେ ଏପ୍ରିଲ ୧ ଉତ୍କଳ ଦିବସରେ ଓଡ଼ିଆ ଭାଷାକୁ ନେଇ ପ୍ରସଙ୍ଗ କରାଯିବା ବି ଆହ୍ୱାନ ସଦୃଶ। କାରଣ ଭାଷାଭିତ୍ତିକ ରାଜ୍ୟ ଓଡ଼ିଶା ଯେଉଁ ଭାଷାକୁ ନେଇ ଭବିଷ୍ୟତର ସ୍ୱପ୍ନ ଦେଖିଥିଲା, ତାହା କେତେ ସଫଳ ହୋଇଛି ବିଚାର କରିବାର ସମୟ ନିଶ୍ଚୟ ଉପନୀତ। କାରଣ ଭାଷା ଆମର ସଂକଟରେ ଥିବା ନେଇ ଦୀର୍ଘଦିନରୁ ସ୍ୱର ଶୁଭୁଥିଲେ ବି ଶାସନ ଓ ପ୍ରଶାସନରେ ଏହା ଦେଖିବାକୁ ନମିଳିବା ହିଁ ବିଡମ୍ବନା। ଯେଉଁ ବରପୁତ୍ରମାନେ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ସହ ନୂତନ ପ୍ରଦେଶ ଗଠନ କରିଥିଲେ, ଆମେ ସେମାନଙ୍କୁ ବା ସେମାନଙ୍କ ଉଦ୍ୟମକୁ କେତେ ମନେରଖିଛେ ? ଯାହାଙ୍କ ତ୍ୟାଗ ଆମକୁ ଗୋଟେ ସ୍ୱତନ୍ତ୍ର ପରିଚୟ ଦେଇଛି ସେମାନଙ୍କ ପଦାଙ୍କ ଅନୁସରଣ କରିବା ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ ହୋଇଥିଲା ବେଳେ ଆମେ ଏହାକୁ ପାଳନ କରୁଛେ ତ ! ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଖଲ୍ଲିକୋଟ ରାଜାବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ପଣ୍ଡିତ ଗୋଦାବରୀଶ ମିଶ୍ର, ଫକୀରମୋହନ ସେନାପତି, ଗଙ୍ଗାଧର ମେହେରଙ୍କ ଭଳି ବରପୁତ୍ରମାନେ ହିଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନ ଦେଖି ଏହାକୁ ସଫଳ କରିଥିଲେ ବି ଆମ ଭାଷା ଯେଉଁଠାରେ ପହଞ୍ଚିବା କଥା, ପହଞ୍ଚି ପାରିନାହିଁ। ଯେଉଁ ନେତୃବର୍ଗଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ୧୯୩୬ ମସିହା ଏପ୍ରିଲ ପହିଲାରେ ଆମର ରାଜ୍ୟ ଗଠନ ହୋଇପାରିଥିଲା, ସେମାନେ ଓଡ଼ିଆ ଭାଷାର ଅସଲ ପ୍ରଚାରକ, ସଂରକ୍ଷକ ଓ ସୁରକ୍ଷାର କର୍ଣ୍ଣଧାର ଥିଲେ। ହେଲେ ବର୍ତ୍ତମାନ ପିଢ଼ି ଆମ ଭାଷା, ସାହିତ୍ୟ, ସଂସ୍କୃତିକୁ ଯେଭଳି ଭଲପାଇବା କଥା ବା ସୁରକ୍ଷା ଦେବାକଥା ତାହା ସମ୍ଭବ ହୋଇପାରିନାହିଁ। ମାତୃଭାଷା ପ୍ରତି ବିମୁଖତା ଭବିଷ୍ୟତରେ ନିଶ୍ଚୟ ସଙ୍କଟ ସୃଷ୍ଟି କରିବାର ଆଶଙ୍କା ମଧ୍ୟ ଦେଖାଦେଇଛି। ଗୋଟିଏ ଦିନର ସ୍ମରଣ ଓ ମନନରେ ଗୋଟେ ଜାତି ବଞ୍ଚିନଥାଏ। ଏଥିପାଇଁ ପ୍ରତି ମୁହୂର୍ତ୍ତ ଗଭୀର ଅନୁଶୀଳନ, ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ପଡେ। ଅନ୍ୟର ତ୍ୟାଗକୁ ବୁଝି ସେମାନଙ୍କ ଆଦର୍ଶ ପଥ ଆପଣାଇପାରିଲେ ଆମକୁ ଉଚ୍ଚତର ସୋପାନରେ ପହଞ୍ଚିବା ସହଜ ହେବ ନିଶ୍ଚୟ। ଏହିକାର୍ଯ୍ୟ କେବଳ ସରକାରୀ ସ୍ତରରେ ନହୋଇ ବ୍ୟକ୍ତିଗତ ସ୍ତରରେ ହେଲେ ହିଁ ଆମ ସ୍ୱାଭିମାନ ବଞ୍ଚିରହିବ, ଭାଷା ବଞ୍ଚିବ। ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ପ୍ରତ୍ୟେକ ଓଡ଼ିଆ ନିଜର ଭାଷାକୁ ନେଇ ଯେଭଳି ଗର୍ବ ଅନୁଭବ କରିବା କଥା, ସେଭଳି ଅନୁଭବ ନଆସିବା ପର୍ଯ୍ୟନ୍ତ ଲୋକଙ୍କ ଭିତରେ ଭାଷାପ୍ରେମ ଜାଗ୍ରତ ହୋଇପାରିବ ନାହିଁ। ଭାଷାର ଭୋକ ବ୍ୟକ୍ତିକୁ ପରିଚୟ ସୃଷ୍ଟି କରିବା ଦିଗରେ ସହାୟକ ହୋଇଥାଏ। ଘରୋଇ ହେଉ କି ସରକାରୀ, ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଆ ଭାଷାର ବ୍ୟବହାର ହିଁ ଆମ ଭବିଷ୍ୟତ ନିର୍ଦ୍ଧାରଣର ମାପକାଠି, ତେଣୁ ଏହାକୁ କାର୍ଯ୍ୟକାରୀ କରିବା ଦାୟିତ୍ୱ ଆମ ସମସ୍ତଙ୍କର ରହିଛି। ଅନ୍ୟ ଉପରେ ଦୋଷ ଲଦି ଯେଉଁମାନେ ନିଜ କର୍ତ୍ତବ୍ୟକୁ ଦୂରେଇ ଯାଉଛନ୍ତି, ସେମାନେ ଭାବିବା ଉଚିତ ଯେ ଆମକୁ ଭିଟାମାଟି ଜଗିବା ପାଇଁ ଯେଉଁ ଆନ୍ତରିକତା ରହିଛି ସେଭଳି ଆନ୍ତରିକତା ଭାଷା ପାଇଁ ମଧ୍ୟ ଦରକାର ଅଛି। ମହାମାରୀ ସଙ୍କଟ ଦୂର କରିବା ଭଳି ଭାଷା ସଙ୍କଟ ଦୂର ନହେଲେ ଆମେ କର୍ତ୍ତବ୍ୟରେ ସଫଳ ବୋଲି କହିପାରିବା ନାହିଁ। ଏଥିପାଇଁ ବାରମ୍ବାର ଆଲୋଚନା, କାର୍ଯ୍ୟାନୁଷ୍ଠାନ ଭଳି ଗୁରୁତ୍ୱପୂର୍ଣ୍ଣ ଦିଗକୁ ଗୁରୁତ୍ୱ ଦେବାକୁ ହେବ। କେବଳ ଭାଷା ସଙ୍କଟ ନୁହେଁ, ଓଡ଼ିଆଙ୍କର ଅନେକ ସମସ୍ୟା ଦୂର ନହେଲେ ଏ ଜାତି ସମୃଦ୍ଧ ବୋଲି କହିବା ସହଜ ନୁହେଁ। ଅତୀତର ପୃଷ୍ଠା ରୋମନ୍ଥନ କଲେ ଆମର ବୀରତ୍ୱ, ଆଧିପତ୍ୟ ଓ ପ୍ରତିଷ୍ଠା ବିଷୟରେ ଅନେକ କିଛି ଜାଣିବାକୁ ମିଳେ। ଆମର ଭାସ୍କର୍ଯ୍ୟ ବିଶ୍ୱ ଦରବାରରେ ଆମକୁ ଶ୍ରେଷ୍ଠ ଆସନ ଦେଇଥିଲା ବେଳେ ଆଜି ଆମେ ପୂର୍ବ ସ୍ଥାନରେ ଅଛେ କି ନାହିଁ ଭାବିବାକୁ ପଡୁଛି। ତେବେ ଆଜିର ଦିନରେ ଜାତିର ପିତା ମହାତ୍ମା ଗାନ୍ଧିଙ୍କ ବିଚାର ସମ୍ପର୍କରେ ଆଲୋକପାତ କଲେ ଏହା ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସହାୟକ ହୋଇପାରେ। କିନ୍ତୁ ଗାନ୍ଧିଜୀ ବିରୋଧ କରୁଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ହେଉଛି ମଦ ସମାଜର ଶତ୍ରୁ। କାରଣ ଯେଉଁମାନେ ମଦକୁ ଆଭିଜାତ୍ୟ ପାନୀୟ ଭାବି ପାନ କରୁଛନ୍ତି ସେମାନେ ଦେଶର ଦାରିଦ୍ର୍ୟ ସମ୍ପର୍କରେ ବିଚାର କରୁନାହାନ୍ତି। ମଦ ପାଇଁ ସମାଜରେ ଅନେକ କୁପ୍ରଭାବ ପଡୁଛି। ଯୁବପିଢ଼ି ବିପଥଗାମୀ ହେବା ସହିତ ହିଂସାକାଣ୍ଡ ବଢ଼ିଚାଲିଛି। ଗୋଟିଏ ଗୋଟିଏ ପରିବାର ମଦ ପାଇଁ ଉଜୁଡି ଯାଉଛି। ହେଲେ ମଦ ବନ୍ଦ ପ୍ରତି ସରକାର ଯେଭଳି ଆଭିମୁଖ୍ୟ ଗ୍ରହଣ କରିବା କଥା ତାହା କରୁନଥିବାରୁ ଏହା ସମାଜକୁ ନଷ୍ଟ କରିଚାଲିଛି।

ବର୍ତ୍ତମାନ ସମୟରେ ବୁଦ୍ଧିଜୀବୀମାନେ ସମାଜ ସଂସ୍କାରକ ଭୂମିକାରେ ଅବତୀର୍ଣ୍ଣ ନହେବା ଏବଂ ଅନାଡୀମାନେ ଶାସନ କ୍ଷମତାରେ ରହି ଦୁର୍ନୀତିକୁ ପ୍ରୋତ୍ସାହନ ଦେବା ନିହାତି ଖରାପ ପରମ୍ପରା ସୃଷ୍ଟି କରିଛି। ତେଣୁ ବିକାଶର ମାପଦଣ୍ଡରେ ତୁଳନା କଲେ ଜନସାଧାରଣଙ୍କ ପାଇଁ ଯେଉଁ କାର୍ଯ୍ୟ ନିହାତି କରାଯିବା ଦରକାର ତାହା କରାନଯାଇ ଭୋଟ ଭିତ୍ତିକ ଯୋଜନା ପ୍ରଣୟନ ବ୍ୟବସ୍ଥାକୁ ବିଗାଡି ଚାଲିଛି। ତେଣୁ ଗୋଟିଏ ରାଜ୍ୟ ସ୍ୱତନ୍ତ୍ର ହେବା ପରେ ଲୋକଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ସେମାନଙ୍କ ବିକାଶ କରାଯିବା କଥା। କେବଳ ଭାଷଣ ପ୍ରସଙ୍ଗରେ ବିକାଶର ନାରା ଦେଇ ଆମେ ଆମର ଜନସାଧାରଣଙ୍କ ପାଇଁ କେତେ ଉପକାର କରୁଛୁ ତାହା ହିଁ ବଡ ପ୍ରଶ୍ନବାଚୀ। କୃଷି, ବାଣିଜ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସହିତ ଶିକ୍ଷିତ ବେକାରମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ଗଣତାନ୍ତ୍ରିକ ରାଷ୍ଟ୍ରର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ। ଯେଉଁ କାର୍ଯ୍ୟ ସରକାରୀ ଅର୍ଥରେ ଗରିବଙ୍କୁ ସହଜରେ ମିଳିବା କଥା ତାହା ଯେତେବେଳେ ବହୁ ମୂଲ୍ୟ ଦେଇ କିଣିବାକୁ ପଡେ ସେତେବେଳେ ଗରିବ, ନିମ୍ନମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ଆର୍ଥିକ ମାନଦଣ୍ଡ କିଭଳି ରହିଛି ତାହାକୁ ତର୍ଜମା କରି ସେମାନଙ୍କ ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ମଧ୍ୟ ସରକାରଙ୍କ ଦାୟିତ୍ୱ। ଯେତେଦିନ ପର୍ଯ୍ୟନ୍ତ ଜନସ୍ୱାର୍ଥ ଆଧାରରେ ବ୍ୟବସ୍ଥାରେ ପରିବର୍ତ୍ତନ ନ ଘଟିଛି ସେତେଦିନ ପର୍ଯ୍ୟନ୍ତ ବିକାଶର ଅସଲ ସ୍ୱରୂପ ପରିପ୍ରକାଶ ହୋଇପାରିବ ନାହିଁ। ଭାଷା କୁହନ୍ତୁ ବା ସଂସ୍କୃତି ସବୁ କଥାର ଉତ୍ଥାନ ପଛରେ ସରକାରଙ୍କର ଆନ୍ତରିକତା ରହିବା ଆବଶ୍ୟକ। ଆନ୍ତରିକତା ବିହୀନ କୌଣସି କାର୍ଯ୍ୟରେ ଶତପ୍ରତିଶତ ସଫଳତା ମିଳିନଥାଏ। ଯେଉଁଦିନ ଠାରୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମର୍ଯ୍ୟାଦା ଲାଭ କଲାଣି ସେବେଠାରୁ ସରକାର ଘୋଷଣା କରିଥିବା ଭାଷା ବ୍ୟବହାରର ସ୍ପଷ୍ଟ ପ୍ରମାଣ ନ ମିଳିବା ଅନ୍ୟତମ ଦୁଃଖର କାରଣ। ସହରରେ ଘୋଷଣା ହୋଇପାରୁଥିବା ଯୋଜନା ଗୁଡିକୁ ସଠିକ୍ ଢଙ୍ଗରେ କାର୍ଯ୍ୟକାରୀ ନ କରିବା ହେଉଛି ହୀନ ମାନସିକତା। ଏଥିରୁ ନିବୃତ୍ତ ରହି ଗୋଟିଏ ଜାତିର ମହାନତା ବଜାୟ ରଖିବା ପାଇଁ ପ୍ରତ୍ୟେକ ସ୍ତରରେ ଚେଷ୍ଟା ଆରମ୍ଭ ନହେଲେ, ଆମେ ସବୁଥିରେ ସଫଳ ବୋଲି କିଭଳି କହିବା। ତେଣୁ ଓଡ଼ିଶାର ମାଟି, ପାଣି, ପବନରେ ଓଡ଼ିଆତ୍ୱ ବଜାୟ ରହିବା ଆଜିର ଆହ୍ୱାନ। ହେଲେ କରୋନା କାଳର ଭୟ ଦୂର କଲା ଭଳି ଓଡ଼ିଆ ଭାଷାରେ ଦେଖା ଦେଇଥିବା ସଙ୍କଟ ଟାଳିବାକୁ ସରକାର ଯତ୍ନବାନ ହୁଅନ୍ତୁ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସଂକ୍ରମଣ ଶକ୍ତି, ପଞ୍ଚସୂତ୍ରୀ କଣ୍ଟେନ୍‌ମେଣ୍ଟ ରଣନୀତି



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଦେଶରେ କରୋନା ସଂକ୍ରମଣ ମାମଲା କ୍ଷୀପ୍ର ଗତିରେ ବଢ଼ି ଚାଲିଛି। ସଂକ୍ରମଣ ରୋକିବା ଦିଗରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ତେବେ ସଂକ୍ରମଣକୁ ନିୟନ୍ତ୍ରଣରେ ରଖିବା ପାଇଁ କେନ୍ଦ୍ର ସରକାର ରାଜ୍ୟ ମାନଙ୍କ ପାଇଁ ପଞ୍ଚସୂତ୍ରୀ କଣ୍ଟିନ୍‌ମେଣ୍ଟ ରଣନୀତି ପ୍ରସ୍ତୁତ କରିଛନ୍ତି। ତାହା ହେଉଛି ଟେଷ୍ଟିଂ ବୃଦ୍ଧି, ସଠିକ ଆଇସୋଲେସନ୍ ଏବଂ କଣ୍ଟାକ୍ଟ ଟ୍ରେସି, ସ୍ୱାସ୍ଥ୍ୟ ସମ୍ବଳର ଉପଯୁକ୍ତ ବିନିଯୋଗ, କରୋନା ନିୟମାବଳୀର ପାଳନ ଏବଂ ଉପଲବ୍ଧ ଥିବା ଟିକାର ପୂର୍ଣ୍ଣ ବ୍ୟବହାର। ଦେଶରେ ପୁଣିଥରେ କରୋନା ସଂକ୍ରମଣର କାୟା ମେଲିଲାଣି। ସେହିକ୍ରମରେ ଦେଖିବାକୁ ଗଲେ ରାଜ୍ୟରେ ମଧ୍ୟ କରୋନାର ଦ୍ୱିତୀୟ ଲହର ଆରମ୍ଭ ହୋଇଥିବାବେଳେ ଦୈନିକ ସଂକ୍ରମଣରେ ଦ୍ରୁତ ବୃଦ୍ଧି ଦେଖିବାକୁ ମିଳିଛି। ଓଡ଼ିଶାରେ କଭୋଡ଼ି ଟୀକାକରଣ ଦ୍ରୁତଗତିରେ ଆଗେଇ ଚାଲିଛି। ଏହି ଲେଖା ପ୍ରସ୍ତୁତି ବେଳକୁ ଅର୍ଥାତ୍ (ଆଜି ରବିବାର) କେନ୍ଦ୍ରରୁ ୫,୪୮୨୫୦ ଡୋଜ ଟିକା ଆସି ପହଞ୍ଚି ସାରିଛି। ସୂଚନାଥାଉକି ଓଡ଼ିଶାକୁ ୩୪,୪୬,୭୬୦ ଟିକା ଡୋଜ ଦିଆଯାଇଛି। ଇତିମଧ୍ୟରୁ ୨୧,୬୭,୯୫୭ଜଣ ହିତାଧିକାରୀଙ୍କୁ ୨୨,୯୭,୪୩୧ ଡୋଜ ଟିକା ଦିଆଯାଇଛି। ସେହିପରି ଓଡ଼ିଶା ନିକଟରେ ଏବେ ୧୧,୪୯,୩୨୯ ଡୋଜ ଟିକା ମହଜୁଦ୍ ରହିଛି। ରାଜ୍ୟରେ କରୋନା ଭୂତାଣୁର ଆର ବା ରିପ୍ରଡକ୍ସନ ଭ୍ୟାଲୁ (ଅନ୍ୟମାନଙ୍କୁ ସଂକ୍ରମିତ କରିବାର କ୍ଷମତା) ବୃଦ୍ଧି ପାଇଛି। ଗତ ସପ୍ତାହରେ ରାଜ୍ୟର ଆର ଭ୍ୟାଲୁ ୦.୮୪% ଥିବାବେଳେ ଏହି ଲେଖା ପ୍ରସ୍ତୁତି ବେଳକୁ ତଥା ଆଜି ଏହା ୧.୩୦%ରେ ପହଞ୍ଚିଯାଇଛି। ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ବହୁ ଆକ୍ରାନ୍ତ ଚିହ୍ନଟ ହେଲେଣି। ଯଦି କ୍ରମାଗତ ଭାବେ ରାଜ୍ୟର ଆରଭ୍ୟାଲୁ ୧ ସଂଖ୍ୟା ଉପରେ ରହେ ତାହାହେଲେ ରାଜ୍ୟର ସଂକ୍ରମଣ ଆହୁରି ଆଶଙ୍କା ବଢ଼ିଯାଇପାରେ। ସୂଚନାଥାଉକି ବିଭିନ୍ନ ରୋଗର ଭିନ୍ନ ଭିନ୍ନ ଆର ଭାଲ୍ୟୁ ରହିଛି। ସାଧାରଣ ଭାବେ ଏହି ସଂଖ୍ୟା ୧ ଉପରେ ରହିଲେ ସଂକ୍ରମଣ ବଢ଼ିବା ନେଇ ଆଶଙ୍କା ପ୍ରକାଶ ପାଇଥାଏ। ବ୍ରିଟେନରୁ ଓଡ଼ିଶା ଫେରିଥିବା ତିନିଜଣଙ୍କ ଠାରେ ବ୍ରିଟେନ ଭୂତାଣୁର ସ୍ୱତନ୍ତ୍ର ଷ୍ଟ୍ରେନ୍ (ବି.୧.୧.୭) ଚିହ୍ନଟ କରାଯାଇଛି। ତେବେ ଖୁସିର କଥା କରୋନାର ଦକ୍ଷିଣ ଆଫ୍ରିକା ଓ ବ୍ରାଜିଲ ଭାରିଏଣ୍ଟ ଦେଖିବାକୁ ଓଡ଼ିଶାରେ ମିଳିନାହିଁ। ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜିରେ ହୋଇଥିବା ପରୀକ୍ଷାରୁ ଏହା ଜଣାପଡ଼ିଛି। ଗତ ୨୪ଘଣ୍ଟା ଭିତରେ ଭାରତରେ ୫୩୪୭୬ ନୂଆ କରୋନା ମାମଲା ଚିହ୍ନଟ ହୋଇଛି। ଦେଶର ୧୮ଟି ରାଜ୍ୟରେ ଦୁଇଥର ରୂପାନ୍ତରିତ ହେଉଥିବା କରୋନା ପ୍ରଜାତିକୁ ଚିହ୍ନଟ କରାଯାଇଛି। ତେବେ ଏହି ନୂଆ ପ୍ରଜାତିର ଭାଇରସ୍ ସହ ଭିଓସି (ଭାରିଏଣ୍ଟସ୍ ଅଫ୍ କନ୍‌ସନ୍ରସ) ୧୮ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଚିହ୍ନଟ ହୋଇଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଦେଶରେ ନିକଟରେ ଯେଉଁ ସଂକ୍ରମଣ ବୃଦ୍ଧି ହୋଇଛି ତାହା ଏହି ଭିଓସି କିମ୍ବା କରୋନାର ଦୁଇଟି ରୂପାନ୍ତରିତ ପ୍ରଜାତି ପାଇଁ ହୋଇଛି କି ନା ତାହା ଜଣାପଡ଼ିନି। ଦୁଇଥର ରୂପାନ୍ତରିତ ହେଉଥିବା ଏହି ନୂଆ କରୋନା ପ୍ରଜାତିକୁ ଆଇଏନ୍‌ଏସ୍‌ଏସିଓଜି (ଇଣ୍ଡିଆନ ସାର୍ସ-କଭ-୨ କନ୍‌ସୋର୍ଟିୟମ୍ ଅନ ଜେନୋମିକ୍ସ) ଦ୍ୱାରା ଠାବ କରାଯାଇଛି। ଦେଶରେ ୭୩୬ ନମୁନାରେ ବ୍ରିଟିଶ ପ୍ରଜାତି ଚିହ୍ନଟ ହୋଇଛି। ୩୪ଜଣଙ୍କ ନମୁନାରେ ଦକ୍ଷିଣ ଆଫ୍ରିକୀୟ ପ୍ରଜାତି ଚିହ୍ନଟ ହୋଇଛି।

କରୋନା ସଂକ୍ରମଣ ଭୟ ଥମି ନଥିଲା ବେଳେ କଳା-ଜ୍ୱର (ଭିସେରାଲ ଲେଇସମେନିଆସିସ୍) ଭୟ ଘାରିଲାଣି। ଦେଶର କେତେକ ରାଜ୍ୟରେ ଏହି ରୋଗ ଚିହ୍ନଟ ହେବା ପରେ ରାଜ୍ୟ ସରକାର ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। କେବଳ କଳାଜ୍ୱର ନୁହେଁ, ସ୍କ୍ରବ ଟାଇଫସର ସ୍ଥିତି ସଂପର୍କରେ ଜାଣିବା ଲାଗି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆରଏମ୍‌ଆରସିକୁ ଚିଠି ଲେଖା ଯାଇଥିବା ଜଣାପଡ଼ିଛି। ଆରଏମ୍‌ଆରସି ପକ୍ଷରୁ ସେରୋ ସର୍ଭେ ପାଇଁ ସଂଗୃହୀତ ହୋଇଥିବା ରକ୍ତ ନମୁନାରୁ କଳାଜ୍ୱର ସଂପର୍କରେ ଜାଣିବା ଲାଗି କୁହାଯାଇଛି। ଓଡ଼ିଶାରେ କଳା-ଜ୍ୱର ସ୍ଥିତି ଅତ୍ୟନ୍ତ ନଗଣ୍ୟ ରହିଛି। ମାତ୍ର ଗତ କିଛିଦିନ ତଳେ ବିହାରରେ ପୁଣିଥରେ କଳା ଜ୍ୱର ବ୍ୟାପିବା ପରେ ସ୍ୱାସ୍ଥ୍ୟ ବିଭାଗ ଏଥିପାଇଁ ଆଗୁଆ ସତର୍କତା ଅବଲମ୍ବନ କରିଛି। ଗତବର୍ଷ ରାଜ୍ୟରେ କରୋନା ସଂକ୍ରମଣ ବ୍ୟାପିବା ପରେ ଭୂତାଣୁ ସଂକ୍ରମଣ ଯୋଗୁଁ ଲୋକଙ୍କ ଶରୀରରେ ସୃଷ୍ଟି ହେଉଥିବା ଆଣ୍ଟିବଡ଼ି ସଂପର୍କରେ ଜାଣିବା ଲାଗି ଆରଏମ୍‌ଆରସି ପକ୍ଷରୁ ରାଜ୍ୟବ୍ୟାପୀ ବିଭିନ୍ନ ସ୍ଥାନରେ ସେରୋ ସର୍ଭେ କରାଯାଇଥିଲା। ଭୁବନେଶ୍ୱର, କଟକ, ରାଉରକେଲା, ଗଜପତି, ଗଞ୍ଜାମ ଭଳି ସ୍ଥାନରେ ସେରୋ ସର୍ଭେ ହୋଇଥିଲା। ଏପରିକି କିଛି ସ୍ଥାନରେ ଏକାଧିକ ଥର ସର୍ଭେ କରାଯାଇଛି। ତେଣୁ ଆରଏମ୍‌ଆରସି ପାଖରେ ସଂଗୃହୀତ ନମୁନାର ସିରମ ରହିଛି। ତେଣୁ ଏହାକୁ ବ୍ୟବହାର କରି କଳା-ଜ୍ୱର ସଂପର୍କରେ ଜାଣିବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

କଳା-ଜ୍ୱର ସାଧାରଣ ଭାବେ ଲେସମାନିଆ ଡୋନୋଭାନି ପାରାସାଇଟ ଦ୍ୱାରା ହେଉଥିବା ବେଳେ ସ୍ୟାଣ୍ଡ ମାଛି ଦ୍ୱାରା ବ୍ୟାପିଥାଏ। କଳା-ଜ୍ୱରରେ ପୀଡ଼ିତ ରୋଗୀକୁ ମାଈ ସ୍ୟାଣ୍ଡ ମାଛି କାମୁଡ଼ିବା ପରେ ଅନ୍ୟକୁ କାମୁଡ଼ିଲେ ତାହା ବ୍ୟାପିବାକୁ ଆରମ୍ଭ କରିଥାଏ। କଳା-ଜ୍ୱର ଯୋଗୁଁ ଜ୍ୱର ହେବା ସହିତ ଓଜନ କମିବା, ରକ୍ତହୀନତା ଓ ଯକୃତ ଓ ପ୍ଳିହା ଫୁଲିଯାଇଥାଏ। ଠିକ ସମୟରେ ଚିକିତ୍ସା ନ କଲେ ରୋଗୀ ପ୍ରାଣ ହରାଇବା ନିଶ୍ଚିତ। ସେହିପରି ସ୍କ୍ରବ ଟାଇଫସ ଟିଙ୍କ ଦ୍ୱାରା ବ୍ୟାପିଥାଏ। ଏଥିରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କ ଶରୀରରେ ଜ୍ୱର ସହିତ ଘା'ସୃଷ୍ଟି ହୋଇଥାଏ। ଯଦିଓ କିଛି ବର୍ଷ ପୂର୍ବରୁ ଓଡ଼ିଶାରେ ଏହାର ଉପସ୍ଥିତି ନଥିଲା, ହେଲେ ନିକଟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଏକାଧିକ ଲୋକଙ୍କଠାରେ ଏଭଳି ରୋଗ ନଜରକୁ ଆସୁଥିବା ସୂଚନା ମିଳିଛି। କରୋନାର ନୂଆ ପ୍ରଜାତିର ଉଦ୍‌ବେଗଜନକ ଚିତ୍ର ରହିଥିବାବେଳେ କଳାଜ୍ୱର ନିଶ୍ଚିନ୍ତ ଭାବରେ ସମସ୍ୟାକୁ ବଢ଼ାଇବ। ତେବେ ଓଡ଼ିଶାବାସୀ ଆଶ୍ୱସ୍ତି ହେବାର କଥା ଏହାଯେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏହାର ତତ୍କାଳ ଓ ଦୂରଦୃଷ୍ଟି ସମ୍ପନ୍ନ ଜରୁରୀ ନିଷ୍ପତ୍ତି ନେଇ ରାଜ୍ୟବାସୀଙ୍କୁ କରୋନା ଠାରୁ ଦୂରେଇବା ପାଇଁ କାର୍ଯ୍ୟ ହାତକୁ ନେଇଛନ୍ତି। ତେବେ ଏ କ୍ଷେତ୍ରରେ ସାଧାରଣ ଲୋକଙ୍କ ଗୁରୁଦାୟିତ୍ୱ ରହିଛି ସାମାଜିକ ଦୂରତ୍ୱ ସହ ସାନିଟାଇଜ ବ୍ୟବହାର ଓ ବାରମ୍ବାର ହାତ ଧୁଅନ୍ତୁ। ଜନସାଧାରଣ ସଚେତନ ହେଲେ କରୋନାର ନୂଆ କାୟା ବିସ୍ତାର ହୋଇପାରିବ ନାହିଁ।

ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ, ଦୂରଭାଷ : ୯୪୩୭୦୫୧୯୫୭

# ଯୁଗେ ଯୁଗେ ଉତ୍କଳ



ଡକ୍ଟର ମନୋରଞ୍ଜନ ବିଷୋୟୀ

"ବର୍ଷାଣାଂ ଭାରତ ଶ୍ରେଷ୍ଠ, ଦେଶାନାଂ ଉତ୍କଳ ଶ୍ରୁତ୍ୟେ
ଉତ୍କଳସ୍ୟ ସମୋଦେଶ, ଦେଶୋନାସ୍ତି ମହୀତଳେ ।" (କପିଳ ସଂହିତା)

ଉତ୍କଳୀୟ ସଂସ୍କୃତି ବାସ୍ତବିକ ଆପଣାର ମହନୀୟତାରେ ଦୀପ୍ତିମାନ । ଲକ୍ଷ୍ୟକଲେ ଦେଖାଯାଏ ଯେ, ଓଡ଼ିଶାର ପ୍ରାଚୀନ ସଂସ୍କୃତି ମୁଖ୍ୟତଃ ଆଦିବାସୀମାନଙ୍କ ଦ୍ୱାରା ପ୍ରଭାବିତ । ଓଡ଼ିଶାର ଆଦିମ ଅଧିବାସୀମାନେ ଥିଲେ ଶବର । ପରବର୍ତ୍ତୀ ସମୟରେ ଏଠାକୁ ଆସିଥିଲେ ଦ୍ରାବିଡ଼। ଏହା ସହ ଓଡ଼ିଶାର ଉତ୍ତର ଦିଗରୁ ଆର୍ଯ୍ୟମାନେ ପ୍ରଥମେ ସମତଳ କ୍ଷେତ୍ରରେ ପ୍ରଭାବ ବିସ୍ତାର କରିଥିଲେ । ବହୁ ଆଦିମ ଅଧିବାସୀ ଜଙ୍ଗଲକୁ ସେମାନଙ୍କ ବାସସ୍ଥାନ ବାଛି ନେଇଥିବା ବେଳେ; ଅନେକ ବଶ୍ୟତା ସ୍ୱୀକାର କରି ସେମାନଙ୍କ ସେବାକାରୀ ଭାବରେ ଜୀବନ ଅତିବାହିତ କରିଥିଲେ । ଏ ପରିପ୍ରେକ୍ଷୀରେ କହିରଖେ- ପ୍ରାଚୀନ ଓଡ଼ିଶା ଥିଲା ଜୈନ ଓ ବୌଦ୍ଧଧର୍ମ ଦ୍ୱାରା ପ୍ରଭାବିତ । ପରବର୍ତ୍ତୀ ସମୟରେ ଏଠାରେ ଶୈବ, ଶାକ୍ତ ଓ ଗାଣପତ୍ୟଙ୍କ ପ୍ରଭାବ ପରିଲକ୍ଷିତ ହୋଇଥିଲା। କିନ୍ତୁ ଓଡ଼ିଶାର ରାଷ୍ଟ୍ରଦେବତା ଭାବରେ ଶବର ପୂଜିତ ଜଗନ୍ନାଥ ପ୍ରତିଷ୍ଠା ଲାଭ କରିଥିଲେ । ସୌଭାଗ୍ୟର କଥା ଓଡ଼ିଶାର ଅବସ୍ଥିତି ହେଉଛି ଉତ୍ତର ଓ ଦକ୍ଷିଣ ଭାରତର କେନ୍ଦ୍ରବିନ୍ଦୁ । କେବଳ ଭୌଗୋଳିକ ଦୃଷ୍ଟିରୁ ନୁହେଁ; ଭାଷା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ଏହା ହେଉଛି ଉତ୍ତର ଓ ଦକ୍ଷିଣ ମଧ୍ୟରେ ଏକ ସେତୁ । ଭାରତବର୍ଷରେ ପ୍ରଚଳିତ ସଂସ୍କୃତ ଭାଷା ଜନସାଧାରଣଙ୍କ ଭାଷା ନଥିଲା । ସଂସ୍କୃତ ଭାଷାକୁ ସାଧାରଣ ଲୋକଙ୍କ ସ୍ତରକୁ ଆଣିବା ନିମନ୍ତେ ଆର୍ଯ୍ୟ ପଣ୍ଡିତମାନେ ମଧ୍ୟ ତତ୍ପର ନଥିଲେ। ତେଣୁ ଲୋକମୁଖର କଥିତ ପ୍ରାକୃତ ଭାଷା ଏଠାରେ ପ୍ରଚଳିତ ଥିଲା । ଏପରିକି ଗୌତମ ବୁଦ୍ଧ ଆପଣାର ଲବ୍ଧ ସତ୍ୟକୁ ଲୋକାନୁଭବର ସ୍ତରକୁ ଆଣିବା ଉଦ୍ଦେଶ୍ୟରେ ସେହି ପ୍ରାକୃତ ଭାଷାକୁ ମାଧ୍ୟମରୂପେ ଗ୍ରହଣ କରିଥିଲେ । ସେତେବେଳେ ସଂସ୍କୃତର ପ୍ରତିଷ୍ଠିତ ଅଭିମାନ ସହିତ ପ୍ରାକୃତକୁ ଅନେକ ସଂଗ୍ରାମ କରିବାକୁ ପଡ଼ିଥିଲା। କ୍ରମେ ଗୌତମ ବୁଦ୍ଧ ପ୍ରତିଷ୍ଠିତ ହେବା ସହ ପ୍ରାକୃତ ଭାଷା ପ୍ରତିଷ୍ଠିତ ହେଲା। ତତ୍ ସଂଗେ ସଂଗେ ବୁଦ୍ଧ ପ୍ରଚାରିତ ଧର୍ମ ମଧ୍ୟ ରାଜଧର୍ମ ହେବାକୁ ଆରମ୍ଭ କରିଥିଲା। ଏସବୁ ଭିତରେ ବିଭାଷା ବୋଲି ଘୋଷିତ ହୋଇଥିବା ଓଡ଼ିଆ ପଣ୍ଡିତମାନଙ୍କ ଭାଷା; ଦେଶୀୟ ଶବ୍ଦ ସହ ଶାବରୀର ସଂଯୋଗରେ ଓଡ୍ରୀ ଭାଷା ଭାବରେ ରୂପଲାଭ କରିଥିଲା । ଶାବରୀ ହେଉଛି ଏହି ଭୂମିର ମୂଳଭାଷା। ଯେଉଁ ଭାଷାର ଜଗନ୍ତା ଶବ୍ଦ ସଂପ୍ରତି ଜଗନ୍ନାଥର ରୂପ ଧାରଣ କରିଛି।

ଏ ପରିପ୍ରେକ୍ଷୀରେ କହିରଖେ ଅନେକ ଆଲୋଚକ ପ୍ରାଚୀନ ଦ୍ରାବିଡ଼ ଭାଷାରେ ଲବ୍ଧ 'ଓଡ୍ର' ଅର୍ଥାତ୍ 'ପଳାୟନ କରୁଥିବା ଏକ ଯୂଥ' ମଧ୍ୟରେ ଓଡ଼ିଶାର ସତ୍ତା ଖୋଜିଲାବେଳେ; ଅନ୍ୟ କେତେକ ତାମିଲ ଭାଷାରେ ଚାଷ କରୁଥିବା ଅର୍ଥରେ ବ୍ୟବହୃତ 'ଉଡୁ' ଓ ଚାଷ କରୁଥିବା ଲୋକଙ୍କୁ 'ଓକ୍‌କଳ' ଏବଂ ସେହି ଧାରାରେ କନ୍ନଡ଼ର ଚଷା ଅର୍ଥରେ ବ୍ୟବହୃତ 'ଓଡ଼ିସ' ଶବ୍ଦ ଭିତରୁ ଓଡ଼ିଆ ଉତ୍କଳକୁ ଖୋଜିବାର ଚେଷ୍ଟା କରିଛନ୍ତି । ପ୍ରକୃତପକ୍ଷେ କହିବାକୁ ଗଲେ ଓଡ଼ିଶା କ୍ଷୁଦ୍ର କ୍ଷୁଦ୍ର ଆଞ୍ଚଳିକ ଶାସକମାନଙ୍କ ଦ୍ୱାରା ଶାସିତ ହେଉଥିଲା । ମୁଖ୍ୟତଃ ଆଦିବାସୀ ମୁଖ୍ୟମାନେ ଥିଲେ ଏହାର ଶାସକ । ପ୍ରଶାସନିକ କେନ୍ଦ୍ରବିନ୍ଦୁର ଅଭାବରେ ଜନତା ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେବା ସହ ନାନା ଶାସକମାନଙ୍କ ଦ୍ୱାରା ଉତ୍ପୀଡ଼ିତ ହେଉଥିଲେ । ତେଣୁ ଏକ ସମୃଦ୍ଧ ଜନପଦ ଓ ସଂପନ୍ନ ଜନଗୋଷ୍ଠୀ ମଧ୍ୟରୁ ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଖୋଜିବା ସମ୍ଭବ ନୁହେଁ । ଏପରିକି ସାନ୍ଧ୍ୟ ଭାଷା 'ଚର୍ଯ୍ୟାପଦ' କେବଳ ଓଡ଼ିଆ ସାଧକମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ମଧ୍ୟ ବିଶ୍ୱାସ କରାଯାଇ ନପାରେ । ପୁଣି ସାରଳା ଦାସ 'ମହାଭାରତ' କିମ୍ବା 'ଚଣ୍ଡିପୁରାଣ' ସୃଷ୍ଟି କଲାବେଳେ ଆପେ ଆପେ ଶବ୍ଦ ପୁଂଜ ଗଢ଼ି ନଥିଲେ । ରାଜ ଅନୁକମ୍ପା କିମ୍ବା ପଣ୍ଡିତମାନଙ୍କ ସୌଭାଗ୍ୟ ପାଇନଥିବା ଲୋକମୁଖର ଭାଷାକୁ କେବଳ ଆଦରି ନେଇଥିଲେ । ରାଜା ଓ ପଣ୍ଡିତମାନେ ସାଧାରଣ ଲୋକଙ୍କ ଠାରୁ ଆପଣାକୁ ଉଚ୍ଚରେ ରଖିବା ପାଇଁ ସଂସ୍କୃତକୁ ମାନ୍ୟତା ପ୍ରଦାନ କରିଥିଲେ । ଏହା କେବଳ ଓଡ଼ିଆ ନୁହେଁ; ଭାରତର ପ୍ରତ୍ୟେକ ଅଞ୍ଚଳର ଭାଷାକୁ ଅନୁଧ୍ୟାନ କଲାବେଳେ ଜାଣିହୁଏ। କିନ୍ତୁ ଏସବୁ ସତ୍ତ୍ୱେ ଜନପ୍ରଚଳିତ ଭାଷା ସବୁ ଉପେକ୍ଷା ଭିତରେ ମଧ୍ୟ ବଞ୍ଚି ରହିଥିଲା ଏବଂ ତାହାହିଁ ଦେଇଥିଲା ବଞ୍ଚିବାର ସରଳତମ ସୂତ୍ର । ଏହି ଧାରାରେ ଲୋକସାହିତ୍ୟର ମହତ୍ତ୍ୱକୁ ମଧ୍ୟ ଅନୁଧ୍ୟାନ କରାଯାଇପାରେ। ଲୋକ ଅଭିବ୍ୟକ୍ତି ଭିତରେ ଜାତିର ପ୍ରାଣସ୍ପନ୍ଦନ ଥିଲା ଅଧିକ ଜୀବନ୍ତ। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଓଷା, ବ୍ରତ, ଯାତ୍ରା ମାଧ୍ୟମରେ ଲୋକଭାଷା, ସଂସ୍କୃତି ଓ ପରମ୍ପରାର ଧାରାଟିକୁ ଅଧିକ ପ୍ରସାରିତ କରିଥିଲା । ଏହା ସହ ସାରଳା ଦାସ ଏକ ନୀରବ ପ୍ରତିବାଦ ମାଧ୍ୟମରେ ସଂସ୍କୃତ ସମସ୍ପର୍ଦ୍ଧି ଏକ ଦେଶଜ ପରମ୍ପରା ସୃଷ୍ଟି କରିଥିଲେ । ଯାହା ଦେଶଜ ଭାଷାରେ ଏକ ନୂଆ ପରମ୍ପରା ସୃଷ୍ଟି କରିଥିଲା । ସାରଳା ପରବର୍ତ୍ତୀ ପଞ୍ଚଦଶ ଶତାବ୍ଦୀ ବେଳକୁ ପ୍ରାନ୍ତୀୟ ଭାଷାଗୁଡ଼ିକ ଅପୂର୍ବ ସାମର୍ଥ୍ୟ ନେଇ ସମାଜରେ ଭିନ୍ନ ଏକ ପରମ୍ପରା ସୃଷ୍ଟି କରିବାର ପ୍ରୟାସ ଆରମ୍ଭ କରିସାରିଥିଲେ । ବଳରାମ ଦାସଙ୍କ 'ଜଗମୋହନ ରାମାୟଣ', ଜଗନ୍ନାଥ ଦାସଙ୍କ 'ଭାଗବତ' ଓ ଅଚ୍ୟୁତାନନ୍ଦଙ୍କ 'ହରିବଂଶ' ଏହାର ଏକ ଏକ ଶ୍ରେଷ୍ଠ ଉଦାହରଣ । ପିଣ୍ଡ ଭିତରେ ବ୍ରହ୍ମାଣ୍ଡର ପରିକଳ୍ପନା କରି ଆଧ୍ୟାତ୍ମିକତାର ପୃଷ୍ଠଭୂମି ଉପରେ ସମତାର ସମାଜ ଗଠନରେ ଏମାନେ ଥିଲେ ବ୍ରତୀ । ଜାତିଭେଦ, ଉଚ୍ଚନୀଚକୁ ଅସ୍ୱୀକାର କରି ଏକ ଅଭିନବ ଉପାୟରେ ମାନବର ଜୟଗାନ ଏମାନେ କରିଥିଲେ । ଏପରିକି ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ' ଓଡ଼ିଆ ପରମ୍ପରାରେ ଜୀବନାନୁସନ୍ଧାନର ଧାରାକୁ କରିଥିଲା ପ୍ରସାରିତ । ପରବର୍ତ୍ତୀ ରୀତିଯୁଗୀୟ ସ୍ରଷ୍ଟା; ପୂର୍ବବର୍ତ୍ତୀ ଯୁଗର ସମାଜ ସଂପୃକ୍ତି ମନୋଭାବକୁ ଅତି ଚତୁରତାର ସହ ଗ୍ରହଣ କରିଛନ୍ତି। ସଂସ୍କୃତ ସମସ୍ପର୍ଦ୍ଧୀ ଓଡ଼ିଆ ସାହିତ୍ୟର ମହତ୍ତ୍ୱ ବଖାଣିବାକୁ ଯାଇ ଉପେନ୍ଦ୍ର ଭଞ୍ଜ ଘୋଷଣା କରିଛନ୍ତି- 'ଘେନ ନୈଷଧ ପରାୟେ, ଉପଇନ୍ଦ୍ର କହେ / ବୁଦ୍ଧେ ପ୍ରମାଦ କରାଏ ।' ତେଲି ଭାଗବତରୁ ନୈଷଧ ସମସ୍ପର୍ଦ୍ଧୀ କାବ୍ୟ ସୃଷ୍ଟିର ଏ ଆସ୍ପର୍ଦ୍ଧାକୁ ଉପେକ୍ଷା କରିହୁଏ ନାହିଁ । ଦୀର୍ଘକାଳ ଧରି ପ୍ରାକୃତ ଭାଷାର ଅବହେଳା ଏବଂ ପ୍ରାକୃତ ସ୍ରଷ୍ଟାର ଦୁର୍ବଳ ମାନସିକତାକୁ ପରାହତ କରି ସଂସ୍କୃତ ସମସ୍ପର୍ଦ୍ଧୀ କାବ୍ୟ ସୃଷ୍ଟିର ଏକ ଅନୁପମ ଧାରାଟିଏ ଏ ସମୟରେ ସୃଷ୍ଟିଲାଭ କରିଅଛି । ବସ୍ତୁତଃ କୁହାଯାଇପାରେ ଏହାର ଶୀର୍ଷବିନ୍ଦୁରେ କବିସୂର୍ଯ୍ୟ, ବନମାଳୀ ଓ ଗୋପାଳକୃଷ୍ଣ ଅଧିକ କୁଶଳତାର ସହ ପରମ୍ପରାକୁ ଆଗେଇ ନେଇଛନ୍ତି ।

ଏହାରି ଭିତରେ କିନ୍ତୁ ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଭାରତରେ ଏକ ନୂତନ ସମ୍ଭାବନା ସୃଷ୍ଟି ହୋଇଥିଲା । ୟୁରୋପୀୟ ସଂସ୍କୃତି-ବଣିକ, ଶାସକ ଏବଂ ଧର୍ମପ୍ରଚାରକଙ୍କୁ ଭାରତ ପ୍ରେରଣ କରି; ଭାରତର ଦୃଷ୍ଟିକୋଣକୁ ବିଶ୍ୱମୁଖୀ କରିପାରିଥିଲା । ନୂତନ ଆହ୍ୱାନର ସମ୍ମୁଖୀନ ହେବା ଏବଂ ପରମ୍ପରାକୁ ପୁନଃ ଅନୁଶୀଳନ କରିବା ଥିଲା ଏ ସମୟର ଆଭିମୁଖ୍ୟ । ଏପରିକି ବ୍ରିଟିଶ୍ ଶାସନ ପ୍ରତିଷ୍ଠା ଭାରତୀୟ ସଭ୍ୟତା ଓ ଜନଜୀବନରେ ଆଣିଥିଲା ଅଭିନବ ପରିବର୍ତ୍ତନ । ଏ ସମୟରେ ଭାରତୀୟ ସଭ୍ୟତା ଅଭିନବ ଯାତ୍ରା ନିମନ୍ତେ ଆପଣାକୁ ପ୍ରସ୍ତୁତ କରିଥିଲା । ଭାରତୀୟଙ୍କ ନିମନ୍ତେ ସ୍ୱାଧୀନତା ହରାଇବା ପ୍ରଥମ ଘଟଣା ନଥିଲା । କିନ୍ତୁ ଇଂରେଜ ସାମ୍ରାଜ୍ୟବାଦର ପ୍ରଭାବ; ଭାରତୀୟ ଚିନ୍ତାଧାରା ଓ ଜୀବନଧାରାକୁ ବିଶେଷ ପ୍ରଭାବିତ କରିଥିଲା । ଇଂରେଜ ଶାସନ ଦ୍ୱାରା ପାଶ୍ଚାତ୍ୟ ଦୃଷ୍ଟିକୋଣ କ୍ରମେ ଆମ ଜୀବନ ଓ ଚିନ୍ତନକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲା ।

ଏ ପରିପ୍ରେକ୍ଷୀରେ କହିରଖେ; ପ୍ରାଚ୍ୟ ଜଗତର ପ୍ରାଚୁର୍ଯ୍ୟ ଲୁଣ୍ଠନ ନିମନ୍ତେ ବ୍ୟବସାୟିକ ସଂପର୍କ ପ୍ରତିଷ୍ଠାର ପର୍ବ ଆରମ୍ଭ କରିଥିଲା ବ୍ରିଟିଶ୍ ଇଷ୍ଟଇଣ୍ଡିଆ କମ୍ପାନୀ । କିନ୍ତୁ ସମୟକ୍ରମେ ଧର୍ମପ୍ରଚାର ଓ ବାଣିଜ୍ୟ ସଂପର୍କ ସ୍ଥାପନ ଧାରାରୁ ଇଂରେଜମାନେ ବିଚ୍ୟୁତ ହୋଇ ଦେଶ ଲୁଣ୍ଠନ ଦିଗରେ ହୋଇ ଉଠିଥିଲେ ଅଧିକ ତତ୍ପର । ୧୮୦୩ ମସିହାରେ ବ୍ରିଟିଶ୍ ସାମ୍ରାଜ୍ୟର ଆଧିପତ୍ୟ ଓଡ଼ିଶା ଉପରେ ବିସ୍ତାର ଲାଭ କରିଥିଲା । ଓଡ଼ିଶା ଅଧିକାର ପରେ ନୂତନ ଶିକ୍ଷାନୀତି ପ୍ରଣୟନ, ମୁଦ୍ରଣ ଶିଳ୍ପର ବିକାଶ, ପତ୍ରପତ୍ରିକାର ପ୍ରକାଶନ, ଡାକ ଓ ରେଳ ବ୍ୟବସ୍ଥା ଓଡ଼ିଶାକୁ ଅଭ୍ୟୁଦୟ ପଥରେ ଅବସ୍ଥାପିତ କରିଥିଲା । କିନ୍ତୁ ଇଂରେଜମାନଙ୍କ ଦ୍ୱୈତଶାସନ ନୀତି, ଅର୍ଥନୈତିକ ଶୋଷଣ, ନୂତନ ଜମିଜମା ବନ୍ଦୋବସ୍ତ ତଥା ଖ୍ରୀଷ୍ଟଧର୍ମ ପ୍ରଚାର ଆଦି ସମାଜରେ ସୃଷ୍ଟି କରିଥିଲା ଘୋର ଜନ ଅସନ୍ତୋଷ । ୧୮୬୬ ମସିହା ପ୍ରଳୟଙ୍କରୀ 'ନଅଙ୍କ ଦୁର୍ଭିକ୍ଷ' ସମୟରେ ଶାସକ ଗୋଷ୍ଠୀର ଅନୁଦାର ମନୋବୃତ୍ତି ଏ ଜାତିକୁ ପୁନଃ ସଂଗଠିତ ହେବା ଦିଗରେ ଅନୁପ୍ରେରିତ କରିଥିଲା । ଏପରିକି ନୂତନ ଶାସନ ବ୍ୟବସ୍ଥା ସଂପର୍କରେ ଅନଭିଜ୍ଞ ଓଡ଼ିଶାର ଜମିଦାର ଶ୍ରେଣୀ ସୂର୍ଯ୍ୟାସ୍ତ ଆଇନ ବଳରେ ହରାଇଥିଲେ ସେମାନଙ୍କ ପ୍ରତିଷ୍ଠା । ଫଳସ୍ୱରୂପ ଇଂରେଜମାନଙ୍କ କୂଟନୀତି ଓ ହୀନ ଚକ୍ରାନ୍ତ ବିରୁଦ୍ଧରେ ୧୮୦୫ ମସିହାରେ ବିପ୍ଳବୀ ଜୟୀ ରାଜଗୁରୁ, ୧୮୧୭ ମସିହାରେ ବକ୍ସି ଜଗବନ୍ଧୁ 'ଖୋର୍ଦ୍ଧା ପାଇକ ବିଦ୍ରୋହ' ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିଥିଲେ । ବିପ୍ଳବର ବହ୍ନି କ୍ରମେ ବାଣପୁରର ବିପ୍ଳବୀ ନେତା କୃତ୍ତିବାସ ପାଟଶାଣୀ, ଘୁମୁସରର ଚକରା ବିଶୋଇ, ଦୋହରା ବିଶୋଇ, ସମ୍ବଲପୁରର ବୀର ସୁରେନ୍ଦ୍ର ସାଏଙ୍କ ମାଧ୍ୟମରେ ପରିବ୍ୟାପ୍ତ ହୋଇଥିଲା । କିନ୍ତୁ ରଣକୌଶଳ ତଥା ଅସ୍ତ୍ରଶକ୍ତିରେ ଇଂରେଜମାନେ ଥିଲେ ଅଧିକ ଶକ୍ତିଶାଳୀ । ଫଳତଃ ଅଚିରେ ଏ ବିଦ୍ରୋହ ପ୍ରଶମିତ ହେବା ସହ ଏ ବିଶାଳ ଜାତି ଚରମ ଦୁଃଖ, ଦୁର୍ଦ୍ଦଶା ଭୋଗ କରିଥିଲା ।

ସମୟାନୁକ୍ରମେ ଊନବିଂଶ ଶତକର ବିଭିନ୍ନ ସମୟରେ ପ୍ରାଚୀନ ଓଡ଼ିଶାର ଅଙ୍ଗଚ୍ଛେଦନ ସଂଗେ ସଂଗେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଲୋପ ଦିଗରେ ସୁଚିନ୍ତିତ ଉଦ୍ୟମ କରାଯାଇଥିବା ଲକ୍ଷ୍ୟ କରିହୁଏ । ଏପରିକି ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ଭାଷା ପ୍ରଚଳନ ନିମନ୍ତେ ବଙ୍ଗବାସୀଙ୍କ ପକ୍ଷରୁ ଉଦ୍ୟମ ତଥା ବାଲେଶ୍ୱର ଭର୍ଣ୍ଣାକୁଲାର ସ୍କୁଲର କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ 'ଉଡ଼ିଆ ଏକ୍‌ଟା ସ୍ୱତନ୍ତ୍ର ଭାଷା ନୟ' ଆନ୍ଦୋଳନ ଏ ଜାତିକୁ ଆତ୍ମଜାଗୃତି ଦିଗରେ ପ୍ରରୋଚିତ କରିଥିଲା । ଓଡ଼ିଆମାନଙ୍କ ସାମୂହିକ ଉଦ୍ୟମ ଫଳରେ କେବଳ ଏ ଭାଷା ସ୍ୱୀକୃତି ଲାଭ କରି ନଥିଲା; ଅନ୍ୟପକ୍ଷରେ ଆତ୍ମଜାଗୃତି ନିମନ୍ତେ ଏହା ଏକ ଉନ୍ନତ କ୍ଷେତ୍ର ପ୍ରସ୍ତୁତ କରିଥିଲା । ଏ ଦିଗରେ ଅନେକ ଯୋଗଜନ୍ମା କର୍ମବୀର, ଦେଶପ୍ରାଣ ସାହିତ୍ୟିକ, ସାମ୍ବାଦିକ, ଶିକ୍ଷା ପ୍ରସାରକ, ନାଟ୍ୟକାର, ବୁଦ୍ଧିଜୀବୀ, ସମାଜ ସଂସ୍କାରକ ଏପରିକି ସ୍ୱଦେଶପ୍ରେମୀ କେତେକ ରାଜା ଓ ଜମିଦାରଙ୍କ ନିରବଚ୍ଛିନ୍ନ, ନିଃସ୍ୱାର୍ଥପର ସାଧନା ଓ ସଂଗ୍ରାମ ବାସ୍ତବିକ୍ ପ୍ରଶଂସନୀୟ । ଗୌରୀଶଙ୍କର ରାୟ, ବୈକୁଣ୍ଠନାଥ ଦେ, ରାମଶଙ୍କର ରାୟ, ପ୍ୟାରିମୋହନ ଆଚାର୍ଯ୍ୟ, ଫକୀରମୋହନ ସେନାପତି, ରାଧାନାଥ ରାୟ ଆଦିଙ୍କ ଉଦ୍ୟମରେ ବିଧିବଦ୍ଧ ଭାବରେ ଓଡ଼ିଆ ଜାତିର ଅଭ୍ୟୁଦୟର ବାର୍ତ୍ତା ପ୍ରଚାରିତ ହୋଇଥିଲା । 'ଉତ୍କଳ ଦୀପିକା', 'ଉତ୍କଳ ଦର୍ପଣ', 'ସମ୍ବାଦ ବାହିକା', 'ସମ୍ବଲପୁର ହିତୈଷିଣୀ', 'ସ୍ୱଦେଶୀ' ଆଦି ସମ୍ବାଦପତ୍ର ଓଡ଼ିଆ ପ୍ରାଣରେ ସୃଷ୍ଟି କରିଥିଲା ଅପୂର୍ବ ପୁଲକ । ସେହିପରି ୧୮୭୧ ମସିହାରେ ଜନ୍ମ ନେଇଥିବା 'ଉତ୍କଳ ସଭା' ମଧୁସୂଦନ ଦାସଙ୍କ ପ୍ରତିନିଧିତ୍ୱରେ କ୍ରମେ ଓଡ଼ିଆମାନଙ୍କ ସମସ୍ୟାର ପ୍ରତିନିଧି ହୋଇ ଉଠିଥିଲା । ପରେ ପରେ ଶ୍ୟାମସୁନ୍ଦର ରାଜଗୁରୁଙ୍କ ଅଧ୍ୟକ୍ଷତାରେ ୧୯୦୩ ଏପ୍ରିଲ୍ ୧୧-୧୨ ତାରିଖ ବେଳକୁ ବ୍ରହ୍ମପୁର ଠାରେ ମଧୁସୂଦନ ଦାସ, ରାଧାନାଥ ରାୟ, ବିଶ୍ୱନାଥ କର, ନନ୍ଦକିଶୋର ବଳ, ଗୋପାଳ ପ୍ରହରାଜ, ଫକୀରମୋହନ ନେତାପତି ଓ ଗୋପବନ୍ଧୁ ଦାସଙ୍କ ଭଳି କର୍ମବୀର, ସ୍ୱଦେଶପ୍ରେମୀଙ୍କୁ ନେଇ ଉତ୍କଳ ସମ୍ମିଳନୀର ନକ୍‌ସା ପ୍ରସ୍ତୁତ କରାଯାଇଥିଲା ଏବଂ ପରେ ୧୯୦୩ ଡିସେମ୍ବର ୩୦-୩୧ ଦୁଇଦିନ ବ୍ୟାପୀ କଟକ ଠାରେ ମୟୂରଭଂଜ ମହାରାଜ ରାମଚନ୍ଦ୍ର ଭଞ୍ଜଦେଓଙ୍କ ଅଧ୍ୟକ୍ଷତାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଏବଂ ସମ୍ମିଳନୀର ଉଦ୍ଦେଶ୍ୟ ଥିଲା ସମସ୍ତ ଉତ୍କଳ ବାସୀଙ୍କ ମଙ୍ଗଳ ସାଧନ ।

ଏ ପରିପ୍ରେକ୍ଷୀରେ କହିରଖେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କ୍ଷେତ୍ରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ମଧ୍ୟ ସମସ୍ତଙ୍କୁ ବିସ୍ମିତ କରେ । କାରଣ ଇଷ୍ଟେଟ୍ ବନ୍ଧା ପକାଇ ଗୋଲଟେବୁଲ ବୈଠକରେ ଯୋଗଦେବା ଏବଂ ସେଠାରେ ସ୍ୱତନ୍ତ୍ର ପ୍ରଦେଶ ନିମନ୍ତେ ଦାବି ଉପସ୍ଥାପନ କରିବା ବାସ୍ତବିକ ଥିଲା ଏକ ସ୍ମରଣୀୟ ମୁହୂର୍ତ୍ତ । ଏଭଳି ବହୁ ଯୋଗଜନ୍ମା ପୁରୁଷଙ୍କ ଏକନିଷ୍ଠ ଉଦ୍ୟମର ଫଳସ୍ୱରୂପ ଆଜି ବିଖଣ୍ଡିତ ହେଲେ ମଧ୍ୟ ଏକ ସ୍ୱାଧୀନ, ମୁକ୍ତ ଓ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଲାଭ କରିଛି ଓଡ଼ିଆ ଜାତି।

ପରିଶେଷରେ କେବଳ ଏତିକି କହିବି- ଏହିପରି କେତେଜଣ ଯୋଗଜନ୍ମା ସ୍ୱଦେଶୀପ୍ରେମୀ କର୍ମବୀରଙ୍କ ନିରବଚ୍ଛିନ୍ନ, ନିଃସ୍ୱାର୍ଥପର ସାଧନା ଓ ସଂଗ୍ରାମର ଫଳ ଆଜିର 'ଉତ୍କଳ' । ଯାହା ଥିଲା ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ପ୍ରଥମ । ଯେଉଁ ଭାଷା ଆଜି ଶାସ୍ତ୍ରୀୟ ମାନ୍ୟତା ଲାଭ କରିବାରେ ମଧ୍ୟ ସକ୍ଷମ ହୋଇପାରିଛି । ଆଶା ଓଡ଼ିଆ ଅସ୍ମିତାର ଏ ଜୟଯାତ୍ରା ଅବ୍ୟାହତ ରହୁ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର*
*ସଂପର୍କ: ୮୮୯୫୧୪୧୬୨୬*

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ଼ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର



ଭାଗ-୧୨

# ବେଳ ଭଲ ନାହିଁ

କ'ଣ ଲାଭ ହେଲା ଏମିତି ଶିକ୍ଷାରୁ?

ଲାଭ ତ କ'ଣ ହେଲା କହିପାରିବି ନାହିଁ, କିନ୍ତୁ କ୍ଷତି ଯଥେଷ୍ଟ ହେଉଛି।

କି କ୍ଷତି ହେଉଛି?

କ୍ଷତି କଥା କ'ଣ କହିବି ଆପଣଙ୍କୁ। ଝିଅଟା ମୋର ମାଟ୍ରିକ୍ ପାଶ କରିଥିଲା। ଏମାନଙ୍କ କଥାରେ ମାତି ମୁଁ ତା' ନାଆଁ ଏ କଲେଜରେ ଲେଖାଇ ଦେଲି। ଏବେଠୁ ଆଇ.ଏ., ବି.ଏ., ସବୁ ପାଶ କରିଗଲା। ଏବେ ପାଠୋଇ ଝିଅ ପାଇଁ ପାଠୁଆ ଜ୍ୱାଇଁ ଖୋଜିବାକୁ ପଡୁଛି। ଝିଅ ବାହାଘର ପ୍ରସ୍ତାବ ଧରି ଯେତେ ଜାଗା ଗଲଣି, ସବୁ ଏଇ କଲେଜରୁ ବି.ଏ. ପାଶ୍। ଚାକିରି ବାକିରି କିଛି କିଛି ତ ନାହିଁ, ପାଠ ପଢ଼ିଛନ୍ତି ବୋଲି ଚାକିରି ବ୍ୟତୀତ ଅନ୍ୟ କୌଣସି ଧନ୍ଦା କରିବାକୁ ନାରାଜ। ସବୁ ବୁଲୁଛନ୍ତି ବେକାର ହୋଇ, ହେଲେ ଯୌତୁକ ଡିମାଣ୍ଡ ଯେତେ କରୁଛନ୍ତି ଶୁଣିଲେ ଆପଣ ମୁଣ୍ଡରେ ହାତ ଦେବେ। ସେମାନଙ୍କ ଡିମାଣ୍ଡ ଶୁଣି ମୁଁ ତ ବେଳେ ବେଳେ ଭାବୁଛି କି ବେକୁବ୍ ବୁଦ୍ଧି କରି ମୁଁ ଝିଅକୁ କଲେଜକୁ ପଠାଇଲି କେଜାଣି। ପାଠୁଆ ଜୋଇଁ ଖୋଜୁନଥିଲେ ମୁଁ ଝିଅକୁ କେବେଠାରୁ ବାହା ଦେଇସାରନ୍ତାଣି।

ପୁଅଟା ବି ମୋର ମାଟ୍ରିକ୍ ପାଶ୍ କଲା ପରେ ତାକୁ ଆଉ ନ ପଢ଼ାଇ ଏ କାମରେ ପୁରାଇ ଦେଇଥିଲି, ଭଲ କାରିଗରି ବି ହୋଇସାରିଥିଲା। ଦୋକାନ ଧନ୍ଦାରେ ମନଯୋଗ ଦେଉଥିଲା। ହେଲେ ଏଠି କଲେଜ ଖୋଲିବା ପରେ, ତା'ସାଙ୍ଗ ସାଥି ଯେତେବେଳେ ନାଆଁ ଲେଖାଇଲେ, ତାକୁ କିଏ ମତାଇ ଦେଲା କଲେଜରେ ନାଆଁ ଲେଖାଇବା ପାଇଁ, ମୋତେ ପଚାରିଲା ବାପା କଲେଜରେ ନାଆଁ ଲେଖାଇ ଦେବି କି? ଘରୁ ଖାଇ କଲେଜରେ ପଢ଼ିବ, କେଉଁ ଖର୍ଚ୍ଚ ହୋଇଯାଉଛି ଯେ ମୁଁ ସେଥିରେ ଅମତ ହୋଇଥାଆନ୍ତି। ନାଆଁ ଲେଖାଇ ପଢ଼ିଲା ଆଇ.ଏ। ପାଶ ବି କଲା- ପାଶ କେମିତି କଲା ସେ କଥା ତ ଆପଣ ଜାଣିଲେ। ଆଇ.ଏ ପଢ଼ିବା ଯାଏ ମଝିରେ ମଝିରେ ଦୋକାନରେ ବସି ଦୋକାନର ଭଲ ମନ୍ଦ ବୁଝୁଥିଲା, ହେଲେ ବି.ଏ. ପଢ଼ିବା ପରଠାରୁ ଆଉ ଦୋକାନ ଦୁଆର ମାଡିଲା ନାହିଁ। ତା' ଯୋଗ୍ୟତା ପାଇଁ ଏ ଧନ୍ଦା କୁଆଡେ ତାକୁ ଲାଜ ଲାଗିଲା। ବି.ଏ. ପାଶ କରି ଏବେ ବେକାର ହୋଇ ବୁଲୁଛି। କେତେଥର ବୁଝାଇଲିଣି, ଆରେ ଚାକିରି ବାକିରି ନାଆଁରେ ସେ ଆକାଶ କଇଁଆ ପଛରେ କାହିଁକି ଧାଇଁଛୁ? ହେଲା ତୁ ପାଠ ପଢ଼ିଛୁ। ତୋ ଧିଅରୁ ତ କେହି ପାଠ ନେଇଯାଉନାହାନ୍ତି, ଏବେ ସେ ବୁଲାବୁଲି ଚାକିରି ଖୋଜା ଛାଡି ଏ ବେପାରକୁ ସମ୍ଭାଳେ। ମୋ କଥା ଶୁଣି ପୁଅ ଫଅଁ ଫଅଁ କରି ଜବାବ ଦେଲା- ମୁଁ ଗୋଟେ ଗ୍ରାଜୁଏଟ୍। ତମର ସେହି ଚାଳ ଝୁମ୍ପୁଡି ଦୋକାନରେ ଯାଇ ବସିବି ବୋଲି ତମେ କିପରି ଭାବିପାରୁଛ? ମୁଁ ଚେଷ୍ଟା କରୁଛି କୌଣସି ଗୋଟେ ଚାକିରି ପାଇଁ, ଯଦି ନ ହେଲେ ତେବେ ଦେଖିବି କିଛି ଗୋଟେ ବ୍ୟବସାୟ କରିବି, ମାତ୍ର ତମ ଭଳି ଏ ଝୁମ୍ପୁଡି ଘରର ମିଠା ଦୋକାନ ନୁହେଁ।

ମୁଁ କହିଲି-ହଉ ବାପା, ଯାହା ତୋର ଖୁସି ତୁ କର। କୋଉ ବାପ ଚାହେଁନା ପୁଅ ତା'ର ବାପଠାରୁ ଉପରକୁ ଯାଉ ବୋଲି? ହେଲେ ସାଧନା ନଥାଇ କେବଳ ସପନ ଦେଖିଲେ କ'ଣ ହେବ ସାର୍? ଢେର ଦିନ ଯାଏ ଏପଟ ସେପଟ ହୋଇ ବୁଲିଲା ଚାକିରି ଆଶାରେ। ଚାକିରି ମିଳିବାର ନିରାଶ ହେବା ପରେ ଏବେ ମନ ବଳାଉଛି ବେପାର ଆଡେ। ବହୁତ ପ୍ରକାର ବେପାର କରିବା ପାଇଁ ପ୍ରୋଜେକ୍ଟ ରିପୋର୍ଟ ତିଆରି କଲାଣି। ମୂଳଧନ ଓ ଲାଭର ଆକଡା ଦେଖି ମନ ମାରି ହେଉଛି। ଏବେ କ'ଣ ଗୋଟେ ନୂଆ ପ୍ରୋଜେକ୍ଟ ମାନେ ଆମରି ଏଇ ବୃତ୍ତିର ଗୋଟେ ସମ୍ମାନଜନକ ବ୍ୟବସା ପାଇଁ। ମୁଁ ତ ଠିକ୍ ଭାବେ ବୁଝିନି ସେକଥା, କେବଳ ଶୁଣିଛି ରସଗୋଲା ତିଆରି କରି ତାକୁ ଟିଣ ପ୍ୟାକିଂ କରି ଚାରିଆଡେ ସପ୍ଲାଏ କରିବ, ବିଦେଶକୁ ବି ପଠାଇବ। କାହାକୁ ଗୋଧେ ଧରି, କ'ଣ ସେ ଅଫିସ୍ ନାଆଁଟା ମ ଡି.ଆଇ.ସି. କି ଫି.ଆଇ.ସି. କ'ଣ କହୁଛନ୍ତି, ସେଠି ଗୋଟେ ଦରଖାସ୍ତ ଦେଇ ପ୍ଲାନ ମଞ୍ଜୁର କରାଇଛି। ଦେଖାଯାଉ କ'ଣ କରୁଛି। ତା' ସପନ ଦେଖାକୁ ମୋ ଆଖିରେ ନିଦ ସିନା ଥିଲେ। ଏବେ ଘରେ କୁଟୁମ୍ବ ଜଞ୍ଜାଳ ବଢୁଛି, ଝିଅ ବାହାଘର ମୁଣ୍ଡ ଉପରେ, ତା' ସପନର ମୂଳ ପୁଞ୍ଜି ପାଇଁ ମୋର ସମ୍ବଳ କାହିଁ? କିଏ ସିନା ଛୋଟରୁ ଉଠି ବଡ ହୁଏ। ଇଏତ ଏକାଥର ଗାଙ୍ଗୁରାମ କିମ୍ବା ଅନନ୍ତନାଗ ସୁଇଟସ୍ ମାଲିକ ହେବାକୁ ଭାବୁଛି, ଭାବୁନି ତ ସପନ ଦେଖୁଛି, ଦେଖୁଥାଉ ସପନ- ବଳେ ନିଦ ଭାଙ୍ଗିଗଲେ ବୁଝି।

ତେଣୁ ଆପଣ କୁହନ୍ତୁ ଏ କଲେଜ ହୋଇ ଲାଭ କି କ୍ଷତି ହେଲା?

ଶୁଣ ନିତ୍ୟାନନ୍ଦ, ତମର କେତୋଟି ବ୍ୟକ୍ତିଗତ ସମସ୍ୟାକୁ ନେଇ କଲେଜ ତମର କ୍ଷତି କରୁଛି ବୋଲି କାହିଁକି ଭାବୁଛ?

(କ୍ରମଶଃ)



# କିଶୋରୀ କବିତା

## ତିନୋଟି ଅଣୁ କବିତା

### ଡ. ମୌସୁମୀ ପରିଡା



### ସମ୍ପର୍କ

ମୋତେ ଛୁଇଁ ନପାରୁଥିବା ତମେ,
ତମକୁ ଦେଖିପାରୁନଥିବା ମୁଁ,
ଅଗଣିତ ପରାର୍ଦ୍ଧବାର ବର୍ଷି ବି ଝରିପାରିନଥିବା ଶ୍ରାବଣ,
ନିଆଁରେ ଜଳିପାରିନଥିବା ଶୁଖିଲା ଜାଳ
ସବୁକୁ ଏକାଠି କରି ଦୁନିଆ ବନେଇଲି
କେବେ ପରଖିବ ଯଦି ପଥର ଖଣ୍ଡେ ଭାସୁଥିବ..ସୋଲ ପରି!
ଦେହ ବୋଲି ଯାହାକୁ କୁହ
ସେ ମୁଠେ ମାଟି, ଯାହାକୁ ନେଇ ମୋହର
ମାୟାନଗରୀ ଗଢ ତୁମେ,
ଆଉ ମୁଁ ଗଢୁଥାଏ ବୈରାଗ୍ୟର ଶୁଭ୍ର ମହଲ !



### ନର ବେଶୀ ଈଶ୍ୱରଙ୍କୁ

ଆଜିକାଲି ରାମରାଜ୍ୟ ଗଠନର ନିଶା,
ଗାନ୍ଧୀବାଦକୁ ନେଇ ଯାବତୀୟ ସଭା ସମିତି
ଜୀବନକୁ କେତେ ଗଢିଛି କେଜାଣି.. !
ଯେଉଁମାନେ ଭାଗ୍ୟ ଗଢନ୍ତି ନିରୋଳାରେ,
ସେ କରିତକର୍ମାମାନେ ଚବିଶ ଘଂଟିଆ ଦିନରାତିର କଂଟ,
ଋତୁଚକ୍ର ଓ ପବନର ଦିଗକୁ ବଦଳାଇ ପାରନ୍ତେ ଯଦି.. !



### ବିଶ୍ୱାସ

ଧକେଇ ପଡିଥିବା ବାଦଲଙ୍କୁ
ଚିଆଁଇ ଦେଇ କହିଦିଅ ରାତି ଆଉ ବାକିନାହିଁ!
ଜହ୍ନକୁ ମୁକ୍ତି ଦେଇ ଏଥର ଲେଖି ଦିଅନ୍ତୁ
ତା ଭାଗ୍ୟରେ ବର୍ଷକର ମଧ୍ୟାହ୍ନ
କେହି କଣ ନିଜ ଭାଗର ସୁଖରୁ ଟୋପେ
ଛିଂଚାଡିପାରେ ମଳାପତ୍ରର ପାଖୁଡାରେ!
କେହି କଣ ଯୋଜନ ଦୂରରେ ଥିବା
ନିଜଲୋକକୁ ଚେନାଏ ଅନ୍ଧାର ବାଣ୍ଟିପାରେ!
ତେବେ ତୁମେ ବି ଦେଇପାରନ୍ତ
ସବୁତକ ଦୁର୍ଭାଗ୍ୟ, ନିଜଭାଗରୁ!
ମୁଁ ବି ସବୁତକ ଆୟୁଷ ଯୋଡିଦିଅନ୍ତି
ତୁମ ହାତରେ, ବିଶ୍ୱାସର ଲହୁଲୁହ ନିଗାଡ଼ି।



ଅଣ୍ଟାରେ ଭରା ଦେଇ ଜହ୍ନ ତୋଳିଧରନ୍ତି
ତୁମ ଅଗଣାର ଅନ୍ଧକାର ହଟେଇବାକୁ।
ସ୍ୱପ୍ନଖଚିତ ଆକାଶରେ ତାରାମାନଙ୍କ ମେଳରେ
ସୁଖ ସୌଭାଗ୍ୟକୁ ରାଣ ଦେଇ ବାଟ ଜଗାନ୍ତି।
ମରଣ ବି କଂଟ ଭୁଲି,
ତୁମ ସୁଖ ସୌଭାଗ୍ୟ ଓ ଆୟୁଷକୁ ଗାଢ଼ କରିଯା'ନ୍ତା!!
ମୋ ଅସ୍ତମିତ ଦୁନିଆରେ ମୁଁ ଦେଖୁଥାନ୍ତି ତୁମ ଆକାଶର
ସୂର୍ଯ୍ୟୋଦୟ..!!

*ମାର୍ଫତ / ଡାକ୍ତର ସାରଦା ପ୍ରସନ୍ନ ସ୍ୱାଇଁ*
*ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର,ଜଗତସିଂହପୁର*

(ପୂର୍ବପ୍ରକାଶ ଉତ୍ତାରୁ)

ଏହା ତାଙ୍କର ପାରିବାରିକ କଳହ ଥିଲା। ଏଥିରେ ଶ୍ରଦ୍ଧା ମୃତି ଭ୍ରଷ୍ଟ ହୋଇ ହଠାତ୍ ପ୍ରିତମକୁ କହିଲା ମୋତେ ସବୁଦିନ ପାଇଁ ତୁମ ପାଖକୁ ନେଇଯାଅ ଆଉ ପତ୍ନୀ ରୂପେ ରଖିବ। ଆମେ ଦୁହେଁ ବିବାହ କରିନେବା।

ଏହି କଥା ଶୁଣି ସେଦିନ ପ୍ରିତମ ମୁଣ୍ଡ କିଛି ସମୟ ପାଇଁ କାମ କରିନଥିଲା କାରଣ ବାହାଘର ଗୋଟେ ଖେଳ ଘର ନୁହେଁ ହଠାତ କୌଣସି ନିଷ୍ପତି ନେବା ମୂର୍ଖାମିର ପରିଚୟ ଦେଇଥାଏ। କାରଣ ପ୍ରିତମ ଜାଣିଥାଏ ଶ୍ରଦ୍ଧା ଘର ସହ ପ୍ରିତମ ଘରର କେବେବି ସମ୍ପର୍କ ହେବେ ନାହିଁ। ସତରେ ମୁଁ କଣ ଶ୍ରଦ୍ଧାକୁ ଆଣି ଯତ୍ନ ସହକାରେ ରଖି ପାରିବି? ନା ମୋ ଭଲ ପାଇବା କଥା ଘରେ ସ୍ୱିକାର କରିବେ। କାରଣ ଶ୍ରଦ୍ଧା ଘର କଳହ ପ୍ରକୃତିର ଲୋକ ତା ସହିତ ବହୁତ ବଡ଼ ଧନୀ ଘର। ତା ସହିତ ଭବିଷ୍ୟତ ପାଇଁ ଭଲ ଚାକିରି ଟିଏ ମଧ୍ୟ ଯୋଗାଡ଼ କରି ପାରିଲି ନାହିଁ। ଏମିତିରେ ତାକୁ ମୁଁ କିପରି ଆଣିବି ଏହି ସବୁ କଥା ପ୍ରିତମ ବସି ଭାବି ନିଷ୍ପତ୍ତି ନେଲା। ଆଉ ଶ୍ରଦ୍ଧାକୁ ସେହିଦିନ କହିଥିଲା ଯଦିଓ ତୁମ ଘରେ ତୁମର ବାହାଘର ଠିକ୍ କରୁଛନ୍ତି ଅନ୍ୟତ୍ର କରିବା ପାଇଁ ତାହାଲେ ତୁମେ ବାହା ହୋଇ ଯାଅ ମୋର କୌଣସି ବାଧା ଦେବାର ନାହିଁ କି କିଛି ଆପତ୍ତି କରିବାର ନାହିଁ। କାରଣ ଆମ ଘରେ ତୁମ ସହିତ ବିବାହ ପାଇଁ ରାଜି ହେବେନାହିଁ। ତୁମ ଘରେ ମୋ ସହିତ ବିବାହ କରିବା ପାଇଁ ସହମତି ପ୍ରକାଶ କରିବେ? ଏମିତି କଥା କହି ସେଦିନ ଶ୍ରଦ୍ଧାକୁ ପ୍ରିତମ ବହୁତ ବୁଝାଇ ଥିଲା ଆଉ ଶ୍ରଦ୍ଧା ସେ ଦିନ ବି ବହୁତ କାନ୍ଦିଥିଲା।

କିନ୍ତୁ ମନରେ ପ୍ରିତମ ଚାହୁଁଥାଏ ତାକୁ ଭବିଷ୍ୟତରେ ବିବାହ କରିବା ପାଇଁ ମନସ୍ଥ କରି ରଖିଥାଏ। ପରିସ୍ଥିତି ଯୋଗୁ ପ୍ରିତମ ନିଜ ଘରେ ଏହି କଥା ଖୋଲିକି ସେ ଦିନ କହି ପାରିନଥିଲା ତାର ଭଲ ପାଇବା କଥା। କାରଣ ଏହା କେବେବି ପ୍ରିତମ ଘରେ ସ୍ୱିକାର କରି ନଥାନ୍ତେ। କାରଣ ପ୍ରିତମର ବାପା ବହୁତ ରାଗି ଲୋକ। ପ୍ରିତମ ଏହା ଭଲ ଭାବେ ଜାଣିଥାଏ।

ଏମିତିରେ ଆଉ କିଛି ଦିନ ଗଲାପରେ ହଠାତ ପ୍ରିତମ ମନରେ କଣ ଏକ ଚିନ୍ତା ଆସିଲା। ସେ ଶ୍ରଦ୍ଧାକୁ କହିଲା ମୋର ଗୋଟେ କଥା ରଖିବ। ଶ୍ରଦ୍ଧା କହିଲା କଣ ଆଗ କୁହତ? ଚାଲ ଆମେ ସମାଜକୁ ଲୁଚି ମନ୍ଦିରରେ ବିବାହ କରିନେବା। କେହି ଯେମିତି ଜାଣିବେ ନାହିଁ ଆମେ ବିବାହ କରିଛେ ବୋଲି। ତୁମେ ଯେମିତି ତୁମ ଘରେ ରହୁଛ ରହିବ ମୁଁ ବି ଯେମିତି ଆମ ଘରେ ରହୁଛି ରହିବି। ସମାଜ ଜାଣିବ ଆମେ ଅବାଡୁଅ ଅଛେ କିନ୍ତୁ ଆମେ ବିବାହ ହୋଇ ଉଭୟ ରହିବା କେହି ଯେମିତି ଜାଣିବେ ନାହିଁ। କଣ କହୁଛ କୁହ? ଶ୍ରଦ୍ଧା ସେ ଦିନ ବି ପ୍ରିତମ କଥାରେ ରାଜି ହୋଇଥିଲା। ଆଉ ପ୍ରିତମ କହିଲା ତାହାଲେ କାଲି ଈଶ୍ୱରଙ୍କୁ ସାକ୍ଷୀ ରଖି ମୁଁ ତୁମ ସିନ୍ଥିରେ ସିନ୍ଦୂର ପିନ୍ଧାଇ ଦେବି ତୁମେ ରାଜି ତ। ଶ୍ରଦ୍ଧା ହଁ କରିଥିଲା। ପ୍ରିତମ କହିଲା ତାହାଲେ କାଲି ଉଭୟ ମହାଦେବଙ୍କ ମନ୍ଦିରକୁ ଯାଇ ଦର୍ଶନ କରି ବିବାହ ହୋଇଯିବା। ଶ୍ରଦ୍ଧା କହିଲା ହଉ ଠିକ୍ ଅଛି।

ତା ପର ଦିନ ସକାଳୁ ଉଭୟ ଶିବ ମନ୍ଦିରକୁ ଦର୍ଶନ କରିବାକୁ ଯାଇଥିଲେ ଏବଂ ସେଠାରେ ପ୍ରିତମ ଈଶ୍ୱରଙ୍କୁ ଶପଥ କରି ଶ୍ରଦ୍ଧାର ସିନ୍ଥିରେ ସିନ୍ଦୂର ପିନ୍ଧାଇ ଦେଇ ଥିଲା ଏବଂ ସେହିଦିନ ଠାରୁ ଉଭୟ ଉଭୟଙ୍କୁ କେହି ନଜାଣିବାକୁ ସ୍ୱାମୀ ସ୍ତ୍ରୀ ରୂପେ ଚଳୁଥିଲେ। ଏମିତିକି ଶ୍ରଦ୍ଧା ମଧ୍ୟ ଦୁଇ ବର୍ଷ ପ୍ରିତମ ପାଇଁ ସାବିତ୍ରୀ ବ୍ରତ ମଧ୍ୟ ପାଳନ କଲା। ପ୍ରିତମ ପାଇଁ ପ୍ରତ୍ୟକ ଦିନ ଶ୍ରଦ୍ଧା ସିନ୍ଥିରେ ସିନ୍ଦୂର ନାଏ। ରାତ୍ର ବେଳା ପ୍ରିତମ ନ ଖାଇଲେ ଶ୍ରଦ୍ଧା ମଧ୍ୟ ଖାଉ ନଥିଲା। ପ୍ରିତମ ଖାଇ ସାରିଲା ପରେ ତା ଫୋନ କଲ ପାଇ ଶୁଣି ତା ପରେ ଯାଇ ଶ୍ରଦ୍ଧା ଖାଉଥିଲା। ହଠାତ ଏହି ସିନ୍ଦୂର ଯୋଗୁ ଦିନେ ଶ୍ରଦ୍ଧା ତାଙ୍କ ଘରେ ମଧ୍ୟ ପ୍ରବଳ ମାଡ଼ ଆଉ ଗାଳି ମଧ୍ୟ ଶୁଣିଥିଲା। କାରଣ ଗୋଟିଏ ଅବିବାହିତ ଝିଅ ହୋଇ ସିନ୍ଥିରେ ସିନ୍ଦୂର ପ୍ରତି ଦିନ ତା ମଥାରେ ଶ୍ରଦ୍ଧାର ବୋଉ ଦେଖିଥିଲା ଆଉ ସେଥିପାଇଁ ତାକୁ ମାଡ଼ ଗାଳି ଖାଇବାକୁ ପଡ଼ିଥିଲା। କିନ୍ତୁ ଏହି କଥାକୁ ଶ୍ରଦ୍ଧା ନିଜେ ଗୋପନ ରଖି ନିଜ ମନରେ କହୁନଥିଲା ଓଲଟା ତାଙ୍କ ଘରେ କହେ ଏହା ମୁଁ ପ୍ରତି ଦିନ ଠାକୁରଙ୍କୁ ପୂଜା କରିସାରିଲା ପରେ ମୁଁ ତାଙ୍କ ସିନ୍ଦୂର ଲଗେଇ ଦେଉଛି। ଏମିତି କହି ଶ୍ରଦ୍ଧା ଭଣ୍ଡେଇ ଦିଏ।

(କ୍ରମଶଃ)

# ନିଷ୍ଠୁର ପ୍ରେମିକା

## ସରୋଜ ଜେନା





# ଦୋଛକିରେ ଜୀବନ



## ପ୍ରିୟଦର୍ଶିନୀ ମହାନ୍ତି

ବ୍ୟସ୍ତ ବହୁଳ ଏ ଜୀବନ
କେବେ ଆଶା, ଆଶଙ୍କାରେ ପୂର୍ଣ୍ଣ..
କେବେ ଜୀବନ ପାଇଁ ଯୁଦ୍ଧ
ପୁଣି ଯୁଦ୍ଧରେ ଆନନ୍ଦ..

କେବେ ପଥ କ୍ଳାନ୍ତ
ଦୂର ନିମନ୍ତେ ବିଶ୍ରାମ
ପୁଣି କେବେ ଆଗକୁ
ବଢିବାର ମୋହ..

ବସିଗଲେ ହାରିଯିବାର ଭୟରେ
ପୁଣି ଏକମୁହାଁ ହୋଇ
ଧାଇଁବାକୁ ପଡେ
ରେସ୍ ର ଘୋଡା ପରି..

ପଛକୁ ଚାହିଁଲେ ଦୁଇ ହାତ ବଢ଼େଇ
ଆତ୍ମୀୟଙ୍କ ଆ ଡାକ...
ପାଦେ ପଛେଇଲେ
ଆଗରେ ଶୁଭେ କର୍ତ୍ତବ୍ୟର ଆହ୍ୱାନ।



ଏଠି ସାରା ଆକାଶଟା
ଲାଗେ ନିଜର ନିଜର
ହେଲେ ମାଟିକୁ ଚାହିଁଲେ
ହୃଦୟଙ୍ଗମ ହୁଏ
ଏଇଠି ହିଁ ରୁହନ୍ତି ସବୁ ମୋର..

ଏ ତ ଅନୁଭବର କଥା,

ବାସ୍ତବିକ...
ଦୋଛକିରେ ଜୀବନ,
କର୍ତ୍ତବ୍ୟ ଓ ଦାୟତ୍ୱ
ସବୁ ପାଇଁ ମନ...

ଜୀବନରେ ଯନ୍ତ୍ରଣା
ଓ ଯନ୍ତ୍ରଣାରେ ଜୀବନ
କାଟିବାକୁ ପଡେ..
ନ କଟିବା ଯାଏଁ ଡେଣା।

*(ଶିକ୍ଷୟିତ୍ରୀ)*
*ଜଟଣୀ,ଖୋର୍ଦ୍ଧା*

# କବିତାର କଥା

## (ଭାଗ-୧୩)



### ଉମାକାନ୍ତ ରାଉତ



# ଗାଈଆଳ ଟୋକାର ବଂଶୀସ୍ୱନ

ତଥାକଥିତ ମୁଣ୍ଡିଆଳ, ନବାବଗିରି କରୁଥିବା ଆତ୍ମଘୋଷିତ ଚିନ୍ତକ, ପଦପଦବୀ, ପ୍ରତିଷ୍ଠା ଓ କ୍ଷମତାଧାରୀ ଅମଲାଙ୍କ ପାଖରେ ଲୋଳଜିହ୍ୱ ହୋଇ କଲମକୁ ବନ୍ଧା ପକେଇଦେଉଥିବା କବି/ଲେଖକ/ ବୁଦ୍ଧବାଦୀମାନେ କେବଳ ନିଜକୁ ବନ୍ଧା ପକେଇଲେ ଚଳନ୍ତା। ହେଲେ ସେମାନେ ଆଦୌ ବୁଝିପାରୁନଥିବା, ସଚେତନ ନଥିବା କିମ୍ବା ଅତ୍ୟଧିକ ମହତ୍ତ୍ୱାକାଂକ୍ଷାର ବଶବର୍ତ୍ତୀ ହୋଇ ସେଭଳି ପତଙ୍ଗୀୟ ଆକର୍ଷଣରେ ସାମିଲ୍ ହେବାଦ୍ୱାରା ସାରସ୍ୱତ ରାଇଜର ବାସ୍ତବ ବାଜି ରାଉତ, ଧର୍ମପଦ, ବକ୍ସି, ସୁରେନ୍ଦ୍ର କି ଗୋପବନ୍ଧୁମାନଙ୍କୁ ଆତ୍ମ ବିସର୍ଜନ କରିବାକୁ ପରୋକ୍ଷରେ ବାଧ କରିଦେଇଥିଲାଭଳି ଲାଗୁଛି।

ସୁତରାଂ ଏ ବିଡମ୍ବନାକୁ ବୁଝି ଏହାର ନିରାକରଣ କରିବାକୁ ପଡ଼ିବ। ବୁଝିବାକୁ ପଡ଼ିବ କବିତା କାହାପାଖରୁ ଧାର ସୂତ୍ରରେ କି ଦାନସୂତ୍ରରେ ଅଣାଯାଇପାରୁଥିବା କୌଣସି ଉପାଦାନ ନୁହେଁ। ଏହା ଏକ ସୂକ୍ଷ୍ମ କଳା, ଏକ ସ୍ୱତଃ ପ୍ରବାହ, ହୃଦୟର ଉଚ୍ଛ୍ୱାସ, ସ୍ୱଅନୁଭବର ସାନ୍ଦ୍ର ପରିପ୍ରକାଶ; ଯାହା ପ୍ରବାହିତ ହୋଇ କାଳିମା କି କର୍ଦ୍ଦମ ନୁହେଁ ....ସୃଷ୍ଟି କରିପାରେ କେବଳ ସବୁଜିମା....ଅମୃତର ଫଲ୍‌ଗୁ...ମରିଯାଉଥିବା ଜୀବନ ପାଇଁ ଜୀଇବାର ଜୀବନୀକା... ସୌମ୍ୟ ସଂଜୀବନୀ ...ଜୀବନର ସାରେଗାମା......।

ହୃଦୟର ଭାଷା ପାଇଁ (ଖବଭଶଙ୍କବଶର କ୍ବଲ ଷରବକ୍ବଶ) ହୃଦୟଟେ ଥିବା ନିହାତି ଦରକାର।

ସତରେ ଛାତିଫୁଲେଇ ଆମେ ନିଜକୁ କବି ବୋଲି ଦାବି କରିବାପାଇଁ ସେମିତି ହୃଦୟଟେ ଅଧିକାର କରିପାରିଛନ୍ତି ତ ?

ହୃଦୟଙ୍ଗମ କରିବାକୁ ପଡ଼ିବ ଯେ କାବ୍ୟ କବିତାର କ୍ଷେତ୍ର ଏକ ସ୍ୱଳ୍ପକାଳୀନ ରାଜନୀତିର କ୍ଷେତ୍ର ନୁହେଁ। ଏହା ଏକ ପ୍ରଲମ୍ବିତ ଆତ୍ମ ଅନ୍ୱେଷଣର ପ୍ରବାହ। ତୁଚ୍ଛତାର ମୃଣ୍ମୟ ବେଦୀ ଉପରେ ସାଧନାର ଚିନ୍ମୟ ସାମଗାନ। ଖୁବ୍ ଅର୍ଥ ପ୍ରଦାନ କରି ନାନା ଯୋଗାଡଯନ୍ତର ଆୟୋଜନ କରି ସୁପର୍ ଲକ୍‌ଜୁରୀ କ୍ଲାସ୍‌ରେ ଟିକେଟ୍ କିଣି ହାୱାଇ ଜାହାଜରେ ଉଡୁଥିବା ନାନା ଆନୁଷ୍ଠାନିକ ପ୍ରମାଣପତ୍ରଧାରୀ ନାମ କମେଇପାରିଥିବା କୌଣସି ପଦପଦବୀ-ପ୍ରତିଷ୍ଠା- କ୍ଷମତାଧାରୀ ବଂଶୀବାଦକଠାରୁ ବଂଶୀବାଦନ ଶୁଣିବା ମୋ' ପାଇଁ ଆନନ୍ଦର କଥା ନୁହେଁ, ସୁତରାଂ କବିତାର କଥା ନୁହେଁ। ଦୁମ୍ ଦୁମିଆ ଦ୍ୱିପହରବେଳେ ବିନା ସମୟ ନିର୍ଘଣ୍ଟ, ପୁଣି ଆଦୌ ଅର୍ଥର ପ୍ରଶ୍ନ ନଥାଇ ଆକାଶକୁ ଚୁମୁଥିବା ମାଟି ଉପରେ ଥିବା ବରଗଛ ଛାଇରେ ବସି କିଛିପ୍ରତି ନିଘା ନଥିବା ପ୍ରମାଣପତ୍ରଶୂନ୍ୟ ଅବୋଧ ଗାଈଆଳ ଟୋକାଟିର ସ୍ୱତଃପ୍ରବୃତ୍ତ ବଇଁଶୀସ୍ୱରର ହୃଦଛୁଆଁ ଅଭୁଲା ରାଗିଣୀ ହିଁ ମୋ' ପାଇଁ ଅସଲ କବିତା।

ଏହିଭଳି ହୃଦଛୁଆଁ ରାଗିଣୀର ମୃଦୁ ମନ୍ଦ ସ୍ୱର ଅନୁରଣିତ ହୋଇ ଉଠିଥିଲା ବୋଲି କ୍ରୌଞ୍ଚ ପକ୍ଷୀଙ୍କର ବିରହାନ୍ତକ ଦୃଶ୍ୟ ଦେଖି ଆଦିକବିଙ୍କ କଣ୍ଠରୁ ସ୍ୱତଃ ନିଃସୃତ ହୋଇଥିଲା --

ମା ନିଷାଦ! ପ୍ରତିଷ୍ଠାଂ ତ୍ୱମ୍ ଗମଃ ଶାସ୍ୱତି ସମାଃ ଯତ୍ କ୍ରୌଞ୍ଚେନାଂ ମିଥୁନାଦେକଂଅବଧି କାମମୋହିତଂ

କହିବା ବାହୁଲ୍ୟ ଯେ ବ୍ୟକ୍ତିକୈନ୍ଦ୍ରିକ ପୁଞ୍ଜିପ୍ରଧାନ ସାମାଜିକ ବ୍ୟବସ୍ଥା, ପ୍ରଶସ୍ତ ଓ ପ୍ରଲମ୍ବିତଭାବେ ଶକ୍ତିଶାଳୀ ହୋଇଥିବା ସମୟରେ ଓଡ଼ିଆ ସାହିତ୍ୟର ରେନେସାଁ ଯୁଗରେ ଘନ ବଣଜଙ୍ଗଲପୂର୍ଣ୍ଣ ଗଡ଼ଜାତ ମୂଳକରୁ ମାନବ ଜାତିର ମୁକ୍ତିପାଇଁ ରାଜାରାଜୁଡ଼ା, ଜମିଦାର, ସାଆନ୍ତ ଓ ପୁରୋହିତଙ୍କ ଭଳି ବର୍ଣ୍ଣବୈଷମବାଦୀ ଓ ଶୋଷଣକାରୀ ତତ୍ତ୍ୱଙ୍କ ବିରୁଦ୍ଧରେ ଯିଏ ମସୀଯୁଦ୍ଧ କରିଥିଲେ ସିଏ ହେଲେ ମହାକବି ସନ୍ଥ ଭୀମଭୋଇ।

ସୁତରାଂ ମୋ' ବିଚାରରେ ନିଜ ପାଇଁ ବ୍ରିଟିଶ୍ ମାନଙ୍କଠାରୁ ରାୟବାହାଦୁର ଉପାଧି କିମ୍ବା କୌଣସି ଗଡ଼ଜାତ ରାଜାଙ୍କଠାରୁ ଗୌନ୍ତିଆର ଖିତାବ ହାସଲ କରିବାକୁ ଆଦୌ ବ୍ୟାକୁଳ ହୋଇନଥିବା ନିର୍ମଳ କବି ଭୀମଭୋଇ ହିଁ ପ୍ରକୃତରେ ଆଧୁନିକ ଓଡ଼ିଆ କବିତାର ମାର୍ଗଦର୍ଶକ। ନହେଲେ ଅନ୍ଧାର ଘରଭିତରେ ହାତଗୋଡରେ ବେଡ଼ି ପକାଯାଇ ରାଜକର୍ମଚାରୀଙ୍କ ଚାବୁକ୍ ମାଡ଼ ଖାଇଲା ପରେ ଜଣଙ୍କର ହୃଦତନ୍ତ୍ରୀରୁ ଉକୁଟି ଉଠିଆ'ନ୍ତା କି?

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ

ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ

ମାଟିକୁ ଛାଡ଼ି ଅଥବା ଅଖିଳର ବ୍ୟଥାବେଦନାକୁ ଛାଡ଼ି ତାଙ୍କର କୌଣସି ଚିନ୍ତା, କର୍ମ ଓ ସର୍ଜନା ନଥିଲା।

ଅତଏବ ଆସନ୍ତୁ ଆମେ, କାହାକୁ ନିଘା ନଥିବା ସେଇ ଭୌତିକ ପ୍ରମାଣପତ୍ରଶୂନ୍ୟ ଅବୋଧ ଗାଈଆଳ ଟୋକାର ବଂଶୀସ୍ୱନକୁ ଶୁଣିବା, ସେ ସ୍ୱରର ଅନୁରଣନକୁ କାୟାଗ୍ରସ୍ତ କରିବା ଏବଂ ବାସ୍ତବ କବି ଭୀମଭୋଇଙ୍କ ଭାବଧାରାର ନିର୍ମଳ ଉତ୍ତରପୁରୁଷଙ୍କୁ ଅନ୍ୱେଷଣ କରିବା।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*



# ପିଲାଙ୍କ ଦୁନିଆ





**ରିୟାନ୍ସ ପଣ୍ଡା**
ଷ୍ଟାଣ୍ଡାର୍ଡ - ୧
ରବୀନ୍ଦ୍ର ଭାରତୀ ଗ୍ଲୋବାଲ ସ୍କୁଲ
ବାଙ୍ଗାଲୋର

# ପ୍ରତିଶ୍ରୁତିକୁ ୨ମାସ ପୂରିଲା; ସୁଧୁରିଲାନି ରାସ୍ତା ଅବସ୍ଥା

**ଭଦ୍ରକ :** ରାସ୍ତାର ସ୍ଥାୟିତ୍ୱକୁ ଆଖି ଆଗରେ ରଖି ବିଭାଗ ତରଫରୁ ରାସ୍ତା ନିର୍ମାଣ କରିଥିବା ଠିକାଦାରକୁ ଏହାର ମରାମତି ଦାଇତ୍ୱ ଦିଆଯିବା ସହ ଏକ ସମୟ ସୀମା ମଧ୍ୟ ଧାର୍ଯ୍ୟ କରାଯାଇଥାଏ । କିନ୍ତୁ ଉକ୍ତ ସମୟ ସୀମା ମଧ୍ୟରେ ରାସ୍ତାର ରକ୍ଷଣାବେକ୍ଷଣ କରାଯାଉନଥିବାରୁ ଏହା ଏକ ପ୍ରହସନରେ ପରିଣତ ହେବାକୁ ଯାଉଛି । କେବଳ ଫଳକରେ ଏହା ସୀମିତ ରହିଯାଉଥିବା ଜଣାପଡ଼ିଛି । ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ବଡ଼ବର୍ଦ୍ଧିକୟାଁ ପଂଚାୟତ ଅର୍ନ୍ତଗତ ଆଗରପଡ଼ା-ଭଦ୍ରକ ପୂର୍ତ୍ତବିଭାଗ ରାସ୍ତାର କାଦବରାଙ୍ଗ ଠାରୁ ରାଉତରାଗଡ଼ିଆ ପର୍ଯ୍ୟନ୍ତ ଲମ୍ବିଥିବା ୩.୩କି.ମି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କରେ । ଗାଁ କୁ ଗାଁ ସଂଯୋଗ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି । ତେବେ ରାସ୍ତାର ସ୍ଥାୟିତ୍ୱ ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ନଦେଇ କେବଳ ରାସ୍ତା ନିର୍ମାଣ କରୁଥିବାରୁ ରାସ୍ତା ନିର୍ମାଣର କିଛି ମାସ ପରେ ତାହା ଶୋଚନୀୟ ହୋଇ ପଡୁଥିବାରୁ ଜନସାଧାରଣ ଯାତାୟାତ କରିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବନ୍ତ ବ୍ଲକ ବଡ଼ବର୍ଦ୍ଧିକୟାଁ ପଂଚାୟତ ଅର୍ନ୍ତଗତ ଆଗରପଡ଼ା-



ଭଦ୍ରକ ପୂର୍ତ୍ତବିଭାଗ ରାସ୍ତାର କାଦବରାଙ୍ଗ ଠାରୁ ରାଉତରାଗଡ଼ିଆ ପର୍ଯ୍ୟନ୍ତ ଲମ୍ବିଥିବା ୩.୩କି.ମି ରାସ୍ତାଟିର ରକ୍ଷଣାବେକ୍ଷଣ ଦାୟୀତ୍ୱ ୨୦୧୬ ଜାନୁୟାରୀ ୧ ତାରିଖ ଠାରୁ ଆରମ୍ଭ ହୋଇ ୨୦୨୧ ଜାନୁୟାରୀ ୧ତାରିଖରେ ଶେଷ ହେବାକୁ ଧାର୍ଯ୍ୟ ହୋଇଥିଲା । ତେବେ ଏହି ସମୟ ମଧ୍ୟରେ ହେବାକୁ ଥିବା ମରାମତି କରାଯାଇନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସମୟ ଅବଧି ମଧ୍ୟରେ ଏଥିନେଇ ଅଭିଯୋଗ ହୋଇଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ କିମ୍ବା ଠିକାଦାର କେହିବି କର୍ଣ୍ଣପାତ କରିନଥିଲେ । ବର୍ତ୍ତମାନ ଅବଧି ସରିଯାଇଥିବା ବେଳେ ରାସ୍ତା ଅବସ୍ଥା ସୁଧୁରିଲାନି ଓ ରାସ୍ତାଟି ଦିନକୁ ଦିନ ଶୋଚନୀୟ ହୋଇ ଯାତାୟତ ଅନୁପଯୋଗୀ ହେବାରେ ଲାଗିଛି । ଏହି ରାସ୍ତା ଉପରେ କାଦବରାଙ୍ଗ, ଅଣିଜୋ, କାଉପୁର ଓ ବଡ଼ବର୍ଦ୍ଧିକୟାଁ ପଂଚୟତର ଗ୍ରାମବାସୀମାନେ ନିର୍ଭର କରିଥାନ୍ତି । ବର୍ତ୍ତମାନ ଅଧିକାଂଶ ସ୍ଥାନରେ ରାସ୍ତାରୁ ପିଚୁ ଉଠିବା ସହିତ ଅନେକ ସ୍ଥାନରୁ ରାସ୍ତା ଉପରୁ ମେଟାଲ ଉଠିଯାଇ ଖାଲଖମାରେ ପରିଣତ ହୋଇଥିବାରୁ ଗ୍ରାମବାସୀ ଓ ଛାତ୍ରଛାତ୍ରୀ ଯାତାୟତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାତିରେ ସୃଷ୍ଟି ହୋଇଥିବା ଖାଲରେ ପଡ଼ି ଲୋକେ ଖଣ୍ଡିଆ ଖାବରା ମଧ୍ୟ ହେଉଛନ୍ତି । ତେଣୁ ରାସ୍ତାଟିର ସ୍ଥାୟୀ ମରାମତି କରିବା ପାଇଁ ଗତ ଜାନୁଆରୀ ମାସ ୧୨ ତାରିଖରେ ଭରସିଂହପୁର ଗ୍ରାମର ବରିଷ୍ଠ ନାଗରିକ କାହ୍ନୁଚରଣ ପାଳଙ୍କ ସମେତ ଦାମୋଧର ଜେନା,ନରସିଂହ ପାଳ,ବସନ୍ତ ପାଳ,ଦିଲ୍ଲିପ ପାଳ,ମଦନ ମୋହନ ପାଳ,ଭରତ ପାଳ,ବଟକୃଷ୍ଣ ପାଳ ଓ ରାମଚନ୍ଦ୍ର ପାଳ ଓ ଗ୍ରାମର ମା' ଶାରଳା,ମା' ତାରିଣୀ,ମା' ସରସ୍ୱତୀ,ମା' ମଙ୍ଗଳା, ମା' ଅମ୍ବିକା ଏବଂ ବାବା ଅନୁକୁଳଚନ୍ଦ୍ର ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ସଭାପତି / ସଂପାଦକ ଓ ଗ୍ରାମବାସୀ ଏକତ୍ରୀତ ହୋଇ ଅସନ୍ତୋଷ ବ୍ୟକ୍ତ କରିଥିଲେ । ତାଙ୍କ ସହ କାଦବରାଙ୍ଗ ପଂଚାୟତ ବିଜେଡ଼ି ସଭାପତି ତଥା ପୂର୍ବତନ ସରପଂଚ ଭାଗିରଥି ସେଠୀ, ପଂଚାୟତ ବିଜେଡି ଯୁବ ସଭାପତି କିଶୋର ରାଉତ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ । ଉକ୍ତ ରାସ୍ତାରେ ଲାଗି ରହିଥିବା ସମସ୍ୟାର ସମାଧାନ କରାନଗଲେ ଆଗାମୀ ଦିନରେ ସେମାନେ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି କହିଥିଲେ । ଉକ୍ତ ସମସ୍ୟାକୁ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କୃଷ୍ଣପଦ ମହାନ୍ତିଙ୍କୁ ଯୋଗାଯୋଗ କରିବାରୁ ସେ ଏକ ସପ୍ତାହ ମଧ୍ୟରେ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହେବାର ସୂଚନା ଦେଇଥିଲେ । କିନ୍ତୁ ଇତିମଧ୍ୟରେ ବିଭାଗୀୟ ଅଧିକାରୀଙ୍କ ପ୍ରତିଶୃତିକୁ ୨ ମାସ ପୁରି ସାରିଥିଲେ ସୁଦ୍ଧା ରାସ୍ତାର ଅବସ୍ଥାରେ ପରିବର୍ତ୍ତନ ଆସିପାରି ନାହିଁ । ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଜନନୀ ଯନ୍ତ୍ରଣାର ନଗ୍ନ ନମୁନା

# ରାସ୍ତା ଖରାପ ଯୋଗୁ ଯାଇପାରିଲାନି ଆମ୍ବୁଲାନ୍ସ, ଘରେ ହେଲା ପ୍ରସବ



**ଉଦଳା, (ନିରୁପମା ରଣା):** କେଉଁଠି ଭରା ନଦୀରେ ପାର ହୋଇ ଆସୁଛନ୍ତି ତ ଆଉ କେଉଁଠି ରାସ୍ତା ନଥିବା ଯୋଗୁ ଖଟିଆରେ ବୁହା ହୋଇ ଆସୁଛନ୍ତି ଗର୍ଭବତୀ। ବାସ୍ତରେ ସରକାରଙ୍କ ଯୋଜନା କେତେ ଫଳପ୍ରଦ ତାହା ଏଠାରୁ ସ୍ପଷ୍ଟ ପ୍ରମାଣିତ କରଉଛି। କେତେବେଳେ ଡାକ୍ତରଖାନା ନ ପହଞ୍ଚି ଅଧା ବାଟରେ ରୋଗୀଙ୍କ ଜୀବନ ଚାଲିଯାଉଛି। ସବୁ ଜାଣି ନିରବଦ୍ରଷ୍ଟା ସାଜିଛି ପ୍ରଶାସନ। କେବଳ ସବୁ ଜାଣି ଚୁପ୍ ବସି ରହିଛି ପ୍ରଶାସନ। ପୁଣି ଏକ ଜନନୀ ଯନ୍ତ୍ରଣା ସାମ୍ନାକୁ ଆସିଛି। ଗ୍ରାମକୁ ରାସ୍ତା ନଥିବାରୁ ଯାଇପାରିଲାନାହିଁ ଆମ୍ବୁଲାନ୍ସ। ଗର୍ଭବତୀଙ୍କୁ ଆଣିବାରେ ବିଳମ୍ବ ହେବାରୁ ଘରେ କଲେ ପ୍ରସବ। ଏହାପରେ ଦୁଇ କିଲୋମିଟର ଖଟିଆରେ ବୁହା ହେଲେ ମାଆ ଓ ନବଜାତ ଶିଶୁକନ୍ୟା। ଏଭଳି ଘଟଣା ସାମ୍ନାକୁ ଆସିଛି କପ୍ତିପଦା ବ୍ଲକ ଅଞ୍ଚଳରୁ। ମହିଳାଙ୍କର ଆରମ୍ଭ ହୋଇଥିଲା ଜନନୀ ଯନ୍ତ୍ରଣା। ଜନନୀ ଏକ୍ସପ୍ରେସ୍ ଆମ୍ବୁଲାନ୍ସକୁ ଫୋନ କରିଥିବା ବେଳେ ଆମ୍ବୁଲାନ୍ସ ଆସି ଗ୍ରାମଠାରୁ ଦୁଇ କିଲୋମିଟର ଦୂରେ ଛିଡା ହେଲା। ଗ୍ରାମକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ପହଞ୍ଚି ପାରିଲାନି। ଯାହାଫଳରେ କି ଯନ୍ତ୍ରଣା ଅଧିକ ହେବାରୁ ମହିଳା ଜଣକ ଘରେ କଲେ ପ୍ରସବ। ଏହାପରେ ଚିକିତ୍ସା ପାଇଁ ଉଭୟ ମାଆ ଓ ଶିଶୁକନ୍ୟାକୁ ଖଟିଆରେ ଦୁଇ କିଲୋମିଟର ଆଣି ଆମ୍ବୁଲାନ୍ସରେ ସାଳଚୁଆ ପ୍ରାଥମିକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏଭଳି ଘଟଣା ଘଟିଛି କପ୍ତିପଦା ବ୍ଲକ ଅଧିନ ବିଦ୍ୟାଧରନଗର ପୁରୁଣାଡିହି ଗ୍ରାମରେ। ତେବେ ମାଆ ଓ ଶିଶୁକନ୍ୟା ସୁସ୍ଥ ଥିବା ଜଣାପଡିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ଆଧୁନିକ ଓଡ଼ିଆ ...

ଯେଉଁଥିପାଇଁ ସେ ସମସ୍ତ ତେଲୁଗୁ ଭାଷୀଙ୍କ ମାନସପଟରେ ଅଂଶବିଶେଷ ହୋଇ ରହିଯାଇଛନ୍ତି। ମୁଁ ଏପରି ତୁଳନାତ୍ମକ ଅବତାରଣା କରିବାର ଉଦ୍ଦେଶ୍ୟ ହେଲା ଯେ, ଯେକୌଣସି ଭାଷାର ମହାନ କବିଙ୍କ ସେହିପରି ଅସାଧାରଣ ପ୍ରତିଭା ରହିଛି ଯାହା ଭିନ୍ନ ଭିନ୍ନ ପାଠକଙ୍କୁ ସେମାନଙ୍କ ଲେଖାଦ୍ୱାରା ପ୍ରଭାବିତ କରିତାଏ। ସେ ଆହୁରି କହିଥିଲେ ଯେ, ଏହା କେବଳ ମାତ୍ର ସାହିତ୍ୟ କୃତି ନୁହେଁ, ଏଥିରେ ତତ୍କାଳୀନ ଓଡ଼ିଶାର ରାଜନୈତିକ ଓ ସାଂସ୍କୃତିକ ଇତିହାସ ଓ ଭୂଗୋଳ ସମ୍ପର୍କରେ ଅନେକ ତଥ୍ୟର ଗନ୍ତାଘର ରହିଛି। ନିଃସନ୍ଦେହରେ ଆମ ମଧ୍ୟରୁ ଅଧିକାଂଶ ସାରଳା ଦାସଙ୍କୁ ଆଦିକବି ବା ଓଡ଼ିଶାର ପ୍ରଥମ କବି ଭାବେ ବିବେଚନା କରୁ। ତାଙ୍କୁ ଆଦି ଐତିହାସିକ ବା ପ୍ରଥମ ଐତିହାସିକ, ଆଦି ଭୌଗୋଳିକବିତ୍ ବା ପ୍ରଥମ ଭୂଗୋଳବିତ୍ ଓ ପ୍ରଥମ ସମାଜତତ୍ତ୍ୱବିତ୍ ଭାବେ ମଧ୍ୟ ବର୍ଣ୍ଣନା କରାଯାଇପାରେ। ବିଭିନ୍ନ ସ୍ଥାନର ବର୍ଣ୍ଣନା, ପର୍ବପର୍ବାଣୀର ରେଖାଙ୍କନ ଓ ସର୍ବୋପରି ପଞ୍ଚଦଶ ଶତାବ୍ଦୀର ଲୋକଚରିତ୍ର ସମ୍ପର୍କୀତ ରଚନା ତାଙ୍କର ତତ୍କାଳୀନ ସାମାଜିକ ଓ ଆର୍ଥିକ ଅବସ୍ଥାର ଗଭୀର ଅନୁଶୀଳନର ସୂଚନା ପ୍ରଦାନ କରେ। ଆଦିକବି ସାରଳା ଦାସଙ୍କ ୬୦୦ତମ ଜନ୍ମବାର୍ଷିକୀରେ ଓଡ଼ିଶାର ଦୁଇ ପ୍ରମୁଖ ମହାନଗରୀ କଟକ ଓ ଭୁବନେଶ୍ୱରର ବୁଦ୍ଧିଜୀବୀଙ୍କ ଗହଣରେ ଉପସ୍ଥିତ ରହି ମୁଁ ନିଜକୁ ଧନ୍ୟ ମନେ କରୁଛି। ମୁଁ ସେହିପରି ଖୁବ୍ ଆନନ୍ଦିତ ଯେ, ଆପଣମାନେ ମୋର ବନ୍ଧୁ ତଥା ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ସମ୍ମାନଜନକ 'କଳିଙ୍ଗ ରତ୍ନ' ସମ୍ମାନରେ ସମ୍ମାନିତ କରୁଛନ୍ତି। ସେ ଏହି ସମ୍ମାନର ସମ୍ପୂର୍ଣ୍ଣ ହକଦାର। ରାଜ୍ୟରେ ଜଣେ ବିଧାୟକ ଓ ମନ୍ତ୍ରୀ ଭାବେ ତାଙ୍କର ମହାନ ଅବଦାନ ପାଇଁ ତାଙ୍କୁ ମିଳିଥିବା ଏହି ସମ୍ମାନ ସକାଶେ ମୁଁ ତାଙ୍କୁ ଅଭିନନ୍ଦନ ଜଣାଉଛି। ଏହି ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ ଓ ସାରଳା ସାହିତ୍ୟ ସଂସଦର ସଭାପତି ତଥା ଅବସରପ୍ରାପ୍ତ ପ୍ରଫେସର ପ୍ରଭାକର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ୧୧ ରାଜ୍ୟରେ ...

ଦୃଷ୍ଟିରେ ରଖି କ୍ୟାବିନେଟ ସଚିବ ଦର୍ଶାଇଛନ୍ତି ଯେ ମାର୍ଚ୍ଚ ୨୦୨୧ରେ ବର୍ତ୍ତମାନର କୋଭିଡ ମାମଲା ଅଭିବୃଦ୍ଧି ହାର ୬.୮% ରହିଛି ଯାହାକି ପୂର୍ବବର୍ଷର ରେକର୍ଡ ୫.୫% ରେକର୍ଡକୁ ଅତିକ୍ରମ କରିଛି। ଏହି ସମୟରେ ଦେଶରେ କୋଭିଡ ମୃତ୍ୟୁରେକ୍ଷେତ୍ରରେ ୫.୫% ଅଭିବୃଦ୍ଧି ହାର ମଧ୍ୟ ରିପୋର୍ଟ ହୋଇଛି। ସେପ୍ଟେମ୍ବର ୨୦୨୦ରେ କୋଭିଡ ସଂକ୍ରମଣର ପିକ୍ ସମୟରେ ଦେଶରେ ଦୈନିକ ପ୍ରାୟ ୯୭,୦୦୦ ନୂତନ କୋଭିଡ୍ ମାମଲା ରିପୋର୍ଟ ହେଉଥିବାବେଳେ ଦେଶ ବର୍ତ୍ତମାନ କୋଭିଡ୍‌ର ୮୧,୦୦୦ ଦୈନିକ ନୂତନ ମାମଲାରେ ପହଞ୍ଚିଛି। ଏକ ବିସ୍ତୃତ ଉପସ୍ଥାପନା ମାଧ୍ୟମରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ କୋଭିଡର ବର୍ତ୍ତମାନର ସ୍ଥିତିକୁ ଦର୍ଶାଇଥିବାବେଳେ କେନ୍ଦ୍ରୀୟ ସଚିବ କୋଭିଡକୁ ପ୍ରତିହତ ଲାଗି ଜନସାଧାରଣଙ୍କ ମଧ୍ୟରେ ପ୍ରଭାବଶାଳୀ ଆଚରଣ ପରିବର୍ତ୍ତନ ଯୋଗାଯୋଗର ଉପାୟ ଦର୍ଶାଇଥିଲେ। ଜେନୋମ କ୍ରମରେ ଜୀବାଣୁଙ୍କର ମ୍ୟୁଟାଣ୍ଟଣ୍ଟ ଷ୍ଟ୍ରେନ୍ ବିଷୟରେ ଅଧିକ ବିସ୍ତୃତ ଅଧ୍ୟୟନ ପାଇଁ କ୍ଲିନିକାଲ ଏବଂ ଏପିଡେମୋଜିକାଲ୍ ତଥ୍ୟ ପ୍ରଦାନ ପାଇଁ ରାଜ୍ୟଗୁଡିକ ଏକ ମାର୍ଗଦର୍ଶିକା ଅନୁସରଣ କରିବାର ଆବଶ୍ୟକତା ଉପରେ ଡକ୍ଟର ଭିକେ ପାଉଲ ଗୁରୁତ୍ୱ ଦେଇଛନ୍ତି। କେନ୍ଦ୍ର ଗୃହ ସଚିବ ଦର୍ଶାଇଛନ୍ତି ଯେ ୧୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ, ଯେଉଁମାନେ ଦୈନିକ କୋଭିଡ ମାମଲାରେ ବୃଦ୍ଧି ଘଟାଉଛନ୍ତି, ସେମାନେ କଣ୍ଟେନମେଣ୍ଟ ଏନେଫାର୍ସମେଣ୍ଟ କାର୍ଯ୍ୟକଳାପ ପ୍ରଦର୍ଶନ କରିନାହାନ୍ତି। ଏ ବାବଦରେ ଉପଯୁକ୍ତ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବ ଏବଂ ଡିଜିଙ୍କୁ ଅନୁରୋଧ କରିଛନ୍ତି।

### ପୁଣିଥରେ ଖୋଲିବ ...

ମାମଲାର ୨୫ରୁ ୩୦ଟି କଣ୍ଟାକ୍ଟ ଟ୍ରେସିଂ, କଣ୍ଟେନମେଣ୍ଟ ଜୋନରେ ଥିବା ସବୁ ଲୋକଙ୍କ କୋଭିଡ୍ ପରୀକ୍ଷାକୁ ବୃଦ୍ଧି କରିବାକୁ ପଡିବ। ସମସ୍ତ ଆରଏଟି (ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ) ନେଗେଟିଭ୍ ଲକ୍ଷଣ ଥିବା ମାମଲାକୁ ଆରଟିପିସିଆର କିଟ୍ ମାଧ୍ୟମରେ ପରୀକ୍ଷା କରାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁଦିନ ନମୁନା (ସାମ୍ପୁଲ) ସଂଗ୍ରହ ହେବ, ତା'ପରଦିନ ସକାଳ ସୁଦ୍ଧା ଯେଭଳି ତାହା ଲାବ୍ରୋଟୋରୀରେ ପହଞ୍ଚିବ ତାହା ସୁନିଶ୍ଚିତ କରିବା ସହ ୪୮ ଘଣ୍ଟା ମଧ୍ୟରେ ରିପୋର୍ଟ ଉପଲବ୍ଧ ହେବା ଦରକାର। ଜିଲ୍ଲା କଣ୍ଟ୍ରୋଲ ରୁମ୍‌କୁ ସକ୍ରିୟ କରି ସେଠାରେ ଆୟୁଷ ଡାକ୍ତରଙ୍କ ଟିମକୁ ମୁତୟନ କରାଯିବ। ସେମାନେ ଦୈନିକ ସଂକ୍ରମିତଙ୍କୁ କଲ୍ କରିବେ ଓ ଲୋକଙ୍କ କଲ୍ ରିସିଭ୍ କରି ସେମାନଙ୍କୁ ଚିକିତ୍ସା ପରାମର୍ଶ ଦେବେ। ସେମାନେ ବ୍ଲକ ଆରଆରଟି ଟିମ୍ ସହ ସମନ୍ୱୟ ରକ୍ଷା କରି ସଂକ୍ରମିତ ମାମଲାର ନିୟମିତ ତଦାରଖ କରିବେ। କୋଭିଡ୍ ଚିକିତ୍ସା ପ୍ରୋଟୋକଲ ଅନୁସାରେ ସନ୍ଦିଗ୍ଧ ଓ ସଂକ୍ରମିତଙ୍କୁ ଆବଶ୍ୟକ ପଡିଲେ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଆମ୍ବୁଲାନ୍ସ ଓ ପରିବହନ ବ୍ୟବସ୍ଥାକୁ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ପ୍ରତ୍ୟେକ ଜିଲ୍ଲା ହସ୍ପିଟାଲ, ସବ୍‌ଡିଭିଜନ ହସ୍ପିଟାଲ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଇସୋଲେସନ୍ ସୁବିଧା ଉପଲବ୍ଧ କରାଇବା ଏବଂ ସ୍ୱଳ୍ପ ନୋଟିସରେ ଯେପରି ସରକାରୀ କୋଭିଡ୍ ହସ୍ପିଟାଲ ଗୁଡିକୁ ଅକ୍ସିଜେନ ଓ ଆଇସିୟୁ ସୁବିଧା ସହ ସକ୍ରିୟ କରିହେବ ସେଥିପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି। ଆରଆରଟି ଟିମ୍ ଗୁଡିକ ସମସ୍ତ ବ୍ଲକ ଓ ଜିଲ୍ଲାରେ ମୁତୟନ ହେବେ। ସେମାନେ କୋଭିଡ୍ ମାମଲାର ତଦାରଖ କରିବା ସହ ଫାଭିପିରାଭିର ସମେତ ଅନ୍ୟ ଔଷଧ ପ୍ରଦାନ କରିବେ। ଓଡ଼ିଶା ରାଜ୍ୟ ମେଡିକାଲ ନିଗମ ସହ ଯୋଗାଯୋଗ କରି ପିପିଇ, ଟେଷ୍ଟ ସଂକ୍ରାନ୍ତ ସାମଗ୍ରୀ, ଔଷଧ, ଅକ୍ସିଜେନ୍ ଆଦି ସମସ୍ତ ଆନୁସଙ୍ଗିକ ସାମଗ୍ରୀ ପର୍ଯ୍ୟାପ୍ତ ପରିମାଣର ଉପଲବ୍ଧ ରଖିବାକୁ କୁହାଯାଇଛି। କୋଭିଡ୍ ମାମଲାକୁ ପରିଚାଳନା ନିମନ୍ତେ ଆଇସିୟୁ, ଲେବର ରୁମ୍, ଓଟି, କାଜୁଆଲିଟି, ଡାୟାଲିସକୁ ପ୍ରସ୍ତୁତ ରଖିବାକୁ ପରାମର୍ଶ ଦିଆଯାଇଛି। ପ୍ରୋଟୋକଲ ଅନୁସାରେ ଚିକିତ୍ସା ଓ ସ୍ଥାନାନ୍ତର ସୁନିଶ୍ଚିତ କରାଇ ମୃତ୍ୟୁହାରକୁ ସର୍ବନିମ୍ନ କରିବା ସହ ଅଧିକ ସଂକ୍ରମିତ ଆଶଙ୍କା ଥିବା ଅଞ୍ଚଳରେ ପ୍ରାଥମିକତା ଭିତ୍ତିରେ ଟିକାକରଣ ବୃଦ୍ଧି ପାଇଁ ମଧ୍ୟ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ଏହାର ମୁକାବିଲା ପାଇଁ ଆଜି ରାଜ୍ୟର ସମସ୍ତ ଜିଲ୍ଲାପାଳ, ସିଡିଏମ୍‌ଓଙ୍କୁ ଚିଠି ଲେଖିଛି ସ୍ୱାସ୍ଥ୍ୟ ବିଭାଗ। ରାଜ୍ୟରେ କରୋନାକୁ ମୁକାବିଲା କରିବା ନିମନ୍ତେ ସମସ୍ତେ ପ୍ରସ୍ତୁତ ରହିବାକୁ ଏଠି ଚିଠିରେ ଉଲ୍ଲେଖ କରାଯାଇଛି। ଏହାସହ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ଜିଲ୍ଲାପାଳଙ୍କୁ ଅଧିକ ଶଯ୍ୟା ଓ ଅକ୍ସିଜେନ ସିଲିଣ୍ଡର ମହଜୁଦ କରି ରଖିବାକୁ ନିର୍ଦ୍ଦେଶ ଦେଇଛି। ସ୍ୱାସ୍ଥ୍ୟ ବିଭାଗର ଏହି ଚିଠିରେ କୁହାଯାଇଛି ଯେ, ରାଜ୍ୟର କୋଭିଡ୍ ରୋଗୀଙ୍କ ପାଇଁ ଆବଶ୍ୟକୀୟ ସଂଖ୍ୟକ ଶଯ୍ୟା ଓ ଅକ୍ସିଜେନ ମହଜୁଦ କରି ରଖାଯାଉ। ତା'ସହ ଆଇସୋଲେସନ ବେଡ୍ ମଧ୍ୟ ରୋଗୀଙ୍କ ପାଇଁ ପ୍ରସ୍ତୁତ କରି ରଖାଯାଉ। ସେହିପରି ବିଭିନ୍ନ ଜିଲ୍ଲାରେ ଥିବା ବିଭିନ୍ନ ବେସରକାରୀ ହସ୍ପିଟାଲକୁ ତତକ୍ଷଣାତ କରୋନା ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ଚିଠିରେ ଉଲ୍ଲେଖ କରାଯାଇଛି। ରାଜ୍ୟରେ ଗତ କିଛିଦିନ ହେଲା ସଂକ୍ରମଣ ବଢ଼ିବାରେ ଲାଗିଛି। ଯଦି ସାବଧାନତା ଅବଲମ୍ବନ କରାନଯାଏ ତେବେ ସ୍ଥିତି ସାଂଘାତିକ ହୋଇଯିବ ବୋଲି ଅନୁମାନ କରାଯାଉଛି। ତେଣୁ ଏପରି ସ୍ଥିତିରେ ସ୍ଥାନୀୟ ଅଞ୍ଚଳରେ ଫ୍ଲାଭିପିରାଭିର, ରେମଡେସିଭିର ଆଦି ମେଡିସିନ ମହଜୁଦ ରଖିବା ଏବଂ ହୋମ୍ ଆଇସୋଲେସନ, ଏସ୍‌ଓପିକୁ କଡାକଡି ପାଳନ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ତା'ସହ ରାପିଡ୍ ରେସପନ୍ସ ଟିମ୍ ମଧ୍ୟ ବିଭିନ୍ନ ଜିଲ୍ଲାରେ ପ୍ରସ୍ତୁତ ରହିବା ସହିତ ଟିକାକରଣକୁ ତ୍ୱରାନ୍ୱିତ କରିବାକୁ କୁହାଯାଇଛି।

### ଋଷୀଙ୍କ ତ୍ୟାଗ ...

ଅନେକ କାର୍ଯ୍ୟକ୍ରମ ଆମର ଚାଷୀ ଭାଇଙ୍କୁ ଉତ୍ସାହିତ କରିଛି। ଆମ ଚାଷୀ ଭାଇଭଉଣୀଙ୍କ ପାଇଁ ମୁଁ ଗର୍ବିତ। ଚାଷୀ ଆମ ଅର୍ଥନୀତିର ମହାଶକ୍ତି। କୋଭିଡ୍ ସମୟରେ ଚାଷୀ ଭାଇ ହିଁ ଆମର ଅର୍ଥନୀତିକୁ ରକ୍ଷା କରିଛି। ତେଣୁ ଚାଷୀକୁ ଅଣଦେଖା କରି ବିକାଶ କଥା ଚିନ୍ତା କରାଯାଇ ନପାରେ। ମୁଁ ସବୁବେଳେ ଚାଷୀ ଭାଇଭଉଣୀମାନଙ୍କ ସହ ରହିଛି। ସେମାନଙ୍କ ପାଇଁ କାମ କରୁଛି ଓ କରି ଚାଲିବି। ଦେଢ଼ ଗୁଣ ସର୍ବନିମ୍ନ ସମର୍ଥନ ମୂଲ୍ୟ (ଏମ୍‌ଏସ୍‌ପି) କାହାର ଦୟା ନୁହେଁ। ଏହା ଚାଷୀର ହକ୍। ଚାଷୀକୁ ତାର ହକ୍ ଦେବା ପାଇଁ ଆମର ଲଢ଼େଇଥ ଜାରି ରହିଛି। ସବୁ କଠିନ ପରିସ୍ଥିତିରେ ଚାଷୀ ଦେଶ ପ୍ରତି ତାର ଦାୟିତ୍ୱ ନିଷ୍ଠାର ସହ କରିଚାଲିଛି। ଚାଷୀର ତ୍ୟାଗ ଓ ପରିଶ୍ରମକୁ ପ୍ରଣାମ ଜଣାଉଛି। ମାଟି ମା ପାଇଁ ଚାଷୀର ତ୍ୟାଗ ଅମୂଲ୍ୟ ବୋଲି ମୁଖ୍ୟମନ୍ତ୍ରୀ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇ ମନ୍ତ୍ରୀ ଅରୁଣ ସାହୁ କାଳିଆ ଯୋଜନାକୁ ଦେଶ ପାଇଁ ଏକ ମଡେଲ ଭାବରେ ବର୍ଣ୍ଣନା କରି ଚାଷୀଙ୍କୁ ଆଗକୁ ବଢ଼ିବା ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି ବୋଲି କହିଥିଲେ। କୃଷି ଉତ୍ପାଦନ କମିଶନର ରାଜକୁମାର ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

### ଆହୁରି ତିନି ମାସ ...

ବିଜ୍ଞାନ କେନ୍ଦ୍ରର ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ଓଡ଼ିଶା ହିଟ୍‌ୱେଭ୍ ପ୍ରବଣ ଅଞ୍ଚଳ ମଧ୍ୟରୁ ଅନ୍ୟତମ। ୧୯୯୮, ୨୦୦୧, ୨୦୦୩, ୨୦୦୫ ଆଦି ବର୍ଷମାନଙ୍କରେ ରାଜ୍ୟ ପ୍ରଚଣ୍ଡ ଗ୍ରୀଷ୍ମ ଦେଖିଛି। ହେଲେ ଏଥର ଟିକେ ସ୍ଥିତି ଆଉ ଅଧିକ ଗମ୍ଭୀର ହୋଇପାରେ। ଅର୍ଥାତ୍ ପ୍ରତିବର୍ଷ ରାଜ୍ୟରେ ୫ରୁ ୬ ଦିନ ହିଟ୍‌ୱେଭ୍ ସ୍ଥିତି ସୃଷ୍ଟି ହେଉଥିଲା, ଏଥର ଏହି ଦିନର ସଂଖ୍ୟା ବଢ଼ିବା ସମ୍ଭାବନାକୁ ଏଡ଼ାଇ ଦେଇ ହେବନାହିଁ। ପାଣିପାଗ ବିଶେଷଜ୍ଞ ଡ. ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଯେ ଓଡ଼ିଶାର ପଡ଼ୋଶୀ ରାଜ୍ୟମାନେ ଆଜି ଯେତିକି ତାତୁନାହାନ୍ତି, ତା'ଠାରୁ ଓଡ଼ିଶା ଅଧିକ ତାତୁଛି। ଏଥିପାଇଁ ରାଜ୍ୟର ଉଭୟ ଭୌଗୋଳିକ ସ୍ଥିତି ଓ ପାଣିପାଗ ଜନିତ କାରଣ ରହିଛି। ଏବର୍ଷ ଖରାର ପ୍ରକୋପ ଜୁନ୍ ମାସରେ ବି ପ୍ରଖର ରହିବ। ଏମିତି ହେଲେ, ମୌସୁମୀ (ଜୁନ୍ ୧୫ ତାରିଖ) ଆସିବାରେ ବିଳମ୍ବ ହୋଇପାରେ। ଏପ୍ରିଲ-ମେ'ରେ ଅତି ସାଂଘାତିକ ଗ୍ରୀଷ୍ମ ପ୍ରବାହ ଦେଖାଦେଇପାରେ। ଗତ ୪ମାସ ଧରି ଓଡ଼ିଶାରେ ପ୍ରାୟ ବର୍ଷା ନାହିଁ। ମାଟି ଶୁଖିଲା ରହିଛି, ଏଣୁ ଗ୍ରୀଷ୍ମର ପ୍ରକୋପ ବେଶି ଅନୁଭୂତ ହେଉଛି।

### ୨୦୩୬ ସୁଦ୍ଧା ...

ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ବ୍ୟାସକବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପରି ଅନେକ ବୀରପୁତ୍ର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବା ପାଇଁ ସଂଘର୍ଷ କରିଥିଲେ। ଏହି ବୀରପୁତ୍ରଙ୍କ ସଂଘର୍ଷରେ ୧୯୦୩ରେ ପ୍ରଥମେ ଗଠନ ହେଲା ଉତ୍କଳ ସମ୍ମିଳନୀ। ଉତ୍କଳ ସମ୍ମିଳନୀ ମଧୁସୂଦନ ଦାସଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା। ଯୋରଦାର ସଂଗ୍ରାମ ପରେ ୧୯୩୬ ଏପ୍ରିଲ ୧ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। ଆମର ଓଡ଼ିଆ ଗାଥାକୁ ମନେ ପକାଇଲେ ଓଡ଼ିଆଙ୍କ ମନରେ ଏକପ୍ରକାର ଶିହରଣ ଜାଗିଉଠେ । ରାଜା ଖାରାବେଳଙ୍କ ଠାରୁ ଆରମ୍ଭ କରି ନରସିଂହ ଦେବ, ବକ୍ସି ଜଗବନ୍ଧୁ ଓ ବୀର ସୁରେନ୍ଦ୍ର ସାଏଙ୍କ ଭଳି ନେତୃତ୍ୱଙ୍କୁ ଅନୁସରଣ କଲେ ଓଡ଼ିଆ ଜାତି କେବେ ବି ମୁଣ୍ଡ ନୁଆଇଁ ନଥିଲା। ଓଡ଼ିଆ ଜାତି, ଭାଷା, ସଂସ୍କୃତି ଓ ଏହାର ପରମ୍ପରା ଅନନ୍ୟ। ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତ, ରଘୁରାଜପୁରର ପଟ୍ଟଚିତ୍ର, ଓଡ଼ିଆ ଖାଦ୍ୟ ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ତିଆରି କରିଛି। ଓଡିଆର ସାଧବପୁଅ ମାନେ ଦକ୍ଷିଣ-ପୂର୍ବ ଏସିଆ ଏବଂ ଶ୍ରୀଲଙ୍କା ଅଭିମୁଖେ ଯାତ୍ରା କରି ବାଣିଜ୍ୟ ବ୍ୟବସାୟ କରିବା ଆମର ପ୍ରାଚୀନ ଇତିହାସକୁ ଗର୍ବିତ କରିଛି। ଓଡ଼ିଶା ରାଜ୍ୟ କେବଳ ବାହ୍ୟ ଶତ୍ରୁର ଆକ୍ରମଣରୁ ନୁହେଁ ବରଂ ଦୁର୍ଭିକ୍ଷ, ମରୁଡ଼ି, ବାତ୍ୟାକୁ ମଧ୍ୟ ସହ୍ୟ କରିପାରି ନିଜର ପ୍ରବାହ ଜାରୀ ରଖିଛି। ଓଡିଶା ଏକମାତ୍ର ରାଜ୍ୟ ଯେଉଁଠି ସୁଦୀର୍ଘ ବେଳାଭୂମି, ପ୍ରଚୁର ଜଙ୍ଗଲ ସମ୍ପଦ, ଖଣିଜ ସମ୍ବଳ, ପରିଶ୍ରମୀ ଓ ବୌଦ୍ଧିକ କ୍ଷମତା ସମ୍ପନ୍ନ ମାନବ ସମ୍ବଳ ସହ ଅପାର ସମ୍ଭାବନାର ଅଂଚଳ ଭାବରେ ପରିଗଣିତ ହୋଇଛି। ଉତ୍କଳ ଦିବସର ପବିତ୍ର ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ କାମନା କରୁଛି ଯେ ମହାପ୍ରଭୁଙ୍କ ଆଶୀର୍ବାଦରେ ଓଡ଼ିଶାବାସୀ ଅତୀତ ଭଳି ବର୍ତ୍ତମାନ ମଧ୍ୟ ପରିଶ୍ରମ କରିବାର ଅଧିକ କ୍ଷମତା ପାଆନ୍ତୁ ଓ ସମସ୍ତେ ନିଜ ବ୍ୟକ୍ତଗତ ଜୀବନ ସହ ସାମାଜିକ ଜୀବନରେ ଅଧିକ ସଫଳ ହୁଅନ୍ତୁ। ଯେଉଁ ସଫଳତା ବିଶ୍ୱ ମାନବ ସଭ୍ୟତା ପାଇଁ ମଧ୍ୟ ସଫଳତା ଆଣିଦେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଫେସବୁକରେ ପଚରାଯାଇଥିବା ଓଡିଆ ଲୋକଙ୍କ ବିଭିନ୍ନ ପ୍ରଶ୍ନର ଉତର ରଖିଥିଲେ । ଶ୍ରୀମନ୍ଦିରର ବିକାଶ ସମ୍ପର୍କିତ ପ୍ରଶ୍ନରେ ସେ କହିଥିଲେ ଯେ ଶ୍ରୀମନ୍ଦିରର ବିକାଶ ପାଇଁ ସମସ୍ତେ ଆଗେଇ ଆସିବା ଦରକାର । ଇତିମଧ୍ୟରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶ୍ରୀମନ୍ଦିର ଆସି ନିଜ ଦରମାରୁ ୧ ଲକ୍ଷ ଟଙ୍କା ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିଛନ୍ତି । ସମସ୍ତେ ଶ୍ରୀମନ୍ଦିର ବିକାଶ ପାଇଁ ସହଯୋଗୀ ହେଲେ ବ୍ୟାଙ୍କ ଗୁଡିକ ମଧ୍ୟ ଏଥିପାଇଁ ଭାଗିଦାରୀ ହେବେ । ସେହିପରି ପ୍ରଧାନମନ୍ତ୍ରୀଙ୍କ ଭୋକାଲ୍ ଫର୍ ଲୋକାଲ୍ ଆହ୍ୱାନରେ ପଶ୍ଚିମ ଓଡିଶାର କଳା, ସଂସ୍କୃତିକୁ ଆଗେଇ ନେବା, ଭାବଗତ ସମ୍ପର୍କ ସହ ମାଲକାନଗିରି ସମେତ ରାଜ୍ୟରେ ସୀମା ବିବାଦର ସ୍ଥାୟୀ ସମାଧାନ ହେବା ନେଇ ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ । ଏତଦବ୍ୟତିତ ପ୍ରକୃତି ମାତାର ବରଦାନ ସଦୃଶ ଶିମିଳିପାଳ ଜଙ୍ଗଲକୁ ଅଗ୍ନିକାଣ୍ଡରୁ ସୁରକ୍ଷିତ ରଖିବା ପାଇଁ ସମସ୍ତେ ଦାୟିତ୍ୱ ନେବା ଏବଂ କେନ୍ଦ୍ରାପଡା ଜିଲ୍ଲାରେ ଇସ୍ପାତ୍ କାରଖାନା ପ୍ରତିଷ୍ଠା ନେଇ ଥିବା ସମ୍ଭାବନା ଉପରେ ଆଲୋକପାତ କରିବା ସହ ସନ୍ଥକବି ଭୀମ ଭୋଇଙ୍କ "ମୋ ଜୀବନ ପଛେ ନର୍କେ ପଡିଥାଉ", ଗୋପବନ୍ଧୁ ଦାସଙ୍କ "ନର ସେବା ହିଁ ନାରାୟଣ ସେବା" ବିଚାରଧାରାରେ ଓଡିଶାକୁ ଆଦର୍ଶ ରାଜ୍ୟ ଭାବେ ଗଢିବା ପାଇଁ ସମସ୍ତେ ସଂକଳ୍ପ ନେବା ଦରକାର ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

### ଅଢ଼େଇ ବର୍ଷରେ ...

କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଫୁଲବାଣୀ ସହର ଉପକଣ୍ଠର କଲାଡିଠାରେ ୪୫୦ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବାକୁ ଥିବା କନ୍ଧମାଳ ମେଡିକାଲ କଲେଜ ଏବଂ ହସ୍ପିଟାଲ ପାଇଁ ଚିହ୍ନଟ ହୋଇଥିବା ସ୍ଥାନ ବୁଲି ଦେଖିଥିଲେ। ମେଡିକାଲ କଲେଜ ଏବଂ ହସ୍ପିଟାଲ ନିର୍ମାଣ ନେଇ ଜିଲ୍ଲା ପ୍ରଶାସନ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ମୁଖ୍ୟ ଶାସନ ସଚିବ ଏବଂ ୫-ଟି' ସଚିବ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟ ଶାସନ ସଚିବ ଓ ୫-ଟି' ସଚିବ ମେଡିକାଲ କଲେଜ ପ୍ରକଳ୍ପର ଡିଜାଇନ୍ ଅନୁଧ୍ୟାନ କରିଥିଲେ। ତେବେ ମେଡିକାଲ କଲେଜର ସ୍ଥାନକୁ ଦେଖିବା ପରେ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନେଇ ମୁଖ୍ୟ ଶାସନ ସଚିବ ସନ୍ତୋଷବ୍ୟକ୍ତ କରିଥିଲେ। ମେଡିକାଲ କଲେଜକୁ ଲାଗି ରହିଥିବା ପାହାଡରେ ବହୁ ମାତ୍ରାରେ ବୃକ୍ଷରୋପଣ କରିବାକୁ ମଧ୍ୟ ମୁଖ୍ୟ ଶାସନ ସଚିବ ପ୍ରସ୍ତାବ ଦେଇଥିଲେ। ଏଠାରେ ଡାକ୍ତର, ପ୍ରଫେସର ଏବଂ ମେଡିକାଲ କଲେଜ କର୍ମଚାରୀଙ୍କ ରହିବା ବ୍ୟବସ୍ଥାରେ ଯେମିତି କୌଣସି ତ୍ରୁଟି ନ ରହେ ସେଥିପ୍ରତି ଦୃଷ୍ଟି ଦେବାକୁ ୫ଟି ସଚିବ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ନୂଆ ମେଡିକାଲ କଲେଜ କ୍ୟାମ୍ପସରେ ୩୦୦ ସିଟ୍ ବିଶିଷ୍ଟ ଛାତ୍ରାବାସ, ୧୫୦ ସିଟ୍ ବିଶିଷ୍ଟ ଛାତ୍ରୀ ନିବାସ, ୬୫୦ ଲୋକ ବସିଲା ଭଳି ଅଡିଟୋରିୟମ ଏବଂ ୧୦୦ ସିଟ୍ ବିଶିଷ୍ଟ ଏକ ଡାକ୍ତର ହଷ୍ଟେଲ ନିର୍ମାଣ କରାଯିବ। ଏହାପରେ ମୁଖ୍ୟ ଶାସନ ସଚିବ ଏବଂ ୫-ଟି' ସଚିବ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା ସ୍ମାର୍ଟ ସ୍କୁଲ ଅନ୍ତର୍ଭୁକ୍ତ ଫୁଲବାଣୀ ସହରର ସର୍ବପୁରାତନ ଏଜେଓ ହାଇସ୍କୁଲ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଇ ସେଠାକାର ଶିକ୍ଷା ବ୍ୟବସ୍ଥା, ଭିତ୍ତିଭୂମି ବୁଲି ଦେଖିଥିଲେ। ସ୍କୁଲର ବିଭିନ୍ନ ସମସ୍ୟା ନେଇ ୫-ଟି' ସଚିବ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟ ଶାସନ ସଚିବ, ୫-ଟି' ସଚିବଙ୍କ ସମେତ ଅନ୍ୟାନ୍ୟ ସଚିବମାନେ ବିଦ୍ୟାଳୟରେ ପହଞ୍ଚିବା ପରେ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ପକ୍ଷରୁ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ୨୨ରୁ ୯ମ ଶ୍ରେଣୀ ପରୀକ୍ଷା

**ଭୁବନେଶ୍ୱର :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ବିଦ୍ୟାଳୟଗୁଡ଼ିକର ୯ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବାର୍ଷିକ ପରୀକ୍ଷା କରାଯିବ। ରାଜ୍ୟ ସରକାର ଓ ମାଧ୍ୟମିକ ଶିକ୍ଷା ପରିଷଦ(ବିଏସ୍‌ଇ)ଙ୍କ ସହ ଆଲୋଚନା ପରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ବିଦ୍ୟାଳୟସ୍ତରରେ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଛି। ଏପ୍ରିଲ୍ ୨୨ରୁ ୨୪ ପର୍ଯ୍ୟନ୍ତ ଦୁଇଟି ସିଟିଂରେ ୬ଟି ବିଷୟର ପରୀକ୍ଷା କରାଯିବ। ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ପ୍ରଥମ ଏବଂ ପୂର୍ବାହ୍ନ ୯ଟା ୩୦ରୁ ୧୧ଟା ୩୦ ପର୍ଯ୍ୟନ୍ତ ଦ୍ୱିତୀୟ ସିଟିଂ ପରୀକ୍ଷା ହେବ। ୨୨ ତାରିଖରେ ପ୍ରଥମ ଭାଷା ଓ ବିଜ୍ଞାନ, ୨୩ ତାରିଖରେ ଦ୍ୱିତୀୟ ଭାଷା ଓ ସାମାଜିକ ବିଜ୍ଞାନ, ୨୪ ତାରିଖରେ ଗଣିତ ଓ ତୃତୀୟ ଭାଷାର ପରୀକ୍ଷା ଅନୁଷ୍ଠିତ ହେବ। ବିଏସ୍‌ଇ ପାର୍ଟନ ଅନୁଯାୟୀ ପରୀକ୍ଷା କରାଯିବୟ ଯେଉଁ ବିଦ୍ୟାଳୟ ଏହି ପରୀକ୍ଷାରେ ସାମିଲ ହେବାକୁ ଚାହିଁବେ ସେମାନେ ଇଣ୍ଡେଣ୍ଟ ପ୍ରୋଫର୍ମାକୁ ଓଷ୍ଟା ଅଫିସ୍‌କୁ ଡାକଯୋଗେ ନ ହେଲେ ଇ-ମେଲ୍ ମାଧ୍ୟମରେ ପଠାଇପାରିବେ। ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଲାଗି ଆସନ୍ତା ୫ରୁ ୭ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ଦୁଇଟି ସିଟିଂରେ ପରୀକ୍ଷା କରାଯିବ। ପ୍ରଥମ ସିଟିଂ ପରୀକ୍ଷା ୭ଟା ୩୦ରୁ ୯ଟା ୩୦ ଓ ଦ୍ୱିତୀୟ ସିଟିଂ ସକାଳ ୧୦ଟାରୁ ୧୨ଟା ଯାଏ ଚାଲିବ। ଗଣିତ ପରୀକ୍ଷାରେ ୧୫ ମିନିଟ୍ ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ପ୍ରଶ୍ନପତ୍ର ଦିଆଯିବ। ପ୍ରଥମ ଦିନ ଓଡ଼ିଆ ଓ ସାମାଜିକ ବିଜ୍ଞାନ, ଦ୍ୱିତୀୟ ଦିବସରେ ଇଂରାଜୀ ଓ ସାମାଜିକ ବିଜ୍ଞାନ, ତୃତୀୟ ଦିବସରେ ଗଣିତ ଓ ତୃତୀୟ ଭାଷା ପରୀକ୍ଷା ହେବ। ଏହି ପରୀକ୍ଷାରେ ପାଖାପାଖି ୬ ହଜାର ସରକାରୀ ଓ ବେସରକାରୀ ବିଦ୍ୟାଳୟ ଅଂଶଗ୍ରହଣ କରୁଛନ୍ତି। ୩ ଓ ୪ ତାରିଖରେ ବିଦ୍ୟାଳୟଗୁଡ଼ିକୁ ପ୍ରଶ୍ନପତ୍ର ପ୍ୟାକେଟ୍ ଯୋଗାଇ ଦିଆଯିବ। ପରୀକ୍ଷାର ସ୍ୱଚ୍ଛତା ଓ ନିରପେକ୍ଷତା ପାଇଁ ଓଷ୍ଟା ପକ୍ଷରୁ ସମସ୍ତ ଶିକ୍ଷକ ଓ ପ୍ରଧାନଶିକ୍ଷକଙ୍କ ସହଯୋଗ କାମନା କରାଯାଇଛି। ପରୀକ୍ଷା ସରିବା ପରେ ୮ ତାରିଖରେ ସମସ୍ତ ପ୍ରଶ୍ନର ଆଦର୍ଶ ଉତ୍ତର ଓଷ୍ଟା ୱେବସାଇଟ୍‌ରେ ଉପଲବ୍ଧ ହେବ। ୧୦ ତାରିଖ ସୁଦ୍ଧା ଖାତା ଦେଖା ଶେଷ ହେବ ଏବଂ ଅଭିଭାବକଙ୍କୁ ପିଲାଙ୍କ ମାର୍କ ସମ୍ପର୍କରେ ସୂଚନା ଦିଆଯିବ। ଏପ୍ରିଲ ୧୦ରୁ ମେ' ୩ ପର୍ଯ୍ୟନ୍ତ ପିଲାଙ୍କ ଦୁର୍ବଳତାକୁ ଚିହ୍ନଟ କରି ଓଷ୍ଟା ଓ ଶିକ୍ଷକଙ୍କ ତରଫରୁ ଦ୍ୱନ୍ଦ୍ୱ ଦୂର ଲାଗି ବ୍ୟବସ୍ଥା ହେବ ବୋଲି ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି।

# 'ଭୟ ଓ ହିଂସାକୁ ଅସ୍ତ୍ର ଭାବେ ଉପଯୋଗ କରୁଛି ବିଜେଡି'



**ଭୁବନେଶ୍ୱର :** ଦୀର୍ଘ ୩୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶାସକ ବିଜୁ ଜନତା ଦଳ ଓ କଂଗ୍ରେସ ଦଳ ମିଳିମିଶି ପିପିଲି-ଡେଲାଙ୍ଗ ଅଂଚଳକୁ ହିଂସା ଓ ଅରାଜକତାର ଚରାଭୂଇଁ ଭାବେ କରିଆସିଛି । ଆଜି ଯେତେବେଳେ ପିପିଲି-ଡେଲାଙ୍ଗ ଅଂଚଳବାସୀ ହିଂସା ଓ ଅରାଜକତାକୁ ପ୍ରତ୍ୟାଖାନ କରି ବିକାଶ ସହ ଯୋଡି ହେବା ପାଇଁ ମନ ସ୍ଥିର କରିସାରିଛନ୍ତି, ସେତେବେଳେ ଶାସକ ବିଜେଡି ପୁଣି ଥରେ ଚିରାଚରିତ ଭାବେ 'ଭୟ ଓ ହିଂସା'କୁ ଅସ୍ତ୍ର ଭାବେ ଉପଯୋଗ କରି ନିର୍ବାଚନ ହାତେଇବା ପାଇଁ ପ୍ରୟାସ ଆରମ୍ଭ କରିଦେଇଛି । ଚଳିତ ଉପ ନିର୍ବାଚନରେ ଶାସକ ବିଜେଡି ପ୍ରାର୍ଥୀଙ୍କ ଚେହେରା ବଦଳିଛି ସତ, କିନ୍ତୁ ହିଂସାର ଆଭିମୁଖ୍ୟ ବଦଳି ନାହିଁ ବୋଲି ରାଜ୍ୟ ସାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ କ୍ଷୋଭ ପ୍ରକାଶ କରି କହିଛନ୍ତି । ରାଜ୍ୟ ରାଜଧାନୀର ସଂଲଗ୍ନ ପିପିଲି ଡେଲାଙ୍ଗ ନିର୍ବାଚନ ମଣ୍ଡଳୀ ସଦାସର୍ବଦା ଚିର ଅବହେଳିତ ହୋଇ ରହିଯାଇଛି । ଏହି ଅଂଚଳକୁ ଭୟମୁକ୍ତ, ହିଂସାମୁକ୍ତ ଓ ବିକାଶଯୁକ୍ତ ଅଂଚଳ ଭାବେ ଗଢି ତୋଳିବା ପାଇଁ ବିଜେପି ପ୍ରତିଶୃତିବଦ୍ଧ । 'ସବକା ସାଥ, ସବକା ବିକାଶ ଓ ସବକା ବିଶ୍ୱାସ'କୁ ପାଥେୟ କରି ଭାରତୀୟ ଜନତା ପାର୍ଟୀ ଆଜି ଯେତେବେଳେ ଏହି ଅଂଚଳର ବିକାଶ କାର୍ଯ୍ୟକୁ ପ୍ରାଧାନ୍ୟ ଦେଉଛି, ସେତେବେଳେ ଶାସକ ବିଜେଡି ପ୍ରତିହିଂସା ପରାୟଣ ହୋଇ ବିରୋଧୀମାନଙ୍କୁ ଦମନ କରିବାର ଅପଚେଷ୍ଟା କରୁଛି । ପୁରୁଣା ଅଭ୍ୟାସ କାରଣରୁ ଶାସକ ବିଜେଡି ବିଜେପିର ରାଲି ଏବଂ କାର୍ଯ୍ୟକର୍ତାଙ୍କ ଉପରେ ଆକ୍ରୋଶମୂଳକ ଅକ୍ରମଣ କରୁଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଭୀରୁତାର ପରିଚୟ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି । ପିପିଲି-ଡେଲାଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଇଗୁରୁପୁରଠାରେ ଅନୁଷ୍ଠିତ ଦଳୀୟ ପ୍ରଚାର ସମୟରେ ଯେଉଁ ଭଳି ଭାବରେ ବିଜେପି ସମର୍ଥକମାନଙ୍କୁ ଶାସକ ବିଜେଡି କର୍ମୀମାନେ ଅତର୍କିତ ଆକ୍ରମଣ କରି ଭୟଭୀତ କରିବାର ଅପଚେଷ୍ଟା କରିଥିଲେ, ତାହା ଅତ୍ୟନ୍ତ ଘୃଣ୍ୟ ଓ ନିନ୍ଦନୀୟ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି । ଶାସକ ବିଜେଡି ଦ୍ୱାରା ଏହି ହିଂସାର ପ୍ରତିବାଦରେ ଦଳୀୟ ପ୍ରାର୍ଥୀ ଆଶ୍ରୀତ ପଟ୍ଟନାୟକଙ୍କ ସମେତ ଶତାଧିକ କାମ୍ୟକର୍ତା ରାଇଗୁରୁପୁରଠାରେ ଧାରଣାରେ ବସି ରହିଥିଲେ । ଏହା ପରେ ପିପିଲି ଥାନା ପରିସରର ଭିତରେ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବୀରେ ପ୍ରାର୍ଥୀ ଶ୍ରୀ ପଟ୍ଟନାୟକ ଦଳୀୟ ନେତୃବୃନ୍ଦ ଏବଂ ସମର୍ଥକଙ୍କ ସହ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଥିଲେ । ଏହି ସମୟରେ ଶାସକ ବିଜେଡି କର୍ମୀମାନେ ପୁଣି ଥରେ ଥାନା ପରିସର ଭିତରକୁ ଆସି ଅଶାନ୍ତ ବାତାବରଣ ସୃଷ୍ଟି କରିଥିଲେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଏସଡିପିଓ ପ୍ରମୁଖ ପିପିଲି ଥାନା ପରିସର ଭିତରେ ବିଜେପି ନେତୃବୃନ୍ଦ ଶ୍ରୀ ହରିଚନ୍ଦନ, ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ଉପସଭାପତି ପ୍ରଭାତୀ ପରିଡା ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ।

# ପରିଜା ସାହେବ



ଅକ୍ଷୟ କୁମାର ରାଉତ

ଯେଉଁ ବିଶ୍ୱବିଖ୍ୟାତ ବୈଜ୍ଞାନିକଗଣ ନିଜର ମହାନ୍ ଅବଦାନ ଦ୍ୱାରା ବିଜ୍ଞାନ ଜଗତକୁ ଋଦ୍ଧିମନ୍ତ କରି ମାନବ ସମାଜକୁ ବିପୁଳ ଜ୍ଞାନାଲୋକରେ ଉଦ୍ଭାସିତ କରିଯାଇଛନ୍ତି । ସେମାନଙ୍କ ମଧ୍ୟରେ ବାପ ମା' ଛେଉଣ୍ଡ ନିପଟ ମଫସଲ ଗାଁର ଦରିଦ୍ର ଓଡ଼ିଆ ପିଲା ପ୍ରାଣକୃଷ୍ଣ ପରିଜା ନିଜ ଗୋଡରେ ଠିଆହୋଇ କ୍ରେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଗବେଷଣା କରି ବିଶ୍ୱବିଖ୍ୟାତ ବୈଜ୍ଞାନିକ ହେବାର ଗୌରବ ଅର୍ଜନ କରିଥିଲେ। ପ୍ରାଣକୃଷ୍ଣ ପରିଜା ଆଦିକବି ଶାରଳା ଦାସଙ୍କ ବଂଶଜ ପରିଡା ବଂଶସାରୋଳ ଗ୍ରାମରୁ ଯାଇ ଜଗତ୍‌ସିଂହପୁରର ଖେରସ ଓ ବାଲିକୁଦାର ଇଚ୍ଛାପୁର ଗ୍ରାମରେ ବସତି ସ୍ଥାପନ କରିଥିଲେ । କ୍ରମେ ପରିଡା ବଂଶର ଲୋକେ ପରିଜା ସାଙ୍ଗିଆରେ ପରିଚିତ ହେଲେ ।



୧୮୯୧ ମସିହା ଏପ୍ରିଲ ପହିଲା ତାରିଖ ଦିନ ପ୍ରାଣକୃଷ୍ଣ ଇଚ୍ଛାପୁର ଗ୍ରାମର ବିଶ୍ୱନାଥ ପରିଜା ଓ ଜୟନ୍ତି ପରିଜାଙ୍କ ପୁତ୍ର ରୂପେ ଜନ୍ମଗ୍ରହଣ କରିଥିଲେ । ବିଶ୍ୱନାଥ ପରିଜା ପାଠ ପଢ଼ି ନଥିବାରୁ ମୟୁରଭଞ୍ଜରେ ଫରେଷ୍ଟଗାର୍ଡ ରୂପେ କାର୍ଯ୍ୟ କରୁଥିଲେ । ତେଣୁ ପ୍ରାଣକୃଷ୍ଣ ଗାଁ ଚାହାଳିରେ ନିଜର ପଢ଼ା ଆରମ୍ଭ କରିଥିଲେ। ଦିନଯାକ ଚାହାଳିରେ ପ୍ରାଣକୃଷ୍ଣ ପାଠ ପଢ଼ନ୍ତି ଓ ରାତିରେ ଭାଗବତ ଟୁଙ୍ଗୀରୁ ମହାଭାରତ, ରାମାୟଣ ଓ ଭାଗବତ ଶୁଣନ୍ତି । ଏହି ପୁରାଣର କାହାଣୀ ଗୁଡିକ ପ୍ରାଣକୃଷ୍ଣଙ୍କ ଉପରେ ବହୁତ ପ୍ରଭାବ ପକାଇଥିଲା । ଚାହାଳି ପାଠ ପଢ଼ାଶେଷ ହେବା ପରେ ତାଙ୍କ ମା ପ୍ରାଣକୃଷ୍ଣଙ୍କୁ ତାଙ୍କର ଧର୍ମମଉସା ଉଦୟନାଥ ପାଖକୁ ଚାକିରି ପାଇଁ ପଠାଇଦେଲେ । ମଉସା ଉଦୟନାଥ ଜଗତ୍‌ସିଂହପୁରର ଲାଲବଂଶୀୟ ମାନଙ୍କ ଜମିଦାରୀ ଅଧିନରେ ତହସିଲଦାର ରୂପେ କାର୍ଯ୍ୟ କରୁଥିଲେ । ପ୍ରାଣକୃଷ୍ଣ ଜମୀଦାରୀ କାଗଜପତ୍ର କାମ ସାଙ୍ଗଙ୍କୁ କଚେରୀରେ କାମ ଶିଖନ୍ତି ଓ ନିଜେ ରୋଷେଇ କରି ଖାଆନ୍ତି । ବାପା ମୟୁରଭଞ୍ଜରୁ ଘରକୁ ଆସି ପ୍ରାଣକୃଷ୍ଣଙ୍କୁ



୧୯୦୧ ମସିହାରେ ବାଲିକୁଦା ମାଇନର ସ୍କୁଲରେ ନାମ ଲେଖାଇଦେଲେ । ସେଠାରେ ପ୍ରାଣକୃଷ୍ଣ ମନ ଲଗାଇ ପାଠପଢ଼ିଲେ । ଏହି ସମୟରେ ତାଙ୍କର ପିତା ଆରପାରିକୁ ଚାଲିଗଲେ । ମା ଜୟନ୍ତି ଦେବୀ ସ୍ୱାମୀଙ୍କୁ ଝୁରିଝୁରି ଆଖି ବୁଜିଦେଲେ । ପ୍ରାଣକୃଷ୍ଣ ହୋଇଗଲେ ଅନାଥ ବାପା ମା ଛେଉଣ୍ଡ ପିଲା । ତାଙ୍କ ବାପାଙ୍କ ଦାଦା ରଘୁନାଥ ପ୍ରାଣକୃଷ୍ଣଙ୍କ ଲାଳନପାଳନ ଓ ପାଠପଢ଼ାର ଦାୟିତ୍ୱ ନେଲେ । ପାଠ ପଢ଼ିବା ପାଇଁ ପ୍ରତିଦିନ ପ୍ରାଣକୃଷ୍ଣଙ୍କୁ ୪ ମାଇଲ ଚାଲିବାକୁ ପଡୁଥିଲା । ୧୯୦୪ ମସିହାରେ ପ୍ରାଣକୃଷ୍ଣ ମଧ୍ୟ ଇଂରାଜୀ ପାଠ ଶେଷକରିଥିଲେ । ପରୀକ୍ଷାରେ ସାରା ଓଡିଶାରେ ପ୍ରଥମ ହୋଇ ଚାରିଟଙ୍କା ବୃତି ପାଇଲେ । ଆଖପାଖରେ କେଉଁଠି ହାଇସ୍କୁଲ ନଥିବାରୁ ଜେଜେ ପ୍ରାଣକୃଷ୍ଣ ନାମ କଟକ ରେଭେନ୍‌ସା କଲେଜିଏଟ୍ ସ୍କୁଲର ଲେଖାଇଦେଲେ ।

ଗାଁରୁ କଟକ ଯିବା ଆସିବା କରିବା ପାଇଁ ସେତେବେଳ ବିଶେଷ କିଛି ସୁବିଧା ନଥିଲା। ବିଦ୍ୟାଳୟ ଛୁଟି ହେଲେ ପ୍ରାଣକୃଷ୍ଣ ପ୍ରାୟ ୩୪ ମାଇଲ ବାଟ ଚାଲିଚାଲି ଆସନ୍ତି ଓ ଯାଆନ୍ତି। ପ୍ରାଣକୃଷ୍ଣ ବାଟୋଇ ମାନଙ୍କ ସହିତ ରାତ୍ରିଯାପନ କରନ୍ତି ଚଟିଘରେ । ସେବା ବଦଳୁ ମାଲିକକୁ ଛ' ପଇସା ଦିଅନ୍ତି । ଚଟିଘରେ ଯାତ୍ରୀମାନେ ରୋଷେଇ କରନ୍ତି ଓ ଖିଆପିଆ ସାରି ଶୋଇପଡନ୍ତି । ପ୍ରାଣକୃଷ୍ଣଙ୍କ ଘରଠାରୁ ରେଭେନ୍‌ସା କଲେଜିଏଟ୍ ସ୍କୁଲ ପର୍ଯ୍ୟନ୍ତ ୬ଟି ଚଟିଘର ଥାଏ ଯାତ୍ରୀଙ୍କ ବିଶ୍ରାମ ନିମନ୍ତେ । ସ୍କୁଲରେ ପଢ଼ିବା ସମୟରେ ପ୍ରାଣକୃଷ୍ଣ ପ୍ୟାଂଟ୍ ବଦଳରେ ତନ୍ତବୁଣା ଖଦୀ ପିନ୍ଧିଥାନ୍ତି ଓ ଚଦରଟିଏ ବେକରେ ପକାଇ ଥାଆନ୍ତି । ବିଦ୍ୟାଳୟରେ ପ୍ରାଣକୃଷ୍ଣଙ୍କ ଏହିପରି ପରିଧାନ ନେଇ ପଣ୍ଡିତ ମହାଶୟ କହିଲେ ତୁ ଦିନେ ବଡମଣିଷ ହେବୁ। ଭବିଷ୍ୟତରେ ତାଙ୍କ ପଣ୍ଡିତଙ୍କ କଥା ସତରେ ପରିଣତ ହେଲା। ପତ୍ରପତ୍ରିକାରେ ପ୍ରବନ୍ଧ ଲେଖି ସେ ଚାରିଶହ ଟଙ୍କ ପୁରସ୍କାର ପାଇଥିଲେ । ଏହି ଟଙ୍କାର ମୂଲ୍ୟ ସେତେବେଳେ ଖୁବ୍‌ବେଶୀ । ଶେଷରେ ସେ ହାଇସ୍କୁଲ ପରୀକ୍ଷାରେ ଓଡ଼ିଶାରେ ପ୍ରଥମ ହୋଇ ପାସ୍‌କଲେ। ତେଣୁ ତାଙ୍କୁ ମାସିକ ୨୦ ଟଙ୍କା ସରକାରୀ ବୃତି ମିଳିଲା । ରେଭେନ୍‌ସା କଲେଜରେ ସେ ଆଇ.ଏସ୍‌ସି ପାସ୍‌କଲେ। ରେଭେନ୍‌ସା କଲେଜରେ ବି.ଏସ୍‌ସି. ନଥିବାରୁ କଲିକତାର ପ୍ରେସିଡେନସି କଲେଜରେ ବି.ଏସ୍‌ସି ପାଠ ପଢ଼ିଲେ। ଚଳିବା ପାଇଁ ଅର୍ଥର ଅବଶ୍ୟକତାରୁ ସେ କଲିକତାରେ ଟିଉସନ୍‌କଲେ। ବି.ଏସ୍‌ସି ପାସ୍ ପରେ ଏମ.ଏସ୍‌ସି. ପଢ଼ିଲେ। ପ୍ରାଣକୃଷ୍ଣ ଏମ୍.ଏସ୍.ସି.ରେ ପାସ୍ କରିପାରିଲେ ନାହିଁ । ଏହାଥିଲା ତାଙ୍କ ଜୀବନର ପ୍ରଥମ ବିଫଳତା । ପ୍ରାଣକୃଷ୍ଣ ବିହାର – ଓଡ଼ିଶା ଛାତ୍ରବୃତି ପାଇ ବିଲାତ ପଢ଼ିବାକୁ ଗଲେ । କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କ୍ରାଏଷ୍ଟ କଲେଜରେ ଉଦ୍ଭିଦ ବିଜ୍ଞାନ ପଢ଼ିଲେ । ଉଦ୍ଭିଦ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିବାରୁ ତାଙ୍କୁ ଗବେଷଣା ପାଇଁ ଛାତ୍ରବୃତି ମିଳିଥିଲା।

ପ୍ରାଣକୃଷ୍ଣ ଅଧ୍ୟାପକ ବ୍ଲାକ୍‌ମ୍ୟାନ୍‌ଙ୍କ ଅଧୀନରେ ଚେରିଲ ପତ୍ର ଉପରେ ଗବେଷଣା କଲେ। ଗଛର ଶ୍ୱାସକ୍ରିୟା ଉପରେ ସେ ଯେଉଁ ନୂଆତତ୍ତ୍ୱ ବାହାର କଲେ ତାହା 'ପରିଜା-ବ୍ଲାକ୍‌ମ୍ୟାନ' ଥିଓରି ଭାବେ ପରିଚିତ। ଏହାପରେ ସେ ପୃଥିବୀର ଖ୍ୟାତନାମା ବୈଜ୍ଞାନିକ ହୋଇଗଲେ। ବିଲାତରେ ସାତବର୍ଷକାଳ ସାହେବମାନଙ୍କ ମେଳରେ ରହି ସେମାନଙ୍କ ଠାରୁ ଭଲଗୁଣ ଗ୍ରହଣ କରିଥିଲେ । ଗାଁରୁ ଶିଖିଥିବା ଦୟା, କ୍ଷମା, ସରଳତା ଓ ସାଧୁତାସାଙ୍ଗରେ ବିଲାତର ଭଲ ଗୁଣଗୁଡିକ ମିଶିଯିବାରୁ ସେ ଏକ ନୂଆ ମଣିଷ ପାଲଟିଗଲେ । ନାମହେଲା 'ପରିଜା ସାହେବ'।

ପରିଜା ସାହେବ ରେଭେନ୍‌ସା କଲେଜରେ ଉଭିଦ ବିଜ୍ଞାନରେ ମୁଖ୍ୟ ଅଧ୍ୟାପକ ରୂପେ ଯୋଗଦେଲେ । ତାଙ୍କ ଚେଷ୍ଟାରୁ ରେଭେନ୍‌ସା କଲେଜର ଉଭିଦ ବିଜ୍ଞାନ ବିଭାଗ ସମଗ୍ର ଭାରତ ବର୍ଷରେ ଗବେଷଣାର କେନ୍ଦ୍ରସ୍ଥଳୀ ପାଲଟିଗଲା । ବିଭିନ୍ନ ପ୍ରକାର ଦଳ ଉପରେ ଗବେଷଣା କରି ସେ ଅନେକ ନୂଆ କଥା ବାହାର କରିଥିଲେ। ମରୁଡି, ବନ୍ୟା ଓ ଲୁଣିପାଣି ଯୋଗୁଁ ବହୁସମୟରେ ଧାନ ଫସଲ ନଷ୍ଟ ହୋଇଯାଇଥାଏ । ଧାନ ଉପରେ ଗବେଷଣାକରି ସେ ବହୁ ନୂଆତତ୍ତ୍ୱ ବାହାରକଲେ। ଅଳ୍ପଦିନ ମଧ୍ୟରେ ସେ ପ୍ରଖ୍ୟାତ ବୈଜ୍ଞାନିକ ହୋଇଗଲେ।

ମହାନ୍ ବୈଜ୍ଞାନିକ ପରିଜା ସାହେବ ବାଲିପାଟଣା ଗାଁର ଗୌରାଙ୍ଗ ଚରଣ କାନୁନ୍‌ଗୋଙ୍କ ବଡ଼ଝିଅ ସୁନ୍ଦରମଣିଙ୍କୁ ବିବାହ କଲେ । ସୁନ୍ଦରମଣି ଅଳ୍ପ ପାଠ ପଢ଼ିଥିବାରୁ ତାଙ୍କୁ ପାଠପଢ଼ାଇ ଠିକ୍ ଓଡ଼ିଆ ଘରର ବୋହୂ ପରି ଗଢ଼ିଦେଲେ। ବାହାରକୁ ଗଲେ ପରିଜା ସାହେବ ଯାଆନ୍ତି ଠିକ୍ ସାହେବ ପରିଧାନରେ କିନ୍ତୁ ସୁନ୍ଦରମଣି ଯାଉଥିଲେ ଖାଂଟି ଓଡ଼ିଆଣୀ ପୋଷାକ ପିନ୍ଧି। ଘରର ଚଳଣି ଓ ଖାଦ୍ୟପେୟ ଠିକ୍ ଓଡିଆର ଦହି ପଖାଳ, ଶାଗ, ବଡ଼ି, କାଞ୍ଜିପାଣି, ଚକୁଳି, ପିଠା । ସେ କେବେ ନିଜ ଗାଁର ପାଣିପବନ ଓ ଓଡ଼ିଆର ସଂସ୍କୃତି ଓ ପରମ୍ପରାକୁ ଭୁଲନ୍ତି ନାହିଁ।

ରେଭେନ୍‌ସା କଲେଜରେ ଅଧ୍ୟାପକରୁ ଅଧ୍ୟକ୍ଷ ପଦ ଅଳଙ୍କୃତ କରିଥିଲେ। ଅଧ୍ୟକ୍ଷ ପଦରୁ ଯାଇ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପଦରେ ବସିଲେ । ବିଭିନ୍ନ ସମୟରେ ସେ କୁଳପତି ରୂପେ ଦୀର୍ଘ ୧୮ ବର୍ଷ କାର୍ଯ୍ୟ କରିଥିଲେ। ବନାରସ 'ହିନ୍ଦୁ' ବିଶ୍ୱବିଦ୍ୟାଳୟର ଉପକୁଳପତି ପଦରେ କିଛିକାଳ କାର୍ଯ୍ୟ କରିଥିଲେ। ସେ କୁଳପତି ପାଇଁ ମନୋନିତ ହୋଇ ମଧ ହୋଇପାରିଲେ ନାହିଁ । କାରଣ ସେ ହିନ୍ଦି ଭାଷାଭାଷୀ ଅଂଚଳର ଲୋକ ନଥିଲେ। ବନାରସରୁ ଫେରି ପରିଜା ସାହେବ ନିଜ ଗାଁ ଇଚ୍ଛାପୁରରେ ରହି ଲୋକମାନଙ୍କର ସୁବିଧା ଓ ଅସୁବିଧା ବୁଝିଲେ। ବାଲିକୁଦାରୁ ସ୍ୱାଧୀନ ପ୍ରାର୍ଥୀ ରୂପେ ଠିଆହୋଇ ବିଜୟଲାଭ କରି ବିଧାୟକ ହେଲେ । ସଭାସମିତି ହେଉ ବା ଘର କାର୍ଯ୍ୟ ହେଉ ସବୁକାମରେ ସେ ଥିଲେ ସମୟ ଅନୁବର୍ତ୍ତିତା । ଠିକ୍ ସମୟରେ ଠିକ୍ କାମ ସର୍ବଦା କରୁଥିଲେ।

ସଦାସର୍ବଦା ପରିଜା ସାହେବ ନିଜକାମ ନିଜେ କରୁଥିଲେ। ସେ କୌଣସି କାର୍ଯ୍ୟ ପାଇଁ କାହା ଉପରେ ନିର୍ଭର କରୁନଥିଲେ। ଜଣେ ବୈଜ୍ଞାନିକ ହେଲେ ବି ରାମାୟଣ, ମହାଭାରତ, ଭାଗବତ ଆଦି ବିଭିନ୍ନ ପୁରାଣ ଓ ଇତିହାସ ପାଠ କରୁଥିଲେ। ସେ ଥିଲେ ଜ୍ଞାନର ପ୍ରତୀକ। ସେ ମେଧାବୀ ଛାତ୍ରମାନଙ୍କୁ ନିଜ ଦରମାରୁ ସାହାଯ୍ୟ କରୁଥିଲେ।



କୌଣସି ଛାତ୍ର ଅସୁବିଧାରେ ପଡ଼ିଲେ ପରିଜା ସାହେବ ସାହାଯ୍ୟ କରୁଥିଲେ।

ନିଜ ଦେହ କଥା ପଛକୁ ରଖି କର୍ତବ୍ୟକୁ ସେ ପ୍ରଥମ ସ୍ଥାନ ଦେଉଥିଲେ। ତାଙ୍କର ସହକର୍ମୀ ତଥା ବନ୍ଧୁମାନେ ସେଥିପାଇଁ ଭାବନ୍ତି ପରିଜା ସାହେବ ମଣିଷ ନା ଦେବତା। ସେ କୁଳପତି ପଦବୀଠାରୁ ପଦ୍ମଭୂଷଣ ଉପାଧି ଯାଏଁ ଅନେକ ସମ୍ମାନ ପାଇଛନ୍ତି। ସେଥିରେ ପ୍ରଥମ ଓଡ଼ିଆ ଯେ ଭାରତୀୟ ବିଜ୍ଞାନ କଂଗ୍ରେସର ସଭାପତି ପଦ ମଣ୍ଡନ କରିଥିଲେ।

ଆଗେ ତ ସୁନ୍ଦରମଣି ଯାଇଥିଲେ ତାପରେ ସେହି ମହାନ୍ ବୈଜ୍ଞାନିକ ୧୯୭୯ ମସିହା ଜୁନ୍ ମାସ ୨ ତାରିଖରେ ଶୁକ୍ରବାର ସକାଳ ୧୧.୫୫ ମିନିଟ୍‌ରେ ଚିରନିଦ୍ରାରେ ଶୋଇଗଲେ।

*ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର*
*ମୋ- ୯୯୩୭୬୯୧୪୭୫*

## ଫେଲ୍ ମାରିଛି ପାନୀୟ ଜଳ ପ୍ରକଳ୍ପ

# ଝରଣାସାହି ଗ୍ରାମବାସୀଙ୍କ ଭରସା ଚୁଆ

**ଉଦଳା,(ନିରୁପମା ରଣା) :** ରାଜ୍ୟରେ ଖରାର ତାତି ସାଙ୍ଗକୁ ବିଭିନ୍ନ ସ୍ଥାନରେ ପାନୀୟ ଜଳ ସମସ୍ୟା ଏକ ଉତ୍କଟ ରୂପ ନେଇଛି। ବୁନ୍ଦାଏ ପାଣି ପାଇଁ ତହଲ ବିକଳ ହେଉଛନ୍ତି ଗ୍ରାମବାସୀ। କିଏ ପାଣି ପାଇଁ ଦୁଇ କିଲୋମିଟର ଚାଲିଚାଲି ଯାଉଛି ତ ଆଉ କିଏ ଚୁଆ ପାଣି ପିଉଛି। ମୟୁରଭଞ୍ଜ ଜିଲ୍ଲା ଉଦଳା ବ୍ଲକର ଏ ହେଉଛି ଝରଣାସାହି ଗ୍ରାମର ଦୃଶ୍ୟ। ଏହି ଗ୍ରାମରେ ୬୦ ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ରହୁଥିବାବେଳେ ମୁଖ୍ୟ ସମସ୍ୟା ପାନୀୟ ଜଳ। ଦୀର୍ଘ ଦିନରୁ ଏହି ଗ୍ରାମରେ ପାନୀୟ ଜଳ ସମସ୍ୟା ରହିଥିବାବେଳେ ଉକ୍ତ ଗ୍ରାମରେ ବ୍ଲକ ପ୍ରଶାସନ ପକ୍ଷରୁ ଏକ ନଳକୂପ କରାଯାଇଥିବାବେଳେ ତାହା ଏ ପର୍ଯ୍ୟନ୍ତ ତାହା ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଯାହାଫଳରେ କି ଗ୍ରାମବାସୀ ମାନେ ପ୍ରଶାସନଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଏହାର ସୁଫଳ ପାଇପାରିନାହାନ୍ତି। ଟୋପାଏ ପାଣି ପାଇଁ ଗ୍ରାମବାସୀଙ୍କୁ କରିବାକୁ ପଡୁଛି ଓହରହ ସଂଘର୍ଷ ଏବେ ଖରାର ତାତି ବଢିଥିବାବେଳେ ପାନୀୟ ଜଳ ସମସ୍ୟା ଗ୍ରାମବାସୀଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛି। ତେବେ ଦୁଇବର୍ଷ ପୂର୍ବରୁ ଉକ୍ତ ଓ ରି ଡା ପକ୍ଷରୁ ଦୁଇ ଗୋଟି



ସୋଲାର ପାନୀୟ ଜଳ ପ୍ରକଳ୍ପ କରାଯାଇଥିବାବେଳେ ଗୋଟିଏ ସମ୍ପୂର୍ଣ୍ଣ ଅଚଳ ଓ ଅନ୍ୟଟିରେ ଗୋଟିଏ ଦିନ ପାଣି ଆସିଲେ ଆଠ ଦିନ ବନ୍ଦ ରହୁଛି ତାହା ପୁଣି ଗୋଳିଆ ପାଣି। ରାଜ୍ୟ ସରକାର ଗାଁକୁ ଗାଁ ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରିଥିବାବେଳେ ଏହି ଗ୍ରାମରେ ଦେଖିବାକୁ ମିଳିଛି ବ୍ୟତିକ୍ରମ। ଭଲ ଭାବରେ ଏହି ଦୃଶ୍ୟକୁ ଦେଖନ୍ତୁ କେମିତି ପାଣି ପାଇଁ ମହିଳା ମାନେ ହାତରେ ଗରା ବାଲ୍ଟି ଧରି ନିଜେ ତିଆରି କରିଥିବା ଏକ ଚୁଆକୁ ପାଣି ଆଣିବା ପାଇଁ ଯାଉଛନ୍ତି। ତେବେ ବର୍ଷା ଦିନରେ ଏହି ଚୁଆ ପାଣି ପିଇବା ପାଇଁ ସମ୍ଭବ ହୋଇପାରୁନଥିବାବେଳେ ଖରାଦିନ ମଧ ଏହା ଶୁଖିଲା ରୁହେ। ତେବେ ନିର୍ବାଚନ ଆସିଲେ ବିଭିନ୍ନ ରାଜନୈତିକ ଦଳର ନେତା ମାନେ ପାନୀୟ ଜଳ ପାଇଁ ପ୍ରତିଶ୍ରୁତି ଦେଇଥାନ୍ତି। ତେବେ ଗ୍ରାମବାସୀ ମାନଙ୍କର ପାନୀୟ ଜଳ ସମସ୍ୟା ଯଥା ପୂର୍ବଂ ତଥା ପରଂ ଭଳି ରହିଯାଇଥାଏ। ତେବେ ଏସମ୍ପର୍କରେ ଆମେ ଉଦଳା ବିଡିଓଙ୍କୁ ପଚାରିବାରୁ ସେ ଉକ୍ତ ଓ ରି ଡା କମ୍ପାନୀକୁ ମରାମତି ନିମନ୍ତେ ଅବଗତ କରାଇବା ସହ କିପରି ଗ୍ରାମବାସୀ ମାନେ ଠିକ ଭାବରେ ପାନୀୟ ଜଳ ପାଇପାରିବେ ତାହା ଯଥା ଶୀଘ୍ର ବ୍ୟବସ୍ଥା କରାଯିବବୋଲି ପ୍ରକାଶ କରିଛନ୍ତି।

## ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ମରାମତି ନିମ୍ନମାନର

# ମରାମତି ସରୁସରୁ ଉଠିଲାଣି ପିଚୁ

**ଭଦ୍ରକ :** ବନ୍ତ ବ୍ଲକ କାଦବରାଙ୍ଗ ଠାରୁ ଆଡ଼ିଆ ପର୍ଯ୍ୟନ୍ତ ଲମ୍ବିଥିବା ପୂର୍ତ୍ତବିଭାଗ ରାସ୍ତାର ବାଙ୍କତିରା ଠାରୁ ଆପ୍ତିରାଷଡ଼ଙ୍ଗୀ ପର୍ଯ୍ୟନ୍ତ ଲମ୍ବିଥିବା ୨.୭କି.ମି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ୨୦୧୮ଫେବୃଆରୀ ୨୮ ତାରିଖ ଠାରୁ ଆରମ୍ଭ ହୋଇ ୨୦୨୩ ଫେବୃଆରୀ ୨୭ତାରିଖରେ ଶେଷ ହେବାର ଧାର୍ଯ୍ୟ ହୋଇଛି । ରାସ୍ତା ନିର୍ମାଣ ସମୟରେ ଧାର୍ଯ୍ୟ ସମୟ ଠାରୁ ବହୁ ବିଳମ୍ବରେ ଏହି ରାସ୍ତା ନିର୍ମାଣ କରାଯାଇଥିଲା ଓ ନିର୍ମାଣ ସରୁସରୁ ପିଚ ରାସ୍ତାର ଉଭୟ ପାର୍ଶ୍ୱ ଦବି ଯାତାୟାତରେ ଅସୁବିଧା ସୃଷ୍ଟି କରିଥିଲା । ଏହି ରାସ୍ତା ନିର୍ମାଣ ସମୟରେ ଜଳ ନିଷ୍କାସନର ସୁବନ୍ଦୋବସ୍ତ ମଧ୍ୟ କରାଯାଇନଥିଲା । ରାସ୍ତାଟିର ରକ୍ଷଣାବେକ୍ଷଣ ଦାୟିତ୍ୱକୁ ଦୁଇ ବର୍ଷରୁ ଅଧିକ ସମୟ ପୁରିବାକୁ ବସିଥିଲେ ସୁଦ୍ଧା ଏହାର ରକ୍ଷଣାବେକ୍ଷଣ ହେଉନଥିବାରୁ ରାସ୍ତାର ଉଭୟ ପାର୍ଶ୍ୱ ଦବି ଗମନାଗମନରେ ବାଧା ସୃଷ୍ଟି କରୁଥିଲା । ରାସ୍ତାରୁ ପିଚୁ ଉଠିବା ସହିତ ରାସ୍ତା ଉପରୁ ମେଷ୍ଟାଲ ଉଠିଯାଇ ଖାଲଖମାରରେ ପରିଣତ ହେବାସହ ପକ୍କା ରାସ୍ତା ଫାଟି ଆଁ କରିବା ସହ



ଯାତାୟାତ ଅନୁପଯୋଗୀ ହେବାରେ ଲାଗିଥିଲା । ଯଦ୍ୱାରା ଗ୍ରାମବାସୀ ଓ ଛାତ୍ରଛାତ୍ରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହି ରାସ୍ତା ଉପରେ କାଦବରାଙ୍ଗ, ଆଡ଼ିଆ, ବଡ଼ବର୍ଛିକୟାଁ ଓ ପୁରୁଷଣ୍ଡ ପଂଚାୟତର ଗ୍ରାମବାସୀ ନିର୍ଭର କରିଥାନ୍ତି । ଏହି ରାସ୍ତାଟିକୁ ମରାମତି କରିବା ସହ ଜଳ ନିଷ୍କାସନର ସୁବନ୍ଦୋବସ୍ତ କରିବା ପାଇଁ ସ୍ଥାନୀୟ ବାସୀନ୍ଦା ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ । ଇତି ମଧ୍ୟରେ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ଏହା ଅତି ନିମ୍ନ ମାନର ହୋଇଥିବାରୁ ବହୁ ଜାଗାରେ ମରାମତି ସରୁସରୁ ପିଚ ଉଠିବା ଆରମ୍ଭ କଲାଣି । ତେଣୁ ଗ୍ରାମବାସୀ ମରାମତି ଦାୟିତ୍ୱ କାର୍ଯ୍ୟ ନିର୍ବାହ କରୁଥିବା ଠିକାଦାର ଠିକ୍ ଭାବେ କାର୍ଯ୍ୟ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ଠାରେ ଦାବି କରିଛନ୍ତି।



# ମୋ ପ୍ରତି ଅନ୍ୟାୟ କରିଛି କଂଗ୍ରେସ : ପୂର୍ଣ୍ଣଚନ୍ଦ୍ର

## ଅଳ୍ପ ଆଳାପ

ତାଙ୍କ ଭାଷାରେ ଲୋକଙ୍କ ସେବା ପାଇଁ ରାଜନୀତି ଅପରିହାର୍ଯ୍ୟ ନୁହେଁ। ସମସ୍ତଙ୍କୁ ଭଲପାଇବା ଓ ସାମର୍ଥ୍ୟ ଅନୁସାରେ ସମାଜ ପାଇଁ କିଛି କରିବା ହେଉଛି ସବୁଠୁ ବଡ଼କଥା। ସେଭଳି ଜଣେ ବ୍ୟକ୍ତି ହେଉଛନ୍ତି ପିପିଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶୁଆବରାଇ ଗ୍ରାମର ୬୫ ବର୍ଷୀୟ କଂଗ୍ରେସ ନେତା ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ। ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜରେ ପଢ଼ିବା ବେଳୁ ଜନସେବା ଓ ରାଜନୀତି ପ୍ରତି ନିଜର ଆଗ୍ରହ ରଖିଥିଲେ। ପରେ ଦୀର୍ଘ ୪୦ ବର୍ଷ ହେଲା ରାଜ୍ୟ କଂଗ୍ରେସ ସହିତ ରହି ପିପିଲି-ଡେଲାଙ୍ଗ ଅଞ୍ଚଳର ଲୋକଙ୍କ ସେବା କରିବା ସହିତ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ପଞ୍ଚାୟତ ନିର୍ବାଚନରେ ୫ଥର ନିର୍ବାଚନ ଜିଣିଥିବା ଶ୍ରୀ ସ୍ୱାଇଁ ପୁରୀ ଜିଲ୍ଲା କଂଗ୍ରେସ ଉପସଭାପତି, ପିପିଲି ବ୍ଲକ ସଭାପତି ପଦରେ ଅଛନ୍ତି। କୃଷିକୁ ଅଧିକ ଭଲ ପାଉଥିବା ପୂର୍ଣ୍ଣଚନ୍ଦ୍ର ପ୍ରତିଦିନ ସକାଳୁ ନିଜ ଖେତରେ ଘେରାଏ ନ ବୁଲିଲେ ତାଙ୍କୁ ଭଲ ଲାଗେନାହିଁ। ସକ୍ରିୟ ରାଜନୀତି ବ୍ୟତୀତ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଅନୁଷ୍ଠାନ ସହ ତାଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ସମ୍ପୃକ୍ତି ରହିଛି। ଲୋକଙ୍କ ଭଲପାଇବାକୁ ସମ୍ମାନ ଜଣାଇ ନିଜ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ କାର୍ଯ୍ୟରେ ସାମିଲ ହେଉଥିବା ଏଭଳି ଜଣେ ଲୋକପ୍ରିୟ ନେତାଙ୍କ ସହ 'ଏକମାତ୍ର'ର ଅଳ୍ପ ଆଳାପ।



**ସାକ୍ଷାତକାର : ତାରକ ମହାନ୍ତି**

***ଦୀର୍ଘ ଚାଳିଶ ବର୍ଷ ହେଲା ଆପଣ କଂଗ୍ରେସ ଦଳ ସହ ରହିଛନ୍ତି। କିଛି ନେତାଙ୍କ ଭଳି ସ୍ୱାର୍ଥ ପାଇଁ ଦଳ ବି ପରିବର୍ତ୍ତନ କରିନାହାନ୍ତି, ହେଲେ ୨୦୧୯ ସାଧାରଣ ନିର୍ବାଚନ ଓ ବର୍ତ୍ତମାନର ଉପନିର୍ବାଚନରେ ଆପଣ କଂଗ୍ରେସ ତରଫରୁ ପ୍ରାର୍ଥୀ ହେବା ନେଇ ଜୋରଦାର ଚର୍ଚ୍ଚା ହେଉଥିଲା ବେଳେ ଦଳ କିନ୍ତୁ ଆପଣଙ୍କୁ ଟିକଟ ନଦେଇ ଅଜିତ ମଙ୍ଗରାଜଙ୍କୁ ନିର୍ବାଚନ ଲଢ଼ିବାକୁ ସୁଯୋଗ ଦେଇଛି। ତେବେ ଆପଣ ଟିକଟ ନ ପାଇବା ପଛର କାରଣ କ'ଣ?***

ରାଜ୍ୟ କଂଗ୍ରେସରେ ମୁଁ ଜଣେ ଶୃଙ୍ଖଳିତ ସଭ୍ୟ ଭାବେ ଦୀର୍ଘବର୍ଷ ଧରି ପିପିଲି ନିର୍ବାଚନ ମଣ୍ଡଳୀର ଲୋକଙ୍କ ପାଇଁ କାର୍ଯ୍ୟ କରୁଛି। ଗତ ସାଧାରଣ ନିର୍ବାଚନ ଓ ବର୍ତ୍ତମାନର ଉପନିର୍ବାଚନରେ ମୋତେ ପ୍ରାର୍ଥୀ କରାଯିବା ନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ଶ୍ରୀ ପଟ୍ଟନାୟକ ମଧ୍ୟ ମୋତେ ସବୁଜ ସଙ୍କେତ ଦେଇସାରିଥିଲେ। କମିଟି ମଧ୍ୟ ମୋ ନାଁରେ ମୋହର ମାରି କେନ୍ଦ୍ରୀୟ ନେତା ରୁଦ୍ର ରାଜୁଙ୍କୁ ଅବଗତ କରାଇଥିଲେ। ହେଲେ ପରେ ତାଙ୍କ ଭିତରେ କଣ ହେଲା କେଜାଣି ତାଲିକାରୁ ମୋ ନାମ ଉଭାନ ହୋଇ ଅନ୍ୟ ଜଣଙ୍କୁ ପ୍ରାର୍ଥୀ କରାଯାଇଛି। ତେଣୁ ଏହା ପଛରେ ନିଶ୍ଚୟ କିଛି ମନ୍ଦ ଉଦ୍ଦେଶ୍ୟ ରହିଛି। ମୁଁ ଯାହା ଆଶଙ୍କା କରୁଛି, ଏଆଇସିସିକୁ ମୋ ସପକ୍ଷରେ ତଥ୍ୟ ଯାଇନାହିଁ କିମ୍ବା ଅର୍ଥ ବଳରେ ଏଭଳି କରାଯାଇଛି। ରାଜ୍ୟ କଂଗ୍ରେସ ମୋ ପ୍ରତି ଅନ୍ୟାୟ କରିଛି ବୋଲି ମୋ ନିର୍ବାଚନ ମଣ୍ଡଳୀର ଜନସାଧାରଣ କହୁଛନ୍ତି। ତେଣୁ ଅଧିକ କିଛି କହିବିନାହିଁ।

***ପିପିଲି-ଡେଲାଙ୍ଗ ଅଞ୍ଚଳରେ ଆପଣଙ୍କର ଯଥେଷ୍ଟ ଲୋକପ୍ରିୟତା ରହିଥିବା କଂଗ୍ରେସ ଦଳ ଭଲ ଭାବେ ଜାଣିଛି। ହେଲେ ନିର୍ବାଚନରେ ଟିକଟ ନଦେବା ପଛରେ କିଛି ଚକ୍ରାନ୍ତ ହୋଇଥିବା ଅନୁଭବ କରୁଛନ୍ତି କି?***

ନିଶ୍ଚୟ କିଛି ଚକ୍ରାନ୍ତ ରହିଛି। କାରଣ ନାମ ଘୋଷଣା ହେବା ପର୍ଯ୍ୟନ୍ତ ନିରଞ୍ଜନ ବାବୁ ମୋତେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା କେଉଁ ପରିସ୍ଥିତିରେ ମୋ ନାଁ କଟିଲା ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ତେଣୁ ମୋ ପ୍ରତି ଦଳ ଅନ୍ୟାୟ କରିଛି ବୋଲି କହିବି।

***ଅତୀତରେ କଂଗ୍ରେସ ଦୁର୍ଗ ଭାବେ ପରିଚିତ ପିପିଲି-ଡେଲାଙ୍ଗ ଏବେ ସ୍ୱର୍ଗତଃ ପ୍ରଦୀପ ମହାରଥୀଙ୍କ ଗଡ଼ ଭାବେ ଜଣାଶୁଣା। ଏଭଳି କୁହାଯିବା ପଛରେ କାରଣ କ'ଣ?***

କାରଣ ଏଇଆ ଯେ, ସ୍ୱର୍ଗତଃ ପ୍ରଦୀପ ମହାରଥୀ ଦୀର୍ଘବର୍ଷ ହେଲା ଏହି ନିର୍ବାଚନ ମଣ୍ଡଳୀରୁ ଜିତିବା ସହିତ ରାଜ୍ୟ ଶାସନର ଏକ ବଳିଷ୍ଠ ଚେହେରା ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ସେ ବିଧାୟକରୁ ମନ୍ତ୍ରୀ ହୋଇ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବା ସହ ଏ ଅଞ୍ଚଳର ବିକାଶକୁ ମଧ୍ୟ ପ୍ରାଧାନ୍ୟ ଦେଉଥିଲେ। ତେଣୁ ଦୀର୍ଘବର୍ଷ କ୍ଷମତାରେ ରହିଲେ ଯେକୌଣସି ବ୍ୟକ୍ତିର ଗଡ଼ ବୋଲି କୁହାଯିବା ସ୍ୱାଭାବିକ।

***ବର୍ତ୍ତମାନ ପିପିଲି ଉପନିର୍ବାଚନରେ ବିଜେଡି, ବିଜେପି ଓ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ନେତାଙ୍କ ମଧ୍ୟରୁ କିଏ ଜନସାଧାରଣଙ୍କ ସେବା କରିବାକୁ ଉପଯୁକ୍ତ ବା କିଏ ଉତ୍ତମ ପ୍ରାର୍ଥୀ ବୋଲି ବ୍ୟକ୍ତିଗତ ଭାବେ ଆପଣ କାହାକୁ ଚୟନ କରିବେ?***

ଦେଖନ୍ତୁ, ନିର୍ବାଚନ ଏକ ପ୍ରକ୍ରିୟା। ପ୍ରାର୍ଥୀମାନେ ନିଜ ଯୋଗ୍ୟତା ଆଧାରରେ ଦଳୀୟ ଟିକଟ ପାଇଛନ୍ତି। ନିର୍ବାଚନ ମଣ୍ଡଳୀର ସଚେତନ ଭୋଟର ସବୁ ଜାଣିଛନ୍ତି। ତେଣୁ ନିର୍ଦ୍ଦିଷ୍ଟ ଭାବେ କେଉଁ ଜଣେ ପ୍ରାର୍ଥୀ ଉପଯୁକ୍ତ ବୋଲି ମୁଁ କହିବା ଠିକ୍ ହେବନାହିଁ। ଜନାଦେଶ ଯେଉଁ ନେତାଙ୍କ ସପକ୍ଷରେ ଯିବ, ସେ ହିଁ ଉତ୍ତମ ପ୍ରାର୍ଥୀ ବୋଲି କହିବା ଠିକ୍। ଭୋଟ ପୂର୍ବରୁ କାହାକୁ ଭଲ ପ୍ରାର୍ଥୀ ବା ମନ୍ଦ ପ୍ରାର୍ଥୀ କହି ରାଜନୈତିକ ବିବାଦ ସୃଷ୍ଟି କରିବା ଠିକ୍ ନୁହେଁ। ଆମ ନିର୍ବାଚନ ମଣ୍ଡଳୀର ଜନସାଧାରଣ ନିଶ୍ଚୟ ଉପଯୁକ୍ତ ପ୍ରାର୍ଥୀଙ୍କୁ ଜିତାଇବେ ବୋଲି ମୋର ଆଶା ରହିଛି।

***ଲୋକଙ୍କ ସେବା କରିବା ପାଇଁ ରାଜନୀତି କରିବାର ନିହାତି ଆବଶ୍ୟକତା ରହିଛି କି?***

ସେବା ଏକ ମହାନ ଶବ୍ଦ। ସମସ୍ତେ ସେବା କରିବାର ସୁଯୋଗ ପାଇନଥାନ୍ତି। ସେଭଳି ଭାବନା ଥିବା ବ୍ୟକ୍ତି ସର୍ବଦା ଲୋକଙ୍କ ସୁଖ ଦୁଃଖରେ ସାମିଲ ହୋଇ କାର୍ଯ୍ୟ କରନ୍ତି। ତେଣୁ ନିର୍ଦ୍ଦିଷ୍ଟ ଭାବେ ସେବା କରିବାକୁ ରାଜନୀତି ଦରକାର ବୋଲି କହି ନହେଲେ ବି ରାଜନୈତିକ ବ୍ୟକ୍ତି ଲୋକଙ୍କ ପାଇଁ ଅଧିକ କିଛି କରିବାର ସୁବିଧା ସୁଯୋଗ ପାଇଥାନ୍ତି। କାରଣ ପ୍ରତ୍ୟକ କାର୍ଯ୍ୟ ପାଇଁ ଶ୍ରମ, ଅର୍ଥ ଓ ସମୟ ଦରକାର। ଯାହାଫଳରେ ଲୋକଙ୍କ ସମସ୍ୟାର ସମାଧାନ ସହଜରେ ହୋଇପାରେ। ହେଲେ ସେବା ପାଇଁ ରାଜନୀତି ଅପରିହାର୍ଯ୍ୟ ନୁହେଁ। କ୍ଷମତାରେ ନଥାଇ ସୁଦ୍ଧା ବ୍ୟକ୍ତିଗତ ଉଦ୍ୟମରେ ଅନେକ ଲୋକଙ୍କ ସମସ୍ୟାର ସମାଧାନ କରିହୁଏ। ଦୀର୍ଘବର୍ଷ ଧରି ଲୋକଙ୍କ ସେବା କାର୍ଯ୍ୟରେ ମୁଁ ଜଡିତ ରହିଛି। ତେଣୁ ଲୋକଙ୍କ ଭଲପାଇବା ମୋର ପୁଞ୍ଜି, ସେଥିରେ ହିଁ ଆତ୍ମତୃପ୍ତି ପାଉଛି।

***ଦୀର୍ଘବର୍ଷ ଧରି ଶାସନ କ୍ଷମତାରେ ଥିବା ପୂର୍ବତନ ମନ୍ତ୍ରୀ ତଥା ପିପିଲି ବିଧାୟକ ସ୍ୱର୍ଗତଃ ପ୍ରଦୀପ ମହାରଥୀ ନିଜ ନିର୍ବାଚନ ମଣ୍ଡଳୀର ବିକାଶ ଠିକ୍ ଭାବେ କରିଛନ୍ତି ବୋଲି ଆପଣ ସ୍ୱୀକାର କରନ୍ତି କି?***

ନିଶ୍ଚୟ ସ୍ୱର୍ଗତଃ ମହାରଥୀଙ୍କ ସମୟରେ ପିପିଲି-ଡେଲାଙ୍ଗ ଅଞ୍ଚଳରେ ଅନେକ ବିକାଶ ମୂଳକ କାର୍ଯ୍ୟ ହୋଇଛି। ବିଧାୟକ ପାଣ୍ଠି ଓ ସାଂସଦ ପାଣ୍ଠିରୁ ମିଳିଥିବା ଅର୍ଥ ଏ ଅଞ୍ଚଳର କାର୍ଯ୍ୟରେ ତ ବିନିଯୋଗ ହୋଇଛି। ଆଗରୁ ମଧ୍ୟ କଂଗ୍ରେସ ସମୟରେ ଏଠାରେ ବିକାଶର ମୂଳଦୁଆ ପଡିଥିଲା। ସେହି ଧାରାରେ ବିଚାର କଲେ ସମୟ ଅନୁସାରେ ଆମ ନିର୍ବାଚନ ମଣ୍ଡଳୀର ଅନେକ ବିକାଶ ହୋଇଛି। ଏହାକୁ କେହି ଅସ୍ୱୀକାର କରିବେନାହିଁ।

***ଆପଣଙ୍କ ବ୍ୟତୀତ ପରିବାରର ଆଉ କେହି ରାଜନୀତି କ୍ଷେତ୍ରରେ ଅଛନ୍ତି କି?***

ହଁ, ଅଛନ୍ତି। ମୋ ବୋହୂ ସୁଜାତା ସ୍ୱାଇଁ ଏବେ ପଞ୍ଚାୟତ ସମିତି ସଭ୍ୟା। ସେ ଆଗରୁ ନୋମିନି ମଧ ରହିଥିଲେ। କିନ୍ତୁ ମୋ ପୂର୍ବରୁ ଆମ ପରିବାରରୁ କେହି ସକ୍ରିୟ ରାଜନୀତି କରୁନଥିଲେ। ଲୋକଙ୍କ ଭଲପାଇବା ହିଁ ମୋତେ ଏ କ୍ଷେତ୍ରକୁ ଟାଣି ଆଣିଛି।

***ଆପଣ ନିଜର ରାଜନୈତିକ ଗୁରୁ ଭାବେ କାହାକୁ ସ୍ୱୀକାର କରନ୍ତି?***

ପୂର୍ବତନ ମୁଖ୍ୟମନ୍ତ୍ରୀ, ବାଗ୍ମୀ ସ୍ୱର୍ଗତଃ ଜାନକୀ ବଲ୍ଲଭ ପଟ୍ଟନାୟକ ଏବଂ ମୋ ଅଞ୍ଚଳର ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟ ହିଁ ମୋର ରାଜନୈତିକ ଗୁରୁ ବୋଲି କହିବି। ତାଙ୍କ ଠାରୁ ଜନସାଧାରଣଙ୍କ ସେବା କରିବାର ଅନେକ ମନ୍ତ୍ର ପାଇଛି। ଲୋକଙ୍କ ସମସ୍ୟାର ସମାଧାନ କ୍ଷେତ୍ରରେ ଏହା ମୋ ପାଇଁ ବେଶ ଉପଯୋଗୀ ହୋଇଛି।

***ପିପିଲି ନିର୍ବାଚନ ମଣ୍ଡଳୀ ଏକ ରାଜନୈତିକ ହିଂସାପ୍ରବଣ ନିର୍ବାଚନ ମଣ୍ଡଳୀ କୁହାଯାଉଥିଲେ ବି ଏବେ ଏହା ଶାନ୍ତ। ତେବେ ଏଭଳି କୁହାଯିବା ପଛରେ କିଛି ସତ୍ୟତା ରହିଛି କି?***

କିଛି ସତ୍ୟତା ନାହିଁ। ନିର୍ବାଚନ ମଣ୍ଡଳୀ କେବଳ ପୁରୀ ଜିଲ୍ଲା ନୁହେଁ, ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ମଣ୍ଡଳୀ। ରାଜନୈତିକ ବିବାଦ କେଉଁଠି ନାହିଁ? ତେଣୁ ଯେଉଁ ହିଂସା କଥା କହୁଛନ୍ତି ତାହା ରାଜନୀତି ପାଇଁ ନୁହେଁ। କିଛି ଲୋକ ବ୍ୟକ୍ତିଗତ ସ୍ୱାର୍ଥକୁ ନେଇ ଗଣ୍ଡଗୋଳ କରନ୍ତି ଓ ପରେ ଏହାକୁ ରାଜନୈତିକ ରଙ୍ଗ ଦିଆଯାଏ। ବାସ୍ତବରେ ଏଠାରେ ରାଜନୀତିକୁ ନେଇ ହିଂସାକାଣ୍ଡ ହୋଇନାହିଁ। ବର୍ତ୍ତମାନ ଆମ ଅଞ୍ଚଳର ଭୋଟର ଖୁବ ସଚେତନ। ତେଣୁ ଲୋକ ବୁଝିଗଲେଣି ଯେ, ହିଂସା ଦ୍ୱାରା ରାଜନୀତି ସଫଳ ହୁଏନାହିଁ।

***ଜଣେ ନେତା ଭାବେ ଉପନିର୍ବାଚନ ପରିପ୍ରେକ୍ଷୀରେ ପିପିଲି-ଡେଲାଙ୍ଗବାସୀଙ୍କୁ କେଉଁ ପରାମର୍ଶ ଦେବେ?***

ଉପଯୁକ୍ତ ପ୍ରାର୍ଥୀ ଦେଖି ଭୋଟ ଦିଅନ୍ତୁ। ଯେଉଁ ନେତା ଦୃଢ଼ ନେତୃତ୍ୱ ନେବା ସହିତ ଅଞ୍ଚଳର ଲୋକଙ୍କ ସୁଖ ଦୁଃଖରେ ସାମିଲ ହୋଇପାରିବେ, ସେଭଳି ନେତାଙ୍କୁ ଚୟନ କରନ୍ତୁ। ଆମ ସମସ୍ୟାର ସମାଧାନ କରିପାରୁଥିବା ନେତା ଓ ଅଭାବ ଅସୁବିଧା ବେଳେ ପାଖରେ ଠିଆ ହୋଇପାରୁଥିବା ବ୍ୟକ୍ତିଙ୍କୁ ହିଁ ନେତା ଭାବେ ବାଛନ୍ତୁ। ତଦ୍ୱାରା ଅଞ୍ଚଳର ବିକାଶ ହୋଇପାରିବ। ଭଲ ମଣିଷ ହିଁ ଭଲ ନେତୃତ୍ୱ ନେଇପାରନ୍ତି।



*ପିପିଲି ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ କଂଗ୍ରେସ ନେତା ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସହ 'ଏକମାତ୍ର' ସମ୍ପାଦକ ତାରକ ମହାନ୍ତି।*





ଭୁବନେଶ୍ୱର : ଜୟଦେବ ଭବନରେ ଆରପାଖ ସାହିତ୍ୟ ସଂସଦର ଚତୁର୍ଥ ବାର୍ଷିକ ଉତ୍ସବରେ କବିତା ପୁସ୍ତକ 'ଫଗୁଣର ସ୍ୱପ୍ନ' ଲୋକାର୍ପଣ ଓ ସମ୍ବର୍ଦ୍ଧିତ ହେବା ଅବସରରେ ଡ. ମାଙ୍ଗଳିକା ମହାପାତ୍ର।

## 'ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବା ଆମର ପ୍ରୟାସ'

**ଭୁବନେଶ୍ୱର :** ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଲେ ସମାଜରେ ପରିବର୍ତ୍ତନ ଆସିପାରିବ। ରାଜ୍ୟ ସରକାରଙ୍କ ମିଶନ ଶକ୍ତି ସହଯୋଗରେ ମହିଳା ସଂଗଠନ ଗୁଡିକୁ ମଜଭୁତ କରାଯାଇ ପାରିଲେ ପରିବାରର ଆର୍ଥିକ ବିକାଶ ହେବା ସହିତ ସେମାନେ ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ବୋଲି ଧଉଳି ସ୍ଥିତ ନଖାଭର ଗ୍ରାମରେ କିଛି ମହିଳା ସଂଗଠନକୁ ନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହା କହିଛନ୍ତି ହ୍ୟୁମାନ ରାଇଟ୍ କାଉନ୍ସିଲର ଅଧକ୍ଷା ସିଲ୍‌ସିଲା ବେହେରା। ଏଥିସହିତ ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଅନୁଷ୍ଠାନ ପକ୍ଷରୁ ଅଭିଲିପ୍ସା ପ୍ରଧାନ ନାମକ ଜଣେ ଯୁବତୀଙ୍କ ସମ୍ପର୍କରେ କହିଥିଲେ ଶ୍ରୀମତୀ ବେହେରା। ଅଭିଲିପ୍ସା ଜରେ ମେଧାବୀ ଛାତ୍ରୀ ହୋଇଥିଲା ବେଳେ ସେ ଟ୍ରାକ୍ଟର, ବୁଲେଟ୍ ଆଦି ଗାଡି ଚଳାଇବା ସହିତ ପୁରୁଷମାନଙ୍କ ଭଳି ବିଲରେ କିଭଳି ଚାଷ କାର୍ଯ୍ୟ କରିପାରନ୍ତି ତାହାର ଉଦାହରଣ ଦେଇଥିଲେ। ନିଜର ସଂଗଠନ ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନଙ୍କ ସ୍ୱର ସହିତ ସ୍ୱର ମିଳାଇ ଆଗକୁ ବଢ଼ିପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିବା ସହିତ ଶ୍ରୀମତୀ ବେହେରା କହିଥିଲେ ଯେ, କରୋନା କାଳରେ ମହିଳାମାନଙ୍କ ଜୀବିକା ବଞ୍ଚାଇବା ପାଇଁ ସେ କିଭଳି ଉଦ୍ୟମ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମହିଳା ସଂଗଠନର ଅଧକ୍ଷା ରଞ୍ଜୁକ୍ତା ମହାରଣା, ସମ୍ପାଦିକା ଶ୍ରଦ୍ଧାଞ୍ଜଳି ପ୍ରଧାନ, କୋଷାଧକ୍ଷା ତପସ୍ୱୀନି ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲା ବେଳେ ହ୍ୟୁମାନ୍ ରାଇଟ୍‌ସ କାଉନସିଲ୍ ପକ୍ଷରୁ ଅଶୋକ କୁମାର ସାହୁ ଓ ଦେବବ୍ରହ୍ମା ପଣ୍ଡା ଯୋଗ ଦେଇଥିଲେ।













Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି